78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୯୦ ● କଟକ ● ବୁଧବାର ● ୨୮ମଇ-୨୦୨୫ ● ବୃଷ-୧୬ ● ସାଲ୍-୧୪୩୧

CUTTACK ● WEDNESDAY ● 28 MAY-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ବନ୍ଦ କାର୍‌ରେ ଆତ୍ମହତ୍ୟା !

## ☑ ବିଷପିଇ ଜୀବନ ହାରିଲେ ଗୋଟିଏ ପରିବାରର ୭ଜଣ

**ନୂଆଦିଲ୍ଲୀ,(ଏଜେନ୍ସି):**

ଜୀବନ ହାରିଲେ ଗୋଟିଏ ପରିବାରର ୭ଜଣ । ଗାଡ଼ି ଭିତରୁ ଉଦ୍ଧାର ହୋଇଛି ସମସ୍ତଙ୍କର ମୃତଦେହ। ହରିୟାଣାର ପଞ୍ଚକୁଲା ସେକ୍ଟର-୨୭ ଅଞ୍ଚଳରେ ପାର୍କ ହୋଇଥିବା ଏକ କାର୍ ଭିତରୁ ୭ଜଣଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡର ଡେରାଡୁନର ବାସିନ୍ଦା ପ୍ରବୀଣ ମିତ୍ତଲ ତାଙ୍କ ବାପାମାଆ, ପତ୍ନୀ, ଦୁଇ ଝିଅ ଓ ପୁଅଙ୍କୁ ନେଇ ପଞ୍ଚକୁଲାର ବାଗେଶ୍ୱର ଧାମକୁ ହନୁମାନ କଥା ପ୍ରବଚନ ଶୁଣିବାକୁ ଆସିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବା ପରେ ସେମାନେ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଋଣଗ୍ରସ୍ତ ହୋଇ ପୂରା ପରିବାର ବିଷପିଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଗତରାତିରେ ଏହି ଘଟଣା ଘଟିଛି। ପଞ୍ଚକୁଲାର ସେକ୍ଟର-୨୭ ଅଞ୍ଚଳରେ ଗାଡ଼ିପାର୍କ କରି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥିଲେ ପରିବାର। ସ୍ଥାନୀୟ ଲୋକମାନେ ଏହି ପାର୍କିଂ ଗାଡ଼ିକୁ ଦେଖି ସନ୍ଦେହ ଉପୁଜିବାରୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ର ଡୋର୍ ଭାଙ୍ଗିବା ପରେ ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ହସ୍ପିଟାଲରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ପଞ୍ଚକୁଲାର ଏକ ଘରୋଇ ହସ୍ପିଟାଲ୍‌ରେ ପୋଷ୍ଟମର୍ଟମ ପାଇଁ ୭ ଜଣଙ୍କ ମୃତଦେହକୁ ପଠାଯାଇଛି। କୁହାଯାଉଛି, ୨୦କୋଟି ଋଣ ପାଇଁ ବିଷ ପିଇ ଜୀବନ ହାରିଦେଲେ ପୂରା ପରିବାର। କାର୍ ଭିତରୁ ୬ଜଣ ଓ କାର୍ ବାହାରୁ ପରିବାର ମୁଖିଆ ପ୍ରବୀଣ ମିତ୍ତଲଙ୍କ ମୃତଦେହ ଉଦ୍ଧାର ହୋଇଛି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ହରିୟାଣାର ପଞ୍ଚକୁଲାସେକ୍ଟର-୨୭ ଅଞ୍ଚଳରେ। ମୃତ ପରିବାରର ମୁଖିଆ ଜଣେ ସ୍ଥାନୀୟ ବାସିନ୍ଦାଙ୍କୁ ମୃତ୍ୟୁର ୫ମିନିଟ୍ ପୂର୍ବରୁ ଫୋନ୍ କରି କହିଥିଲେ ୨୦କୋଟି ଋଣ ଯୋଗୁ ଆମେ ମରିଯାଉଛୁ। ମୃତକ ୭ଜଣଙ୍କ ମଧ୍ୟରେ ଅଛନ୍ତି ୩ଜଣ ଶିଶୁ । ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଲୋକେ ରାସ୍ତା କଡ଼ରେ କାର୍ ପାର୍କିଂ ହୋଇଥିବା ଦେଖି କାର୍ ବାହାରେ ବସିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏତିକି ବେଳେ କାର୍ ଭିତରେ ୬ ଜଣଙ୍କର ମୃତ୍ୟୁହୋଇସାରିଥିଲା। ତେବେ ବାହାରେ ବସିଥିବା ପରିବାରର ମୁରବୀ କହିଥିଲେ ସେ ବି ୫ ମିନିଟ୍ ଭିତରେ ମରିଯିବେ। ତେବେ ଏହାପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକିଥିଲେ ବି ଆମ୍ବୁଲାନ୍ସ ପହଞ୍ଚିବା ଆଗରୁ ସଂପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ଅନୁଯାୟୀ କିଛି ବର୍ଷ ତଳେ ପ୍ରବୀଣଙ୍କ ହିମାଚଳ ପ୍ରଦେଶର ବଡ୍ଡିରେ ଏକ ସ୍କ୍ରାପ୍ ଫ୍ୟାକଟ୍ରି ଥିଲା। ତେବେ ଋଣ ଭାର ବଢ଼ିବାରୁ ବ୍ୟାଙ୍କ ତାଙ୍କ କାରଖାନାକୁ ଜବତ କରିଥିଲା। ତେବେ ଏହି ଘଟଣା ପରେ ପ୍ରବୀଣ ଡେରାଡୁନରେ ୬ ବର୍ଷ ଧରି ରହୁଥିଲେ। ଏହାରି ଭିତରେ ତାଙ୍କର ୨୦କୋଟି ଟଙ୍କା ଋଣ ହୋଇଯାଇଥିଲା। କିଛି ମାସହେଲା ସେ ପଞ୍ଚକୁଲା ଆସି ସେଠାରେ ଟାକ୍ସି ଚଳାଉଥିଲେ। ତେବେ ବ୍ୟାଙ୍କ୍ ତାଙ୍କ ଘର ଓ ଗାଡ଼ି ମଧ୍ୟ ଜବତ କରିଥିଲା। ତେବେ ଆତ୍ମହତ୍ୟା ପଛର ପ୍ରକୃତ କାରଣ କ'ଣ ସେନେଇ ତଦନ୍ତ କରୁଛି ପୁଲିସ।



**ମୃତକଙ୍କ ମଧ୍ୟରେ ୩ଶିଶୁ**

# ଆୟକର ରିଟର୍ଣ୍ଣ ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୫

**ନୂଆଦିଲ୍ଲୀ,(ଏଜେନ୍ସି):** ଆୟକରଦାତାଙ୍କ ପାଇଁ ଖୁସିଖବର। ତରତର ହେବାର ନାହିଁ । ଘୁଞ୍ଚିଲା ଆୟକର ରିଟର୍ଣ୍ଣ ଦାଖଲର ଶେଷ ତାରିଖ। ଆଗରୁ ୨୦୨୫-୨୬ ବର୍ଷ ପାଇଁ ଆୟକର ଦାଖଲର ଶେଷ ତାରିଖ ଥିଲା ୨୦୨୫ ଜୁଲାଇ ୩୧ । ସିବିଡିଟି ପକ୍ଷରୁ ଆୟକର ରିଟର୍ଣ୍ଣ ଦାଖଲର ଶେଷତାରିଖ ସେପ୍ଟେମ୍ବର ୧୫ ତାରିଖ ବୋଲି ଘୋଷଣା କରାଯାଇଛି। ସିଷ୍ଟମ ଡେଭେଲପମେଣ୍ଟ ଓ ଆଇଟିଆର୍ ଫର୍ମ ରିଭିଜନ୍ ଚାଲିଥିଲା ବେଳେ ଏହି ଘୋଷଣା କରାଯାଇଛି। ଏହାଦ୍ୱାରା ଆୟକର ଦାତାମାନେ ସୁବିଧାରେ ଓ ଠିକଭାବେ ସେମାନଙ୍କ ରିଟର୍ଣ୍ଣ ଦାଖଲ କରିପାରିବେ ବୋଲି କୁହାଯାଇଛି । ଏହା ପରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ଏହି ତାରିଖ ଘୁଞ୍ଚିବା ପରେ ଆୟକର ଦାତାମାନଙ୍କୁ ଅଧିକ ସମୟ ମିଳିବ। ୨୦୨୫-୨୬ ବର୍ଷ ପାଇଁ ଆୟକର ବିଭାଗ ପକ୍ଷରୁ ସମସ୍ତ ୭ ପ୍ରକାରର ଆଇଟିଆର୍ ଫର୍ମ ପ୍ରକାଶ ପାଇଛି। ଫର୍ମ-୧ର ନାଁ ରହିଛି ସହଜ। ନିଜର ଘର ଥିବା, ଦରମା ବର୍ଷକୁ ୫୦ଲକ୍ଷ ଭିତରେ ଥିବା ଓ ଅନ୍ୟାନ୍ୟ ସୂତ୍ରରୁ ଆୟ ଥିବା ଲୋକ ଏହି ଫର୍ମରେ ରିଟର୍ଣ୍ଣ ଦାଖଲ କରିବେ। ଯେଉଁ ବ୍ୟକ୍ତିବିଶେଷ ଓ ହିନ୍ଦୁ ଅନଡିଭାଇଡେଡ ଫାମିଲି ସଦସ୍ୟ କୌଣସି ପ୍ରଫେସନ କିମ୍ବା ବ୍ୟବସାୟରୁ ଆୟ କରିନାହାନ୍ତି, କିନ୍ତୁ କ୍ୟାପିଟାଲ୍ ଗେନ୍ ଅଛି, ସେମାନେ ଫର୍ମ-୨ରେ ଆୟକର ରିଟର୍ଣ୍ଣ ଦାଖଲ କରିବେ। ଯେଉଁମାନଙ୍କର ବ୍ୟବସାୟ କିମ୍ବା ପ୍ରଫେସନରୁ ଆୟ ୫୦ ଲକ୍ଷରୁ ଅଧିକ କିନ୍ତୁ ୧ କୋଟି ମଧ୍ୟରେ, ସେମାନେ ଫର୍ମ-୩ ରେ ଆୟକର ରିଟର୍ଣ୍ଣ ଦାଖଲ କରିବେ। ୫୦ଲକ୍ଷ ଭିତରେ ଆୟ ଥିବା ବ୍ୟକ୍ତିବିଶେଷ ଓ ଫାର୍ମ ( ଏଲଏଲପି ବ୍ୟତୀତ ) ପାଇଁ ଫର୍ମ-୪ ରହିଛି। ୧.୨୫ ଲକ୍ଷ ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ ପାଇଥିବା ବ୍ୟକ୍ତି ମଧ୍ୟ ଏହି ଫର୍ମ ଶ୍ରେଣୀଭୁକ୍ତ ହେବେ ।




## ପ୍ରକ୍ରିୟା ଆରମ୍ଭକଲେ ସରକାର

# ଗଢ଼ାହେବ ୨୦ନୂଆ ଏନ୍‌ଏସି

**ଭୁବନେଶ୍ୱର,(ପିପିଏସ୍):**

ସରକାର ଗଢ଼ିବେ ନୂଆ ଏନ୍‌ଏସି ଓ ମ୍ୟୁନିସିପାଲିଟି। ପ୍ରଥମ ପର୍ଯ୍ୟାୟରେ ୨୦ଟି ନୂଆ ଏନ୍‌ଏସି ଗଠନ ହେବ। ଏନେଇ ସରକାରୀ ସ୍ତରରେ ଆରମ୍ଭ ହୋଇଛି ପ୍ରକ୍ରିୟା। ଜିଲ୍ଲାପାଳମାନଙ୍କୁ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ବି ଦିଆଯାଇଛି। ନଗର ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ସମନ୍ୱୟ ରଖାଯାଇ ଚାଲିଛି ତର୍ଜମା। ଏପଟେ ଏ ପ୍ରସଙ୍ଗକୁ ନେଇ ବିଜେପି ଓ ବିଜେଡି ଭିତରେ ଜୋର୍ ଧରିଛି ରାଜନୀତି। ମୋହନ ସରକାରଙ୍କ ଆଉ ଏକ ବଡ଼ ପଦକ୍ଷେପ। ରାଜ୍ୟରେ ସୃଷ୍ଟିହେବ ନୂଆ ଏନ୍‌ଏସି ଓ ମ୍ୟୁନିସିପାଲିଟି। ଆରମ୍ଭ ହେଲା ପ୍ରକ୍ରିୟା। ଗ୍ରାଉଣ୍ଡ୍ ଜିରୋରୁ ତଥ୍ୟ ସଂଗ୍ରହ ଆରମ୍ଭ କଲେ ଜିଲ୍ଲାପାଳ। ତାଲିକାରେ ଅନେକ ଗ୍ରାମାଞ୍ଚଳ। ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଛି ଜୋରଦାର କସରତ। ଆଗକୁ ଜନଗଣନା। ଯେଉଁଥି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜୁନ୍ ୩୦ ସୁଦ୍ଧା ପ୍ରଶାସନିକ ସୀମା ପୁନଃ ନିର୍ଦ୍ଧାରଣ କାମ ସାରିବାକୁ ନିର୍ଦ୍ଦେଶ ରହିଛି। ଯାହାକୁ ଆଧାର କରି ଗଞ୍ଜାମର ପୋଲସରା ଏନ୍‌ଏସିକୁ ମ୍ୟୁନିସିପାଲିଟି ଭାବେ ଉନ୍ନୀତ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କ ଅନୁରୋଧକ୍ରମେ ଗଞ୍ଜାମ ଜିଲ୍ଲାପାଳ ପୋଲସରା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ମ୍ୟୁନିସିପାଲିଟି ପାଇଁ ଆବଶ୍ୟକ ସର୍ତ୍ତ ଲାଗି ତଥ୍ୟ ମାଗିଛନ୍ତି। ଆଉ ଏହି ପ୍ରକ୍ରିୟା ପରେ ପୋଲସରା ବାସିନ୍ଦାଙ୍କ ମନରେ ଅନେକ ଆଶା ସଞ୍ଚାର ହୋଇଛି। ବଢୁଥିବା ଜନସଂଖ୍ୟା ଓ ପ୍ରଶାସନିକ ସୀମାକୁ ନେଇ ଏନ୍‌ଏସି ବା ମ୍ୟୁନିସିପାଲଟି ଗଠନ ହୋଇଥାଏ। ଦୀର୍ଘ ବର୍ଷ ଧରି ରାଜ୍ୟର ଅନେକ ଗ୍ରାମାଞ୍ଚଳକୁ ଏନ୍‌ଏସି ଓ ପୌରାଞ୍ଚଳରେ ସାମିଲ କରିବାକୁ ଦାବି ହୋଇ ଆସୁଛି। ବିଜେଡି ସରକାର ସମୟରେ ଏହାକୁ ଅଣଦେଖା କରାଯାଇ ଥିବା ବେଳେ ନିର୍ବାଚନ ଠିକ୍ ପୂର୍ବରୁ ତରବରିଆ ଭାବେ ପ୍ରାୟ ୫୭ଟି ନୂଆ ଏନଏସି ଗଠନ ପାଇଁ ଘୋଷଣା କରି ନିର୍ବାଚନୀ ଥୋପ ଦେଇଥିଲା ଦଳ। ମାତ୍ର ସତ୍ତା ପରିବର୍ତ୍ତନ ପରେ ଏହା ଯେ କେବଳ ଧୂଆଁ ବାଣ ଥିଲା ତାହା ସ୍ପଷ୍ଟ ହୋଇଥିଲା। କାରଣ ଏ ସଂକ୍ରାନ୍ତରେ ପୂର୍ବରୁ ଆଦୌ କୌଣସି ପ୍ରସ୍ତାବ ସରକାରୀ ସ୍ତରରେ ନିଆଯାଇ ନଥିବା କହି ନବୀନ ସରକାରର ଗୁମର ଖୋଲିଥିଲେ ନୂଆ ସରକାର। କିନ୍ତୁ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ମୋହନ ସରକାର ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ୨୦ଟି ନୂଆ ଏନଏସି ଗଠନ ହେବ। ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ନିଆଯାଉଛି। ସେପଟେ ବିଜେଡି କାଉଣ୍ଟର କରିକହିଛି, ଆମ ମାପଦଣ୍ଡକୁ କାଟି ନୂଆ ଏନ୍‌ଏସି ସଂଖ୍ୟା କମେଇ ଦିଆଯାଇଛି।

**ଗ୍ରାଉଣ୍ଡ୍ ଜିରୋରୁ ତଥ୍ୟ ସଂଗ୍ରହ**

## ଓଡ଼ିଶାରେ ମୌସୁମୀ ପ୍ରବେଶ ପୂର୍ବରୁ ଆଇଏମ୍‌ଡି ଡିଜିଙ୍କ ସୂଚନା

# ଏବର୍ଷ ଅଧିକ ବର୍ଷିବ

**ନୂଆଦିଲ୍ଲୀ,(ଏଜେନ୍ସି):**

ଚଳିତ ଥର ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଦେଶରେ ପହଞ୍ଚିସାରିଛି। ଦେଶର ଦକ୍ଷିଣ ଭାଗରେ ଲଗାତାର ପ୍ରବଳ ବର୍ଷା ହେଉଛି । ମେ ମାସରେ ଭାରତର ଅନେକ ରାଜ୍ୟରେ ବର୍ଷା ହୋଇଛି, ଯାହା ଅନେକ ଦଶନ୍ଧିର ରେକର୍ଡକୁ ଭାଙ୍ଗି ସାରିଛି। ଏହାରି ଭିତରେ ପାଣିପାଗ ବିଭାଗ ଜୁନ୍‌ପାଇଁ ବର୍ଷାର ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ ଅନୁସାରେ ଭାରତରେ ଜୁନରେ ହିଟ୍ ୱେଭ୍ ରହିବନାହିଁ। ଏହା ସହ କୋର୍ ଜୋନ୍ କିମ୍ବା କୃଷି ପ୍ରାଧାନ୍ୟ ରାଜ୍ୟରେ ମୌସୁମୀ ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଅନୁସାରେ ଜୁନ୍‌ରେ ସ୍ୱାଭାବିକଠାରୁ ଅଧିକ ୧୦୮ ପ୍ରତିଶତ ବର୍ଷା ହେବାର ସମ୍ଭାବନା ଅଛି। ଗତବର୍ଷ ତୁଳନାରେ ଏଥର ୧୦୫ ପ୍ରତିଶତ ଅଧିକ ବର୍ଷା ପୂର୍ବାନୁମାନ କରାଯାଇଥିଲା, କିନ୍ତୁ ଏବେ ପୂରା ମୌସୁମୀ ସିଜିନ (ଜୁନ୍ ୧ରୁ ସେପ୍ଟେମ୍ବର ୩୦)ରେ ୧୦୬ ପ୍ରତିଶତ ବର୍ଷା ହୋଇପାରେ। ସୂଚନା ଅନୁଯାୟୀ, ମଧ୍ୟ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପରେ ସ୍ୱାଭାବିକ ଠାରୁ ଅଧିକ ବର୍ଷାହେବ। ସେହି ସମୟରେ ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବାର ଆଶା କରାଯାଉଛି। ଉତ୍ତର-ପୂର୍ବ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ଜୁନ୍ ମାସରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଜୁନ୍ ମାସରେ ଉତ୍ତର-ପଶ୍ଚିମ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ କମ୍ ରହିବ। ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଦେଶରେ ହାରାହାରି ୮୭ ସେମି ବର୍ଷାର ୧୦୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷାହେବାର ସମ୍ଭାବନା ଥିବାବେଳେ ଉତ୍ତର-ପୂର୍ବରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଏହି ଋତୁରେ, ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି (ଦୀର୍ଘକାଳୀନ ହାରାହାରିର ୧୦୬ ପ୍ରତିଶତରୁ ଅଧିକ)। ଏହି ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ଏବଂ ଆଖପାଖ ଅଞ୍ଚଳ ସାମିଲ। ଲଦାଖ, ହିମାଚଳ ପ୍ରଦେଶର ସଂଲଗ୍ନ ଅଞ୍ଚଳ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଏବଂ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର କିଛି ଅଂଶ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ପଞ୍ଜାବ, ହରିୟାଣା, କେରଳ ଏବଂ ତାମିଲନାଡୁର କିଛି ବିଚ୍ଛିନ୍ନ ଅଞ୍ଚଳରେ ସ୍ୱାଭାବିକଠାରୁ କମବର୍ଷା ହୋଇପାରେ।



## ଲଘୁଚାପ ବର୍ଷା ନେଇ ସତର୍କ କରାଇଲେ ଏସ୍‌ଆର୍‌ସି

ତେଣେ ଓଡ଼ିଶାରେ ଆଗକୁ ଆସୁଛି ବଡ଼ ବର୍ଷା। ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ରାଜ୍ୟରେ ବର୍ଷା ସତର୍କତା ନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂହ। ସମ୍ଭାବ୍ୟ ବର୍ଷା ପାଇଁ ପ୍ରସ୍ତୁତ ଓ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ନେଇ ସତର୍କ କରାଇଛନ୍ତି । ବଜ୍ରପାତ ଅଘଟଣ ଏଡ଼ାଇବାକୁ ଲୋକଙ୍କୁ ସଚେତନ ରହିବାକୁ କହିଛନ୍ତି। କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମଧ୍ୟ ବାରଣ କରାଯାଇଛି। ମତ୍ସ୍ୟଜୀବୀଙ୍କ ପାଇଁ ନିୟମ କଡ଼ାକଡ଼ି କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗକୁ ଆଗକୁ ଅଗ୍ରସର ହେଉଛି। ସୋମବାର ଏହା ମୁମ୍ବାଇ ସମେତ ମହାରାଷ୍ଟ୍ରର ଅଧିକାଂଶ ସ୍ଥାନ, କର୍ଣ୍ଣାଟକ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳ, ତ୍ରିପୁରା, ମଣିପୁର, ନାଗାଲାଣ୍ଡ ଓ ଆସାମର କିଛି ଅଞ୍ଚଳରେ ପହଞ୍ଚିଛି । ୨୮ ବା ୨୯ ତାରିଖ ସୁଦ୍ଧା ମୌସୁମୀ ଓଡ଼ିଶାରେ ପହଞ୍ଚିପାରେ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶା, ସୁନ୍ଦରଗଡ଼ ଓ ଦେବଗଡ଼ରେ ଭଲ ବର୍ଷା ହେବ। ଆଗକୁ ବର୍ଷା ହେବାର ଥିବାରୁ ୨୯ ତାରିଖ ସୁଦ୍ଧା ଓଡ଼ିଶାରେ ମୌସୁମୀ ପହଞ୍ଚିଯିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ଦକ୍ଷିଣ ଓଡ଼ିଶାରେ ଭାରି ବର୍ଷା ସମ୍ଭାବନା ଅଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ କନ୍ଧମାଳରେ ଭାରି ବର୍ଷା ହୋଇପାରେ।

## ପାକିସ୍ତାନକୁ ମୋଦୀଙ୍କ ବାର୍ତ୍ତା

# ସୁଧୁରିଯାଅ...

**ଭୁବନେଶ୍ୱର,(ପିପିଏସ୍):**

ଗାନ୍ଧୀନଗରରେ ବିଶାଳ ରୋଡ୍ ସୋ' ପରେ ଏକ ଜନସଭାରେ ମୋଦୀ କହିଛନ୍ତି ଯେ, କାହା ସହିତ ଶତ୍ରୁତା କରିବା ଭାରତର ପରମ୍ପରା ନୁହେଁ । ବସୁଧୈବ କୁଟୁମ୍ବକମ୍ ନୀତି ଆମ ସଂସ୍କାର ଓ ଚରିତ୍ର । କିନ୍ତୁ ଆମ ଉପରେ ଆକ୍ରମଣ ହେଲେ କଣ୍ଟାକୁ କଣ୍ଟାରେ କାଢ଼ିବାକୁ ଭାରତ ଉଚିତ ମଣିବ। ଇଟାର ଜବାବ ପଥରରେ ଦିଆଯିବ। ସୋମବାର ଭୁଜ୍‌ରେ ବି ପାକିସ୍ତାନକୁ କଡ଼ା ନିଶାନା କରି ସେଠାକାର ଆର୍ଥିକ ଅବସ୍ଥା ସମ୍ପର୍କରେ ପାକ୍ ଯୁବବର୍ଗଙ୍କୁ ସଚେତନ କରାଇ ସେମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିବାକୁ ଭୁଲି ନଥିଲେ ମୋଦୀ। କହିଥିଲେ, ପାକିସ୍ତାନର ଯୁବଗୋଷ୍ଠୀ ଆତଙ୍କବାଦକୁ ବିରୋଧ ନକଲେ , ଆଗକୁ ସେମାନଙ୍କୁ କେବଳ ବିପଦ ଓ ଅନ୍ଧାର ଭବିଷ୍ୟତକୁ ସାମ୍ନା କରିବାକୁ ପଡ଼ିବ। ଆଉ ଗାନ୍ଧିନଗରରେ ଭାରତ ଓ ପାକିସ୍ତାନର ତୁଳନାତ୍ମକ ଚିତ୍ର ରଖି, ଆତଙ୍କବାଦକୁ ସମର୍ଥନ କରି ପାକିସ୍ତାନ କିଭଳି ବିକାଶଠୁ ଦୂରେଇ ଯାଇଛି, ତାର ଉଦାହରଣ ବି ଦେଇଥିଲେ। ସେହିଭଳି ସିନ୍ଧୁ ନଦୀ ଚୁକ୍ତି ସମ୍ପର୍କରେ ମୋଦୀ କହିଛନ୍ତି, ଏହି ଚୁକ୍ତି ବାତିଲ ବଳବତ୍ତର ରହିଛି। ସେତିକିରେ ପାକିସ୍ତାନର ଝାଳ ବୋହିଲାଣି। ଏବେ ୬୦ବର୍ଷ ଧରି ସଫେଇ ହୋଇନଥିବା ଡ୍ୟାମ୍‌ରୁ ଅଳିଆ ହଟାଇବାକୁ ଆମେ କେବଳ କିଛି ଗେଟ୍ ଖୋଲିଛୁ। ଆଗକୁ ଆହୁରି କିଛି କରାଯାଇ ପାରିବ, ଯାହା ଭାରତ ଏଯାଏଁ କରିନି ।




**ଇଟାର ଜବାବ ପଥରରେ ଦେବୁ**

## ସମ୍ପାଦକୀୟ

### ଇଂରାଜୀର ସାମର୍ଥ୍ୟ

## ବାଟେଘାଟେ



କେରଳ ସହର ମୌସୁମୀ ଛୁଇଁଲା
କଟକିଆ ଥରହର
ମଇ ମାସ ଗଲା ନାଳନର୍ଦ୍ଦମାରୁ
ହୋଇନି ପଙ୍କଉଦ୍ଧାର
ବର୍ଜ୍ୟବସ୍ତୁ ଭରପୁର
ଭଙ୍ଗାଭର୍ଙ୍ଗ କରି ସେ ସବୁ ପକେଇ
ଯାଆନ୍ତି ରାସ୍ତା ଉପର
ଦେଖନ୍ତୁ ଟିକେ ମେୟର
ଭାସିବ ପ୍ରିୟ ସହର
ଘର ସରକାରୀ ଭଡ଼ାଟା ଉପୁରି
ନାଚନ୍ତି କମିଶନର

-ରାହୀ

## ଘରୋଇ ହସ୍ପିଟାଲ୍ ତ୍ରୁଟିପୂର୍ଣ୍ଣ ଅଲଟ୍ରାସାଉଣ୍ଡ ରିପୋର୍ଟକୁ ନେଇ ଭଦ୍ରକରେ ହଙ୍ଗାମା

# ଛତାତଳେ ମଲା ନାତିକୁ ଜଗି ବସିଲେ

**ଭଦ୍ରକ,(ପିପିଏସ୍):**

ନାଳି ବସ୍ତାରେ ଘୋଡ଼େଇ ହୋଇ ସବୁଦିନ ପାଇଁ ଶୋଇଯାଇଛି ନବଜାତ ନାତି। ଆଉ ନାତି ମୃତ୍ୟୁର ନ୍ୟାୟକୁ ଅପେକ୍ଷା କରି ବର୍ଷାରେ ବସିରହିଥିଲେ ଅଜା। ବର୍ଷାଭିଜା ମଧ୍ୟାହ୍ନରେ ସାରା ଭଦ୍ରକ ଦେଖୁଥିଲା ଲିଭିଯାଇଥିବା ଜୀବନ କାହାଣୀର ଲୋମଟାଙ୍କୁରା ଏହି ଘଟଣା। ପ୍ରକାଶ ଯେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଅଭିଯୋଗରେ ସୋମବାର ମଧ୍ୟରାତ୍ରୀରୁ ଏକ ପରିବାର ଭଦ୍ରକ ସହରର ଚାନ୍ଦବାଲି ବାଇପାସସ୍ଥିତ 'ଓମ୍ ଶାନ୍ତି' ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍ ସମ୍ମୁଖରେ ଧାରଣା ଦେଇଥିଲେ। ତିହିଡ଼ି ଥାନା ଅଧୀନସ୍ଥ ଦୋଳସାହି ରାଡ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରି ଡାକ୍ତରଙ୍କ ପରାମର୍ଶ କ୍ରମେ ବାଇପାସସ୍ଥିତ ଓମ୍ ଶାନ୍ତି ଅଲଟ୍ରା ସାଉଣ୍ଡକୁ ତାଙ୍କ ଗର୍ଭବତୀ ପତ୍ନୀଙ୍କୁ ୨୫ ତାରିଖ ଦିନ ଅଲଟ୍ରା ସାଉଣ୍ଡ କରିବାକୁ ଆଣିଥିଲେ। ତେବେ ସଂପୃକ୍ତ କ୍ଲିନିକ୍ ଗର୍ଭସ୍ଥ ଶିଶୁଟି ଭଲ ଅଛି ବୋଲି ରିପୋର୍ଟ ଦେଇଥିଲା। ୨୬ ତାରିଖ ଦିନ ପତ୍ନୀଙ୍କର ପେଟ ଯନ୍ତ୍ରଣା ହେବାରୁ ସ୍ଥାନୀୟ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ପ୍ରଫୁଲ୍ଲଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ କହିଥିଲେ। ଫଳରେ ପ୍ରଫୁଲ୍ଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପତ୍ନୀଙ୍କୁ ଆଣିଥିଲେ। ସେଠାରେ ତାଙ୍କର ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ଡାକ୍ତର ତାଙ୍କୁ କହିଥିଲେ, ପିଲାଟିର ୩ଦିନ ପୂର୍ବରୁ ମୃତ୍ୟୁ ହୋଇସାରିଛି। ଯଦି ପିଲାଟି ମା' ପେଟରେ ପୂର୍ବରୁ ମୃତ୍ୟୁବରଣ କରିଛି, ତେବେ ଅଲଟ୍ରା ସାଉଣ୍ଡ ରିପୋର୍ଟରେ ସେ ବଞ୍ଚିଛି ବୋଲି କେମିତି ସଂପୃକ୍ତ କ୍ଲିନିକ୍ ରିପୋର୍ଟ ଦେଲା ? ବୋଲି ପ୍ରଫୁଲ୍ଲ ପ୍ରଶ୍ନ ଉଠାଇଥିଲେ। ଏହି ଘଟଣାରେ ପରିବାର ଲୋକେ ମୃତ ଶିଶୁକୁ ନେଇ ସଂପୃକ୍ତ ଅଲଟ୍ରା ସାଉଣ୍ଡ କ୍ଲିନିକ୍ ସମ୍ମୁଖରେ ସୋମବାର ବିଳମ୍ବିତ ରାତିରୁ ଧାରଣା ଦେଇଥିବାବେଳେ ଭଦ୍ରକ ଚାନ୍ଦବାଲି ରାଜପଥ ବାଇପାସ୍ ଠାରେ ଅବରୋଧ କରିଥିଲେ ଉତ୍ତ୍ୟକ୍ତ ଲୋକେ। ମଙ୍ଗଳବାର ଉତ୍ତ୍ୟକ୍ତ ଲୋକଙ୍କ ପକ୍ଷରୁ ଟାୟାର ଜାଳି ରାସ୍ତାରୋକ କରାଯାଇଥିଲା। ଭଦ୍ରକ ସହରାଞ୍ଚଳ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ତଦନ୍ତ ଆରମ୍ଭ କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଭଦ୍ରକ ବାଇପାସ୍‌ରେ ଥିବା ଏହି ନିର୍ଦ୍ଦିଷ୍ଟ ଅଲଟ୍ରା ସାଉଣ୍ଡ କ୍ଲିନିକ୍‌ଟିରେ ବିଗତ ଦିନରେ ବହୁବାର ଏହିଭଳି ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ଅଭାବନୀୟ ପରିସ୍ଥିତି ଉପୁଜି ମାମଲା ଥାନାରେ ପହଞ୍ଚିଥିଲା। ତେବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଏହି ଅଲଟ୍ରା ସାଉଣ୍ଡ ବିରୁଦ୍ଧରେ ବହୁବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କାହା ସ୍ୱାର୍ଥରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।



# ବଢ଼ିଲା ସରକାରୀ ଉପଯୋଗ ପାଇଁ ଘରୋଇ ଗାଡ଼ି ଭଡ଼ା

**ଭୁବନେଶ୍ୱର,(ଏଜେନ୍ସି):** ସରକାରୀ ଅଫିସ୍, ଅଫିସର ଏବଂ ଭିଭିଆଇପିଙ୍କ ଦ୍ୱାରା ବ୍ୟବହୃତ ଘରୋଇ ଗାଡ଼ିଗୁଡ଼ିକର ଭଡ଼ାକୁ ରାଜ୍ୟ ସରକାର ସୋମବାର ସଂଶୋଧନ କରିଛନ୍ତି। ପ୍ରାୟ ୬ ବର୍ଷ ପରେ ଏହି ଭଡ଼ା ଦରରେ ସଂଶୋଧନ କରାଯାଇଥିବା ଅର୍ଥ ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ଲକ, ତହସିଲ ଓ ଅନ୍ୟାନ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପାଇଁ ଉପଯୋଗ ହେଉଥିବା ଗାଡ଼ିଗୁଡ଼ିକର ମାସିକ ଭଡ଼ା ଦର ୩୭,୨୦୦ଟଙ୍କା ଓ ସର୍ବନିମ୍ନ ମାଇଲେଜ୍ ୧୦କିମି ପ୍ରତି ଲିଟରକୁ ବୃଦ୍ଧି କରାଯାଇଛି। ଯାହାକି ପୂର୍ବରୁ ୩୧ହଜାର ଟଙ୍କା ଥିଲା। ସେହିପରି ଜିଲ୍ଲା ଓ ରେଞ୍ଜସ୍ତରୀୟ କାର୍ଯ୍ୟାଳୟ ପାଇଁ ଘରୋଇ ଗାଡ଼ିଗୁଡ଼ିକର ଭଡ଼ା ୨୪ହଜାର ଓ ମାଇଲେଜ୍ ୧୭ କିଲୋମିଟର ପ୍ରତି ଲିଟର ଧାର୍ଯ୍ୟ ହୋଇଛି। ଜିଲ୍ଲାପାଳ, ପୁଲିସ ଏସ୍‌ପି ଓ ସମକକ୍ଷ ଅଧିକାରୀ ଉପଯୋଗ କରୁଥିବା ଘରୋଇ ଗାଡ଼ିର ଭଡ଼ା ମାସିକ ୪୪୪୦୦ ଟଙ୍କା ଓ ମାଇଲେଜ୍ ୧୦କିଲୋମିଟର ଧାର୍ଯ୍ୟ କରାଯାଇଛି। ବିଭାଗୀୟ ମୁଖ୍ୟ ଓ ପ୍ରଶାସନିକ ବିଭାଗର ପୁଲ ଗାଡ଼ି ପାଇଁ ଭଡ଼ା ୨୪ହଜାର ଟଙ୍କା ଓ ପ୍ରତି ଲିଟରରେ ମାଇଲେଜ୍ ୧୭ କିଲୋମିଟର ଧାର୍ଯ୍ୟ ହୋଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଓ ନିର୍ଦ୍ଦେଶକ ଉପଯୋଗ କରୁଥିବା ଗାଡ଼ିର ଭଡ଼ା ୩୧୨୦୦ ଟଙ୍କା ଓ ଲିଟରପିଛା ମାଇଲେଜ୍ ୧୭କିଲୋମିଟର ରହିଛି। ପ୍ରମୁଖ ସଚିବ ଓ କମିଶନର-ତଥା-ସଚିବ ପାହ୍ୟାର ଅଫିସରଙ୍କ ପାଇଁ ଗାଡ଼ି ଭଡ଼ା ୩୬ହଜାର ଟଙ୍କା ଓ ଲିଟରପିଛା ମାଇଲେଜ୍ ୧୨କିଲୋମିଟର ରଖାଯାଇଛି। ସେହିପରି ଆପେକ୍ସ ସ୍କେଲ ଅଫିସର ଓ ମନ୍ତ୍ରୀମାନଙ୍କ ଉପଯୋଗରେ ଘରୋଇ ଗାଡ଼ିର ଭଡ଼ାକୁ ୫୦,୪୦୦ଟଙ୍କା ଓ ମାଇଲେଜ୍ ୯ କିଲୋମିଟର ପ୍ରତି ଲିଟର ଧାର୍ଯ୍ୟ କରାଯାଇଛି ।




# ଚକୋଲେଟ୍ କିଲୋ ୫୦ ଟଙ୍କା



ଦିଲ୍ଲୀକୁ ହୃଦୟର ସହର କୁହାଯାଏ। ଏଠାରେ ଆପଣ ଧନୀ ବ୍ୟକ୍ତିଙ୍କ ପାଇଁ ଦାମୀ ଜିନିଷ ଏବଂ ଗରିବଙ୍କ ପାଇଁ ମଧ୍ୟ ଭଲ ଜିନିଷ ପାଇପାରିବେ। ଶସ୍ତା ପୋଷାକ ପାଇଁ ପ୍ରସିଦ୍ଧ ସରୋଜିନୀ ମାର୍କେଟ ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ। କିନ୍ତୁ ଆପଣ ଏପରି ବଜାର ବିଷୟରେ ଜାଣିଛନ୍ତି ଯେଉଁଠାରେ ଚକୋଲେଟ୍ କେଜି ୫୦ ଟଙ୍କାରେ ବିକ୍ରି ହେଉଛି। ଫଳରେ ଲୋକେ ବସ୍ତା ବସ୍ତା କିଣି ଘରକୁ ନେଉଛନ୍ତି। ଏହା ବ୍ୟତୀତ ଆପଣ ଏଠାରେ ଶସ୍ତା ମୂଲ୍ୟରେ ପାସ୍ତା ଏବଂ ଅନେକ ପ୍ରକାରର ମସଲା ମଧ୍ୟ ପାଇବେ। ଏହି ବଜାରର ସବୁଠାରୁ ବଡ଼ ବିଶେଷତା ହେଉଛି ଏଠାରେ ବିକ୍ରି ହେଉଥିବା ଡ୍ରାଏ ଫ୍ରୁଟ୍ସ।

ଏହି ବଜାରରେ ସବୁକିଛି ବହୁତ ଶସ୍ତାରେ ଉପଲବ୍ଧ। ଆପଣ କେବଳ ୫୦ ଟଙ୍କାରେ ଅନେକ ସାମଗ୍ରୀ କିଣି ପାରିବେ। ଆପଣ ଡ୍ରାଏ ଫ୍ରୁଟ୍ସ ଯାହା କିଲୋଗ୍ରାମ ପିଛା ୧୦୦୦ଟଙ୍କା ପାଇଁ ବାହାରେ ପାଇବେ ୧୦୦ରୁ ୧୫୦ଟଙ୍କା ମୂଲ୍ୟରେ ଏଠାରେ ଉପଲବ୍ଧ ହେବ। ଏହି ସ୍ଥାନ ମେଟ୍ରୋ ସହିତ ମଧ୍ୟ ସଂଯୁକ୍ତ। କିନ୍ତୁ ଲୋକଙ୍କୁ ନିଜ ନିଜ କାର୍ରେ ଏଠାକୁ ଆସିବାକୁ କୁହାଯାଇଛି। ଏହାର କାରଣ ହେଉଛି ବହୁ ସାମଗ୍ରୀ ଯାହାକୁ ଆପଣ ଏଠାରୁ ଯିବାବେଳେ ସାଙ୍ଗରେ ନେଇପାରିବେ।

ସୋସିଆଲ ମିଡିଆରେ ଏହି ବଜାର ବିଷୟରେ ସୂଚନା ପ୍ରଦାନ କରୁଥିବା ଏକ ଭିଡିଓ ପୋଷ୍ଟ କରାଯାଇଛି। ଏଥିରେ କୁହାଯାଇଛି, ଏହି ବଜାରରେ ଉପଲବ୍ଧ ସାମଗ୍ରୀ କାହିଁକି ଶସ୍ତା ? ଅନେକ ଲୋକ ମନ୍ତବ୍ୟରେ କହିଛନ୍ତି, ଏଠାରେ ଉପଲବ୍ଧ ଅଧିକାଂଶ ସାମଗ୍ରୀ ଖରାପ ଗୁଣବତ୍ତାର ଅଟେ। ଜଣେ ବ୍ୟକ୍ତି ଲେଖିଛନ୍ତି, ଖାଦ୍ୟ ସାମଗ୍ରୀ ଶସ୍ତା କିଣିବା ଉଚିତ୍ ନୁହେଁ। ଏହା ସିଧାସଳଖ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଏପରି ପରିସ୍ଥିତିରେ କେବଳ ଭଲ ଗୁଣବତ୍ତା ଜିନିଷ କିଣିବା ଉଚିତ।

# ଆଜିର ରାଶିଫଳ

**ମେଷ** – ବିଦେଶ ଯାତ୍ରାର ଯୋଗ ଅଛି। ବଡ଼ କଂପାନିରୁ ଚାକିରିର ସୁଯୋଗ ଆସିପାରେ। କିଛି ନୂଆ ଲୋକ ଆପଣଙ୍କ ସହିତ ଯୋଡ଼ିବାକୁ ଚେଷ୍ଟା କରିପାରନ୍ତି। ସମସ୍ତଙ୍କୁ ନିଜ କଥାରେ ଖୁସି ରଖିବାର ସଫଳ ହେବେ।

**ବୃଷ** – ବ୍ୟବସାୟ ଲାଗି ଦିନଟି ଅନୁକୂଳ। ସମୟ ସୀମାକୁ ଧ୍ୟାନ ରଖି କାମ କରନ୍ତୁ। ଘରର ମାହୋଲ ଠିକ୍ ରହିବ। ଘରକୁ କେ ?ଣସି ବନ୍ଧୁ ଆସବାର ସମ୍ଭାବନା। ଦାମ୍ପତ୍ୟ ଜୀବନ ପ୍ରୀତିକର ହେବ।

**ମିଥୁନ** – ଠିକ୍ ସମୟରେ କାମ କରନ୍ତୁ ସଫଳତା ପାଇବେ। ବନ୍ଧୁ ନିଜ ପାଇଁ ଆପଣଙ୍କୁ କାମ କରିବା ପାଇଁ କହିପାରନ୍ତି। ରାଜନୀତିକ ଲୋକଙ୍କର ସମାଜରେ ମାନ ସମ୍ମାନ ବଢ଼ିବ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ।

**କର୍କଟ** – ବନ୍ଧୁ ସହିତ କଥାବର୍ତ୍ତାରେ ଭଲ କାମ ମିଳିପାରେ। ଏଥିରେ ଆପଣଙ୍କର ଆମଦାନି ବୃଦ୍ଧି ହେବ। ଆପଣଙ୍କ ବ୍ୟବହାରରେ ଲୋକ ଖୁସି ହୋଇପାରନ୍ତି। ଜୀବନସାଥୀ ସହିତ ବାହାରକୁ ବୁଲି ଯାଇପାରନ୍ତି।

**ସିଂହ** – ଜୀବନରେ ନୂଆ କାମ ଆରମ୍ଭ ହୋଇପାରେ। ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ଲାଗି ଦିନଟି ଭଲ। ଶିକ୍ଷକଙ୍କର ପୂରା ସହଯୋଗ ପାଇବେ। ଚାକିରିରେ ସଫଳତା ପାଇବେ। ଧନ ମାମଲାରେ ସ୍ଥିତି ଭଲ ହେବ।

**କନ୍ୟା** – କିଛି ସମୟ ଈଶ୍ୱର ଭକ୍ତିରେ ଲଗାନ୍ତୁ। ମହିଳା ବ୍ୟବସାୟୀଙ୍କୁ ଭଲ ଲାଭ ମିଳିବା ଯୋଗ ଅଛି। ଘରକୁ ବନ୍ଧୁ ଆସିବେ। ପ୍ରେମୀ ଯୁଗଳ ଦୂରସ୍ଥାନକୁ ବୁଲି ଯିବାର ମନ ବନାଇବେ। ଛାତ୍ରୀଙ୍କ ଲାଗି ଦିନଟି ଭଲ ରହିବ।

**ତୁଳା** – ନିଜ ଅନୁଭବର ଠିକ୍ ବ୍ୟବହାର କରି କେ ?ଣସି ଅଧୁରା କାର୍ଯ୍ୟ ସଂପୂର୍ଣ୍ଣ କରିବେ। ଘର କାମରେ ଜୀବନସାଥୀଙ୍କୁ ସହଯୋଗ କରିବେ। ଅନଲାଇନିରେ ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ଯୋଜନା କରିବେ।

**ବିଛା** – ବନ୍ଧୁ ସହିତ ସମ୍ବନ୍ଧ ପୂର୍ବ ଅପେକ୍ଷା ଭଲ ହେବ। ବଡ଼ ଭାଇ ଭଉଣୀ ସହଯୋଗରେ ଚାକିରି ମିଳିପାରେ। ସନ୍ତାନ କ୍ୟାରିୟରରେ ସଫଳତା ପାଇବେ। ଦାମ୍ପତ୍ୟ ଜୀବନ ବହୁତ ଭଲ ରହିବ।

**ଧନୁ** – କୌଣସି କାର୍ଯ୍ୟରେ ଅନ୍ୟମାନଙ୍କ କଥା ସର୍ବୋପରି ନରଖି ନିଜ ଉପରେ ବିଶ୍ୱାସ ରଖନ୍ତୁ ଲାଭ ପାଇବେ। ସରକାରୀ ଚାକିରି ପାଇଁ ପ୍ରସ୍ତୁତ କରୁଥିବା ଲୋକ ସଫଳତା ପାଇବେ। ପ୍ରେମ ସମ୍ବନ୍ଧ ନିବିଡ଼ ହେବ।

**ମକର** – ବିଶେଷ କାମରେ ଯିବାକୁ ଥିବାରୁ ମନୋବଳ ବଢ଼ିବ। ପରିବାର ଆଗରେ ନିଜର ମତ ରଖିବାର ମଉକା ପାଇବେ। ନିବେଶ କରିବା ସମୟରେ ନିଜ ବଜେଟ ଉପରେ ଧ୍ୟାନ ରଖନ୍ତୁ।

**କୁମ୍ଭ** – କିଛି ସମୟ ଏକାନ୍ତରେ ଅତିବାହିତ କରିବାକୁ ପସନ୍ଦ କରିବେ। ବଡ଼ ଏବଂ ଅଲଗା କାମ କରିବା ପାଇଁ ଭାବି ପାରନ୍ତି। ଅଫିସରେ ଉଚ୍ଚାଧିକାରୀଙ୍କ ସହଯୋଗ ପାଇବେ। ନୂଆ ବିଚାର ଉପରେ କାମ କରିବେ।

**ମୀନ** – ଅତୀତ ଭୁଲରୁ କିଛି ନୂଆ ଶିଖିକରି ଆଗକୁ ବଢ଼ିବେ। ନୂଆ କାର୍ଯ୍ୟ କରିବାକୁ ଉତ୍ସୁକତା ବଢ଼ିବ। ମନ ଚାହୁଁଥିବା ବସ୍ତୁ ପାଇବେ। କାନୁନ ମାମଲାର ସ୍ଥିତି ନିୟନ୍ତ୍ରଣ ରହିବ। କାର୍ଯ୍ୟ ଓ ବ୍ୟବସାୟ ପ୍ରତି ନିଷ୍ଠାବାନ ରହନ୍ତୁ।

**ଯଦି ଆପଣଙ୍କ ପେଟ ଭଲ ନାହିଁ ତେବେ କଖାରୁ ଖାଆନ୍ତୁ ନାହିଁ: କଖାରୁ ଖାଇବା ଦ୍ୱାରା ପାକସ୍ଥଳୀ (ଏଓ) ସଂକ୍ରମଣ ସହିତ ଜଡିତ ଲକ୍ଷଣଗୁଡିକ ବୃଦ୍ଧି ପାଇପାରେ । ଏହି କାରଣରୁ ଆପଣଙ୍କର ଖାଦ୍ୟ ଆଲର୍ଜି ହୋଇପାରେ । ଏହା ବ୍ୟତୀତ, କଖାରୁ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ପ୍ରଭାବିତ ହୋଇପାରେ, ଯାହା ସମସ୍ୟାକୁ ଆହୁରି ବଢ଼ାଇପାରେ ।**

# କେଉଁମାନଙ୍କୁ କଖାରୁ ମନା



**ଖାଦ୍ୟ ବିଷାକ୍ତତା ହୋଇପାରେ:** କଖାରୁ ଖାଇବା ଦ୍ୱାରା ବ୍ୟାକ୍ଟେରିଆ, ଭାଇରସ ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ଜୀବାଣୁ ସଂକ୍ରମିତ ହୋଇପାରେ । ଏହା ଖାଦ୍ୟ ବିଷାକ୍ତତା ସୃଷ୍ଟି କରିପାରେ ଏବଂ ଆପଣଙ୍କୁ ଗମ୍ଭୀର ଅସୁସ୍ଥ କରିପାରେ । ଏହାକୁ ଖାଇବା ପରେ ବାନ୍ତି, ବାନ୍ତି ଏବଂ ଅନ୍ୟାନ୍ୟ ଅନେକ ସମସ୍ୟା ଦେଖାଦେଇପାରେ ଏବଂ ଏହା ଶରୀରକୁ ଝାଡ଼ା ସମେତ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ ।

**ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଉଥିବା ମାଆ:** ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଉଥିବା ଲୋକମାନେ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ । ଏହା ମଧ୍ୟ ମନେରଖନ୍ତୁ ଯେ କୌଣସି ଖାଦ୍ୟ ପଦାର୍ଥ ଖାଇବା ପୂର୍ବରୁ ତାହା ଖାଇବା ସୁରକ୍ଷିତ କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସର୍ବଦା ସେମାନଙ୍କ ଡାଏଟିସିଆନଙ୍କ ସହ ଯାଞ୍ଚ କରିବା ଉଚିତ ।

**କିଛି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା: କଖାରୁରେ ଥିବା ପୁଷ୍ଟିକର ତତ୍ତ୍ୱ ଶରୀରରୁ ଶୀଘ୍ର ଜଳ ହ୍ରାସ କରିପାରେ, ଯାହା ଆପଣଙ୍କୁ ଡିହାଇଡ୍ରେଟ୍ କରିପାରେ । ଯାହା ଶରୀର ଲିଥିୟମ ଭଳି କିଛି ଔଷଧକୁ କିପରି ଶୋଷଣ କରେ ତାହାକୁ ପ୍ରଭାବିତ କରିପାରେ। ତେଣୁ, ଔଷଧ ସହିତ କଖାରୁ ଖାଇବାରୁ ଦୂରେଇ ରୁହନ୍ତୁ।**

**ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରେ:** କଖାରୁ ମଞ୍ଜିରେ ବିଟା କ୍ୟାରୋଟିନ ଏବଂ ମ୍ୟାଗ୍ନେସିୟମ୍ ଥାଏ ଯାହା ରକ୍ତଚାପ ସ୍ତର ହ୍ରାସ କରିବାରେ ସାହାଯ୍ୟ କରିପାରେ। କିନ୍ତୁ, ଯଦି ଆପଣ ଉଚ୍ଚ ରକ୍ତଚାପ ଔଷଧ ଭଳି ଔଷଧ ବ୍ୟବହାର କରୁଛନ୍ତି, ତେବେ ଆପଣଙ୍କ ଖାଦ୍ୟରେ କଖାରୁକୁ ସାମିଲ କରିବା ପୂର୍ବରୁ ଡାକ୍ତରଙ୍କ ସହ କଥା ହୁଅନ୍ତୁ ।

# ଘର ସଫାଠାରୁ ବଗିଚା ସୁରକ୍ଷା.. ବେଶ୍ ଉପଯୋଗୀ କମଳା ଚୋପା

କମଳା କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇନଥାଏ, ଏହାର ଚୋପା ମଧ୍ୟ ଘରସଫାଠାରୁ ବଗିଚା ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ କାମରେ ଲାଗିପାରେ। ଗଛକୁ ପୋକଦାଉରୁ ରକ୍ଷା କରିବା ଲାଗି କମଳା ଚୋପା ଖୁବ୍ ଉପକାରୀ। ଏଥିପାଇଁ ଏକ ଗ୍ଲାସ ପାଣିରେ କମଳା ଚୋପା ଫୁଟାଇ ସେଥିରେ କେଇଟୋପା ଲେମ୍ବୁରସ ପକାଇବେ। ପାଣିର ରଙ୍ଗ ବଦଳିବା ପର୍ଯ୍ୟନ୍ତ ଫୁଟାଇବାକୁ ହେବ। ଏହାପରେ ପାଣିକୁ ଥଣ୍ଡା କରି ଏକ ବୋତଲରେ ଭର୍ତ୍ତି କରିଦେବେ। ଏହାକୁ ଗଛ ଉପରେ ସିଞ୍ଚନ କଲେ କମଳା ସୁଗନ୍ଧରେ ପୋକ ପଳାଇବେ। ଷ୍ଟିଲ୍ ବାସନ ଓ ପାଣି କଳରୁ ହଳଦିଆ ତଥା ପାଣି ଦାଗ ସଫା କରିବାରେ ବି କମଳା ଚୋପା ଭଲ କାମ ଦିଏ। ଏଥିପାଇଁ କମଳା ଚୋପାକୁ ପାଣିରେ ଭଲକରି ଫୁଟାଇ ସେଥିରେ କିଛି ବାସନମଜା ତରଳ ସାବୁନ ପକାଇ ଦିଅନ୍ତୁ। ଏହି ମିଶ୍ରଣରେ ଷ୍ଟିଲ୍ ବାସନ ଓ ନଳରେ ଲଗାଇ ଭଲଭାବେ ବ୍ରସ୍ରେ ଘଷି ଧୋଇଦେଲେ ଏହା ନୂଆ ପରି ଚମକି ଉଠିବ।



# ବାରମ୍ବାର ଶୋଷ ଲାଗିବା କେଉଁ ରୋଗର ଲକ୍ଷଣ ?

**ଏବେ ଗ୍ରୀଷ୍ମ ଋତୁ ଚାଲିଛି ଓ ଏହି ଋତୁରେ ଜଣେ ବ୍ୟକ୍ତିକୁ ବହୁତ ଶୋଷ ଲାଗିବା ତ ସାଧାରଣ କଥା । କିନ୍ତୁ ଯଦି ପାଣି ପିଇବା ପରେ ମଧ୍ୟ ଶୋଷ ମେଣ୍ଟେ ନାହିଁ ଏବଂ ବାରମ୍ବାର ଶୋଷ ଲାଗେ, ତେବେ ଏହା ଅନେକ ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ଗ୍ରୀଷ୍ମ ଋତୁରେ ଡିହାଇଡ୍ରେସନ୍ ଏକ ସାଧାରଣ କଥା । କିନ୍ତୁ ବାରମ୍ବାର ଶୋଷ ଲାଗିବା ଏବଂ ଶୋଷ ମେଣ୍ଟାଇ ନ ପାରିବା ଏକ ଗମ୍ଭୀର ବିଷୟ । ଯଦି ଆପଣଙ୍କର ଶୋଷ ନମେଣ୍ଟେ, ତେବେ ଆପଣ ଅତ୍ୟଧିକ ପାଣି ପିଇପାରନ୍ତି, ଯାହା ଅନେକ ରୋଗର କାରଣ ମଧ୍ୟ ହୋଇପାରେ ।**

ଯଦି ଆପଣ ପର୍ଯ୍ୟାପ୍ତ ପାଣି ପିଉଛନ୍ତି ଏବଂ ତଥାପି ଆପଣଙ୍କୁ ବାରମ୍ବାର ଶୋଷ ଲାଗୁଛି, ତେବେ ଏହା ପଛରେ ଅନେକ କାରଣ ଥାଇପାରେ । ତୁମେ ଡାକ୍ତରଙ୍କୁ ଦେଖାଇବା ଉଚିତ । ବାରମ୍ବାର ଶୋଷ ଲାଗିବାର କାରଣ ହେଉଛି ମଧୁମେହ । ରକ୍ତହୀନତା ଏବଂ ବୃକକ୍ ସମ୍ବନ୍ଧୀୟ ରୋଗ ମଧ୍ୟ ହୋଇପାରେ ।

**ମଧୁମେହ କାରଣ ହୋଇପାରେ:** ଯଦି ଆପଣଙ୍କୁ ବାରମ୍ବାର ଶୋଷ ଲାଗୁଛି ଏବଂ ପାଣି ବ୍ୟତୀତ ଅନ୍ୟ ପାନୀୟ ପିଇ ମଧ୍ୟ ଆପଣଙ୍କର ଶୋଷ ମେଣ୍ଟାଯାଉ ନାହିଁ, ତେବେ ଆପଣଙ୍କୁ ମଧୁମେହ ହେବାର ଆଶଙ୍କା ଥାଇପାରେ । ଯଦି ଜଣେ ମଧୁମେହ ରୋଗୀର ସୁଗାର ସ୍ତର ବୃଦ୍ଧି ପାଏ, ତେବେ ତାଙ୍କୁ ବାରମ୍ବାର ଶୋଷ ଲାଗେ । ଯଦି ଆପଣଙ୍କୁ ବାରମ୍ବାର ଶୋଷ ଅନୁଭବ ହେଉଛି, ତେବେ ନିଶ୍ଚିତ ଭାବରେ ମଧୁମେହ ପାଇଁ ନିଜର ପରୀକ୍ଷା କରାନ୍ତୁ ।

**ରକ୍ତହୀନତା:** ଶରୀରରେ ରକ୍ତର ଅଭାବ ହେଲେ, ବାରମ୍ବାର ତୃଷାର୍ତ୍ତ ଅନୁଭବ ହୁଏ । ରକ୍ତ ଅଭାବ ଯୋଗୁଁ, କୋଷଗୁଡ଼ିକ ଅମ୍ଳଜାନ ପାଆନ୍ତି ନାହିଁ । ଏହି କାରଣରୁ ଶରୀରରେ ପାଣିର ଅଭାବ ଦେଖାଯାଏ ଏବଂ ବାରମ୍ବାର ଶୋଷ ଲାଗେ । ବାରମ୍ବାର ପାଣି ପିଇବା ପରେ ମଧ୍ୟ ଶୋଷ ମେଣ୍ଟିବା ପରି ମନେ ହେଉନାହିଁ ।

**ଥାଇରଏଡ୍ ସମସ୍ୟା:** ଯେତେବେଳେ ଥାଇରଏଡ୍ ଗ୍ରନ୍ଥି ଅତ୍ୟଧିକ ସକ୍ରିୟ ହୋଇଯାଏ, ସେତେବେଳେ ତାଙ୍କୁ ବାରମ୍ବାର ଶୋଷ ଲାଗେ । ଏହା ଶରୀରରେ ପାଣିର ଅଭାବ ମଧ୍ୟ ସୃଷ୍ଟି କରେ ଏବଂ ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୁଏ । ଏହି ଅବସ୍ଥାକୁ ହାଇପରଥାଇରଏଡିଜ୍ମ କୁହାଯାଏ ।

**ଔଷଧର ପ୍ରଭାବ:** କିଛି ଔଷଧର ପ୍ରଭାବ ଯୋଗୁଁ ଶରୀରରେ ପାଣିର ଅଭାବ ଦେଖାଯାଏ ଏବଂ ବାରମ୍ବାର ଶୋଷ ଲାଗେ । ଯଦି ଆପଣଙ୍କୁ ବାରମ୍ବାର ଶୋଷ ଲାଗୁଛି ଏବଂ ପାଣି ପିଇବା ପରେ ମଧ୍ୟ ଶୋଷ ମେଣ୍ଟାଯାଉ ନାହିଁ, ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ । ତୁମକୁ ପରୀକ୍ଷା କରିବା ପରେ, ଡାକ୍ତର ପ୍ରକୃତ କାରଣ ଜାଣିପାରିବେ ଏବଂ ତୁମର ଚିକିତ୍ସା କରିବେ ।

# ସୋରିଷ ମାଛ ଫ୍ରାଏ

**ଆବଶ୍ୟକ ସାମଗ୍ରୀ:** ମାଛ, ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା,ଗୋଟା ଧନିଆ, ଦହି, ଲୁଣ, ହଳଦିଗୁଣ୍ଡ, ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରୁ ବଡ଼ ମାଛ କିଣି ଆଣନ୍ତୁ। ପରେ ତାକୁ ଭଲ ଭାବରେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ସୋରିଷ ମାଛ ଫ୍ରାଏ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା,ଗୋଟା ଧନିଆ ଏକାଠି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ ବଟା ମସଲାରେ ଅଳ୍ପ ଦହି ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ, ହଳଦିଗୁଣ୍ଡ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଧୋଇ ରଖିଥିବା ମାଛକୁ ମସଲାରେ ପକାଇ ଅଧଘଣ୍ଟା ପାଇଁ ଢାଙ୍କି ରଖନ୍ତୁ । ପରେ ଗ୍ୟାସରେ କରେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ସେଥିରେ ମସଲା ଗୋଳା ମାଛକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ। ମାଛର ଦୁଇ ପାଖ ଲାଲ ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।



# କାନ୍ସ ରେଡ୍ କାର୍ପେଟ୍‌ରେ ଶାଢ଼ି ପିନ୍ଧି ଜଲୱା ଦେଖାଇଲେ ଆଲିଆ

ଫିଲ୍ମ ଟକ୍

୭୮ ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର ଶେଷ ଦିନରେ ନିଜ ଲୁକ୍କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ । ରେଡ୍ କାର୍ପେଟରେ ଡେବ୍ୟୁ ଦିନ ଆଲିଆ ତାଙ୍କ ସିଆପରେଲି କ୍ରିମ୍ ଗାଉନକୁ ପିନ୍ଧିବା ପରେ ସେ ଗର୍ଭବତୀ ଥିବା ଭଳି କଥା ଚର୍ଚ୍ଚାକୁ ଆସିଥିଲା । ଏହା ପରେ କାନ୍ସର ଶେଷ ଦିନରେ ସେ ଗୁଚି ବ୍ରାଣ୍ଡ ଗୋଲଡ୍ଡେନ୍ ଶାଢ଼ି ପିନ୍ଧି ସମସ୍ତଙ୍କୁ ଅବାକ୍ କରିଦେଇଛନ୍ତି। ଗୁଚି ଭଳି ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଶାଢ଼ି ଡିଜାଇନ କରିବାରେ ଏହା ପ୍ରଥମ ଘଟଣା । ଆଲିଆଙ୍କ ଶାଢ଼ିରେ ବେଶ୍ ମୂଲ୍ୟବାନ ସ୍ୱାରୋଭ୍ସ୍କି କ୍ରିଷ୍ଟାଲ ଲାଗିଛି । ପାଖରୁ ଦେଖିଲେ ଏହି କ୍ରିଷ୍ଟାଲ ଦ୍ୱାରା ପୂରା ଶାଢ଼ିରେ ଗୁଚି ବ୍ରାଣ୍ଡ ଲୋଗୋ ବନାଯାଇଥିବା ଦେଖାଯିବ । ପ୍ରସିଦ୍ଧ ସେଲିବ୍ରିଟି ତଥା ସୋନମ କପୁରଙ୍କ ଭଉଣୀ ରିୟା କପୁର ଆଲିଆଙ୍କୁ ଏହି ଷ୍ଟାଇଲ ଦେଇଛନ୍ତି । ଆଲିଆଙ୍କ ପୂର୍ବରୁ ରିୟା କାନ୍ସରେ ଜାହ୍ନବୀ କପୁରଙ୍କୁ ମଧ୍ୟ ଷ୍ଟାଇଲିଶ୍ ଲୁକ୍ ଦେଇଥିଲେ । କାନ୍ସରେ ଆଲିଆ ଡାଏମଣ୍ଡ ଅଳଙ୍କାର, ଖୋଲା କେଶ ଏବଂ ବେଶ୍ କମ୍ ମେକ୍ଅପ୍ ସହ ନିଜ ଲୁକ୍କୁ ସମ୍ପୂର୍ଣ୍ଣ କରିଥିଲେ ।

ପ୍ରକାଶଥାଉ କି, ଆଲିଆ ହେଉଛନ୍ତି ଏହି ଇଟାଲିଆନ୍ ଲକଜ୍ରୀ ବ୍ରାଣ୍ଡ ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସଡର । କାନ୍ସ ରେଡ୍ କାର୍ପେଟରେ ଡେବ୍ୟୁ ଦିନ ଆଲିଆ ଫ୍ରେଞ୍ଚ ଡିଜାଇନରଙ୍କ ଗାଉନ୍ ପିନ୍ଧିଥିଲେ । ଏହାକୁ ମଧ୍ୟ ରିୟା କପୁର ଷ୍ଟାଇଲ ଦେଇଥିଲେ । ରେଡ୍ କାର୍ପେଟରୁ ଆଲିଆଙ୍କ ଫଟୋ ସାମ୍ନାକୁ ଆସିବା ପରେ ସେ ଦ୍ୱିତୀୟ ଥର ଗର୍ଭବତୀ ଥିବା ନେଇ ସୋସିଆଲ ମିଡିଆରେ ଅନେକେ ମତ ଦେଇଥିଲେ । ଆଲିଆଙ୍କୁ ଶେଷଥର ଲାଗି ବସନ ବାଲାଙ୍କ ଫିଲ୍ମ 'ଜିଗ୍ରା'ରେ ଦେଖିବାକୁ ମିଳିଥିଲା । ଏବେ ସେ ଯଶ ରାଜ ଫିଲ୍ମସ୍ ବ୍ୟାନରରେ ନିର୍ମାଣ ହେଉଥିବା ଫିଲ୍ମ 'ଆଲ୍ଫା'ରେ ନିଜ ରୋଲ୍ ପାଇଁ ପ୍ରସ୍ତୁତି କରୁଛନ୍ତି । ଏଥିରେ ଶିବ ରାୱେଲ ନିର୍ଦ୍ଦେଶନା ଦେଉଛନ୍ତି । ଏଥିସହ ସଞ୍ଜୟ ଲୀଳା ଭନସାଲିଙ୍କ 'ଲଭ୍ ଆଣ୍ଡ୍ ୱାର'ରେ ଆଲିଆଙ୍କୁ ରଣବୀର କପୁର ଏବଂ ଭିକି କୌଶଲଙ୍କ ସହ ଦେଖିବାକୁ ମିଳିବ।



# ମଦଭାଟି ମାଲିକମାନେ ମାଲେମାଲ

**ଦେବଗଡ଼, (ପିପିଏସ୍):**



ଦେବଗଡ଼ ଜିଲ୍ଲା ଗରିବ ଓ ଆଦିବାସୀ ଙ୍କ ରୋଜଗାର ର ରାହା ସାଜିଛି ମହୁଲ ଫୁଲ ବଞ୍ଚିବାର ବାଟ ଫିଟାଇଛି ମୁହଁରେ ହସ ବି ଫୁଟାଉଛି ହେଲେ ଅଭାବି ବିକ୍ରୀ ଯୋଗୁଁ ଭାଗ୍ୟ ଫିଟୁନି ସେହିପରି ଫୁଲକୁ ନେଇ ନୂଆ ନୂଆ ଫୁଡ଼ ପ୍ରଡକ୍ଟ ଲାଗି ସରକାରୀ ଘୋଷଣା କରିଥିବା ବେଳେ ରାହା କାର୍ଯ୍ୟ କରି ହେଉନି ଦେବଗଡ଼ ହେଉଛି ଆଦିବାସୀ ଅଧୁଚିତ ଅଞ୍ଚଳ ଏଠିକାର ଶତକଡା ୮୦ ଭାଗ ଲୋକ ଦରିଦ୍ର ସୀମାରେଖା ତଳେ ରହିଛନ୍ତି ଏଠାରେ ଜଳ ସେଚନ ସୁବିଧା ଥାଇ ନଥିଲାପରି କଳ କାରଖାନା ନାହିଁ ଲୋକେ ଖରିଫ ଋତୁରେ ଧନ ଫସଲ ଉପରେ ନିର୍ଭର ଶିଳ ଚାଷ ଚାରିମାସ ଛାଡି ଦେଲେ ଅନ୍ୟ ସମୟରେ ନିଜ ଗୁଜୁରାଣ ମେଣ୍ଟାଇବାପାଇଁ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି ମୁଖ୍ୟତଃ ମହୁଲ ସାରଗୀ ପତ୍ର

## ମହୁଲ ଫୁଲ କଳା ବଜାରୀ

କେନ୍ଦୁପତ୍ର ସଂଗ୍ରହ କରି ଏମାନଙ୍କ ରୋଜଗାର ପନ୍ଥା ପାଲଟି ଥାଏ ଦେବଗଡ଼ ଜିଲ୍ଲା ତିନୋଟି ବ୍ଲକ ହୋଇଥିବାରୁ ଏହି ବ୍ଲକ ମାନଙ୍କ ରେ ଫେବୃଆରୀ ମାସରୁ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ମହୁଲ ସଂଗ୍ରହ ହୋଇଥାଏ ଗୃହ ପାଳିତ ପଶୁ ତଥା ଗାଇ ଗୋରୁ ମଇଁଷି ଛେଳି ମେଣ୍ଢା ଙ୍କର ଏହା ପ୍ରମୁଖ ଖାଦ୍ୟ ଭୋର ରୁ ସପରିବାର ମହୁଲ ସଂଗ୍ରହ କରନ୍ତି ବର୍ତ୍ତମାନ ମହୁଲ ଫୁଲ କେଜି ପ୍ରାୟ ୫୦ ଟଙ୍କା ରହିଥିଲେ ମଧ ମହୁଲ ତୋଳାଳୀ ଅଭାବି ବିକ୍ରୀ ର ଶିକାର ହୋଇ ଥାନ୍ତି ଗୋଟିଏ ମହୁଲ ଗଛରୁ ୧୦ ରୁ ୧୫ ହଜାର ପର୍ଯ୍ୟନ୍ତ ଆୟ ହୋଇଥାଏ ଚଳିତ ବର୍ଷ ଭଲ ଫୁଲ ଆସିଛି ମହୁଲରୁ ମଦ ତିଆରି ହୋଇଥାଏ ମଦ ବ୍ୟତୀତ ଏଥିରୁ ବିଭିନ୍ନ ପ୍ରକାରର ଖାଦ୍ୟ ତିଆରି କରାଯାଇ ଥାଏ ଏଥିରୁ ମଦ ପ୍ରସ୍ତୁତ ହେଉଥିବାରୁ ସରକାର ପ୍ରଚୁର ଭାବରେ ରାଜସ୍ୱ ଆୟ କରିଥାନ୍ତି ଏହା ଅବକାରୀ ବିଭାଗ ଅଧୀନରେ ଯାଉଛି ତେଣୁ ମହୁଲ କିଣା ବିକା ଓ ସାଇତି ରଖିବା ପାଇଁ ଜିଲ୍ଲା ପାଳ ଙ୍କ ମାଧ୍ୟମରେ ଲାଇସେନ୍ସ ଯୋଗାଇ ଦିଆଯାଇ ଥାଏ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦଭାଟି ମାଲିକ ମନେ ଏହି ମହୁଲ କିଣି ଥାନ୍ତି ଅବକାରୀ ବ୍ୟତୀରେକ ଏହାର ବ୍ୟବହାର ପାଇଁ ଅନ୍ୟ ବିକଳ୍ପ ନଥିବାରୁ ମହୁଲ ଗୋଟାଳି ଅଭାବି ବିକ୍ରୀ ର ଶିକାର ହୁଅନ୍ତି କେଜି ପ୍ରତି ୨୫/୩୦ଟଙ୍କା ଦରରେ ବିକ୍ରୀ ହୋଇଥାଏ ଅନ୍ୟ ପଟେ ମହୁଲକୁ ନେଇ ସରକାର ଙ୍କ ପକ୍ଷରୁ ସେଥିରୁ ଚକଲେଟ ସେଣ୍ଟ ଖାଦ୍ୟ କେକ ତିଆରି କେବଳ ଘୋଷଣାରେ ସୀମିତ ରହିଛି ଦେଖାଯାଉ ନୂତନ ବିଜେପି ସରକାର ଗରିବ ଗୁରୁବାଙ୍କୁ ଦୁଃଖ ଶୁଣିବା ସହ ସରକାରୀ ମୂଲ୍ୟ ନିର୍ଧାରଣ କଲେ ଭଲ ହୁଅନ୍ତା ବୋଲି ଆଦିବାସୀ ମହୁଲ ଗୋଟାଳି ଆଶାପ୍ରକାଶ କରିଛନ୍ତି ।

# ଦୁଇଦିନ ଧରି ଅନୁଷ୍ଠିତ ହେବ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ



ଗୋପ (ପିପିଏସ ): ଆଜି ଅପରାହ୍ନରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଜୁନ୍ ୩ ଓ ୪ତାରିଖରେ ହେବାକୁ ଥିବା ଉତ୍କର୍ଷ ନିମାପଡା ୨୦୨୫ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏହି ସାମ୍ବାଦିକ ସମ୍ମିଳନୀରେ ନିମାପଡା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ବିକଶିତ ନିମାପଡା ଗଠନ ନିମନ୍ତେ ଏହାହିଁ ପ୍ରଥମ ପାହାଚ ବୋଲି କହିଥିଲେ ।ହେବାକୁ ଥିବା ଉତ୍କର୍ଷ ନିମାପଡା ୨୦୨୫ର ମୂଳଲକ୍ଷ୍ୟ ହେଉଛି ଉତ୍କର୍ଷ ଗ୍ରାମ,ସୁସ୍ଥ ନିମାପଡା,ମହିଳା ସଶକ୍ତିକରଣ,କୃଷକ ସଶକ୍ତିକରଣ,ପର୍ଯ୍ୟଟନ, ଶିଳ୍ପ ଅଭିବୃଦ୍ଧି, ଅପରାଧ ରହିତ ନିମାପଡା,ସ୍ମାର୍ଟ ନିମାପଡା ପରି ୧୧ଗୋଟି ବିଷୟକୁ ଗୁରୁତ୍ୱ ଦେବା ।ଉତ୍କର୍ଷ ନିମାପଡାରେ ଜନପ୍ରତିନିଧି,ବୁଦ୍ଧିଜୀବୀ,ସ୍ଥାନୀୟ ଜନସାଧାରଣ, ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ମତାମତକୁ ନେଇ ହେବ ଉତ୍କର୍ଷ ନିମାପଡା ୨୦୩୬ ରୋଡ ମ୍ୟାପ ।ଓଡ଼ିଶା ପ୍ରଦେଶ ଗଠନରେ ଶତବର୍ଷିକୀ (୨୦୩୬) ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ବିଜେପି ସରକାର ସଙ୍କଳ୍ପ ବଦ୍ଧ ।ଓଡିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢିତୋଳିବାକୁ ଡବଲ ଇଞ୍ଜିନ ସରକାର ପ୍ରୟାସ ଜାରିରଖିବା ସହ ପ୍ରତି ଗାଁ,ପ୍ରତି ସହର ଏବଂ ପ୍ରତି ନିର୍ବାଚନ ମଣ୍ଡଳୀ ବିକଶିତ ହେଲେ ହିଁ ବିକଶିତ ଓଡିଶା ସମ୍ଭବ ହେବ । ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ପ୍ରଥମ ଥର ପାଇଁ ନିମାପଡା ଠାରେ ଆୟୋଜିତ ହେବାକୁ ଯାଉଚି ଉତ୍କର୍ଷ ନିମାପଡା ୨୦୨୫ ।ନିମାପଡା ଇଣ୍ଡୋର ଷ୍ଟାଡିୟମସ୍ଥିତ ନୂଆ ବାରବାଟି ପଡିଆରେ ଦୁଇଦିନ ଧରି ଆୟୋଜିତ ହେବ ଉତ୍କର୍ଷ ନିମାପଡା ସମ୍ମିଳନୀ ।ଏହା ୩ଏବଂ ୪ ତାରିଖରେ ହେବାକୁ ଥିବା ବେଳେ ଉଦ୍ଘାଟନୀ ସମାରୋହରେ ମାନ୍ୟବର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପାଟି ଯୋଗଦେବାକୁ ଥିବା ବେଳେ ପୁରୀ ଓ ଜଗତସିଂହପୁର ଲୋକସଭା ସାଂସଦ,ସମସ୍ତ ବିଧାୟକ ମାନେ ଯୋଗଦେବେ । ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସମେତ ସାଂସଦ,ବିଧାୟକମାନେ ଉପସ୍ଥିତ ରହିବାର କାର୍ଯକ୍ରମ ରହିଛି ।ଏହି ସମ୍ମିଳନୀ ଦ୍ୱାରା ନିମାପଡାର ସାମଗ୍ରିକ ଓ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନିତ କରିବା ସହ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ବଢିବ ଏବଂ ଶିଳ୍ପ ଅଭିବୃଦ୍ଧି ତଥା ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ ।ବିକଶିତ ନିମାପଡା ଗଠନର ସ୍ୱପ୍ନକୁ ସାକାର କରିବା ସହ ଓଡ଼ିଶାକୁ ଭାରତରେ ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତିଶାଳୀ ରାଜ୍ୟର ଆକାଂକ୍ଷାକୁ ସାକାର କରିବା ଦିଗରେ ଉତ୍କର୍ଷ ନିମାପଡା ୨୦୨୫ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଗୋପ ବିଡ଼ିଓ ଛବିରାଣୀ ସାହୁ, ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ନିମାପଡା ତହସିଲଦାର ମନୋଜ ପ୍ରଧାନ, ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ଥିଲେ ।

## ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ଗୋପ (ପିପିଏସ ) ନିମାପଡା ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ଠାରେ ନାରୀଶକ୍ତିର ଜୀବନ ଗାଥା ଏବଂ ରାଜମାତାରୁ ଲୋକମାତା ସାଜିଥିବା ପୁଣ୍ୟଶ୍ଳୋକ ରାଣୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସମାଜ ପାଇଁ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ଅନେକ ମହିଳାଙ୍କୁ ସମ୍ମାନିତ କରିଥିଲେ ।ପ୍ରଜା ଈଶ୍ୱରଙ୍କ ରୂପ ଏବଂ ପ୍ରଜାଙ୍କ ସେବା ହିଁ ମୋ ପାଇଁ ଈଶ୍ୱର ପୂଜା ଭାବନା ରଖିଥିବା ରାଣୀ ଅହିଲ୍ୟାବାଇ ଆମ ପାଇଁ ପ୍ରେରଣାର ଉତ୍ସ ।ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତାଙ୍କ ସେବାରେ ବ୍ରତୀ ହେବା ହିଁ ଆମର କର୍ତ୍ତବ୍ୟ ହେବ ବୋଲି ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ।ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସମଗ୍ରଶିକ୍ଷା ଯୋଜନାରେ ନିମାପଡା ପଞ୍ଚାୟତ ସମିତି ଅଧିନସ୍ଥ ତେରୁଣ୍ଡିଆ ଗ୍ରାମ ପଞ୍ଚାୟତର ଧୀରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ଓ ଅରିଷଣ୍ଡ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।ଜଳ ନିକାସ ବିଭାଗ ପକ୍ଷରୁ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ଆଶ୍ରମ ଛକ ଠାରୁ ଅମଲାପଡା ଛକ ପର୍ଯ୍ୟନ୍ତ କଂକ୍ରିଟ ନାଳର ନିର୍ମାଣ ନିମନ୍ତେ ଭିତି ପ୍ରସ୍ତର ସ୍ଥାପନ କରିଥିଲେ ।ପଞ୍ଚାୟତ ସମିତି ସଭାଗୃହରେ ୨୭ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ଭେଣ୍ଡିଯୋନରେ ଗୃହ ଆବଣ୍ଟନ କରାଯାଇଥିଲା ।

# ସଚିବସ୍ତରୀୟ ବୈଠକରେ ମନ୍ଥନ

ଭୁବନେଶ୍ୱର,(ହି.ସ.): ସଚିବ ସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଖାରବେଳଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଦେଖାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି । ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗମାନେ ନିଜ ନିଜ ସ୍ତରରେ ପ୍ରତି ମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଆଦାୟ ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ୨୦୨୫-୨୬ବଜେଟ୍‌ରେ ରହିଥିବା ନୂଆଯୋଜନାରକାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେସମୀକ୍ଷା କରାଯାଇଥିଲା।

ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ-ଏସ୍‌ଓଙ୍କ) ଠାରୁ ଆରମ୍ଭ ହୋଇ ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫-୬ଟିପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଁଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ବିତ ହେଉଥିବା ପରିଲକ୍ଷିତ ହେଉଛି।

ଆଗାମୀଦିନରେଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଁଚିବ, ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ । ଫଳରେ ସରକାରୀ କାର୍ଯ୍ୟ, ସେବା ପ୍ରଦାନ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଏଥିପାଇଁ ବିଭିନ୍ନ ବିଭାଗରୁ ମତାମତ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍ ଶିଘ୍ର ତାହା କାର୍ଯ୍ୟକାରୀ ହେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଲୋଚନା କରିଥିଲେ । ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସଂପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗମାନଙ୍କୁ ପରାମର୍ଶ ଦିଆଯାଇଛି ।

ବୈଠକରେ ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସବିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ନେଇ ପ୍ରତିବାଦ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକରେ ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବା ନେଇ ମଙ୍ଗଳବାର ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ବିଜେଡି ନେତା ଓ କର୍ମୀ ମାନେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ଏନେଇ ପୂର୍ବାହ୍ନ ସମୟରେ ବିଡ଼ିଓଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ ମଧ୍ୟ ବିଡ଼ିଓ ଜାଣିଶୁଣି କାର୍ଯ୍ୟାଳୟରେ ନଥିବା ନେଇ ବିଜେଡି ନେତା ଓ କର୍ମୀମାନେ ଧାରଣାରେ ବସିଥିଲେ । ବିଡ଼ିଓ ବିଳମ୍ବରେ ପହଞ୍ଚିଥିଲେ ଯାହାକୁ ନେଇ ବିଜେଡି ଦଳ ପକ୍ଷରୁ ହୋ ହାଲ୍ଲା କରାଯାଇଥିଲା । ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଗୋଚରରେ କରାଯାଉ ନାହିଁ । ଉନ୍ନୟନ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି । ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ଏବଂ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି ଏବଂ ବିଜେପି ସାମର୍ଥିତ ବ୍ୟକ୍ତିଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଛି । ପୂର୍ବତନ ବିଧାୟକ ହାତ ପାଣ୍ଠି କାର୍ଯ୍ୟାଦେଶ ଥିଲେ ମଧ କନିଷ୍ଠଯନ୍ତ୍ରୀ ମାନେ ସେହି କାର୍ଯ୍ୟ ଗୁଡିକ ଦେଉନାହାନ୍ତି ଏବଂ କିଛିଦିନ ପରେ ତୁମେ କରିପାରିବ ନାହିଁ କହି ବିଜେପି କର୍ମୀ ମାନଙ୍କୁ ଦେଇ କାର୍ଯ୍ୟ କରୁଛନ୍ତି । ବ୍ଲକ୍ ପ୍ରଶାସନସ୍ତରରେ ପିସି କାରବାର ସମସ୍ତ ସୀମା ଉଲ୍ଲଂଘନ କରିଛି । ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ଜିଲ୍ଲା ପରିଷଦ ମାନଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ଲିଖିତ ଏକ ସ୍ମାରକ ପତ୍ରକୁ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କାରାଯାଥିଲା । ଏହାର ସମାଧାନ ନହେଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ କରାଯିବା ନେଇ ଚେତାବନି ଦିଆଯାଇଥିଲା ।

ପରେ ଗଞ୍ଜାମ ଥାନରେ ପହଞ୍ଚ ଆଇନ୍‌ଶୃଙ୍ଖଳା ରକ୍ଷା କରିବା ନେଇ ଥାନାଧିକାରୀ ସସ୍ମିତା ପାତ୍ରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବରିଷ୍ଠ ନେତା ବାନାମ୍ବର ପଲାଇ, ପ୍ରଶାନ୍ତ କର, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ନଗର ଯୁବ ସଭାପତି ସୁଧିର କୁମାର ପାଢ଼ୀ, ପାଇରାଶି ସରପଞ୍ଚ ରବିନ୍ଦ୍ରନାଥ ବେହେରା, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ସୁବଳୟା ସମିତି ସଭ୍ୟା ମାମି ଦାସ, ସରପଞ୍ଚ ସସ୍ମିତା ବେହେରା, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡା, ରଞ୍ଜିତ ପଲାଇ, ପୂର୍ବତନ ସରପଞ୍ଚ ଡି.ଗୋବିନ୍ଦ ରେଡି, ସୁଦାମ ଜେନା, ବନବାସୀ ଖୁଣ୍ଟିଆ, ମାସେନୁ ରେଡି, ଘନଶ୍ୟାମ ରେଡି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଜଳସମ୍ପଦ ଶାଖାର କାର୍ଯ୍ୟ ଓ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

## ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବାକୁ ପରାମର୍ଶ

ଭୁବନେଶ୍ୱର,(ହି.ସ.): ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଙ୍ଗଳବାର ଜଳ ସଂପଦ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ବିଭାଗୀୟ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବୈଠକରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳ ସେଚନ, ଉଠା ଜଳସେଚନ, ମେଗା ଲିଫ୍ ସଂପର୍କିତ ବିଭିନ୍ନ କାର୍ଯ୍ୟ ସହିତ ନିର୍ମାଣାଧିନ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ବୈଠକରେ ସମୀକ୍ଷା କରି ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ଏବଂ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ମଞ୍ଜୁରୀ ପାଇଁ ପ୍ରୟାସ କରିବା, ନିର୍ମାଣାଧିନ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବା, ବଜେଟ୍ ପ୍ରାବଧାନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବା ଏବଂ ବିଭାଗରେ ଖାଲି ରହିଥିବା ବିଭିନ୍ନ ପଦବୀ ପୂରଣ ସଂପର୍କରେ ପଦକ୍ଷେପ ନେବାକୁବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଶାଖାର କାର୍ଯ୍ୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରିବା ସହ ସମସ୍ତେ ନିଜ ନିଜ ଶାଖାର କାର୍ଯ୍ୟରେ କିପରି ଉଲ୍ଲେଖନୀୟ ତଥା ଆଖିଦୃଶିଆ ଉନ୍ନତି ଆଣିପାରିବେ, ସେଥିପ୍ରତି ଆନ୍ତରିକତା ଓ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆବଶ୍ୟକ ପରାମର୍ଶ ଦେଇଛନ୍ତି ।

# କଳାକାରଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଫେରାଦ

**କେନ୍ଦ୍ରାପଡ଼ା,(ପିପିଏସ୍):**



କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବର୍ଗର କଳାକାର, ସାହିତ୍ୟକ ଓ ସଂସ୍କୃତି ଗବେଷକଙ୍କ ସମିଶ୍ରଣରେ ଗଠିତ ସଂଗଠନ ଯେଉଁଥିରେ ଭଜନ, ପାଲା, ଗୋଡାନାଚ, ସଂକୀର୍ତ୍ତନ, କେନ୍ଦରାଗୀତ, ଭାଗବତ ଟୁଙ୍ଗୀ, ଓଡିଶୀ ନୃତ୍ୟ, ଲୋକନୃତ୍ୟ ଇତ୍ୟାଦି ସମସ୍ତ କଳାକାରମାନଙ୍କର ବିଭିନ୍ନ ଅସୁବିଧା ଓ ସମସ୍ୟାଗୁଡିକ ଜିଲ୍ଲାପାଳଙ୍କ ଅବଗତି ଓ ସମାଧାନ ପାଇଁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସମାଧାନ କିମ୍ବା ସହଯୋଗ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ମିଳୁନାହିଁ । ତେଣୁ ନୂତନ ସରକାର ଗଠନ ପରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ପରିବର୍ତ୍ତନ ହେଉଥିବାରୁ ନିମ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ପୁନର୍ବାର

## ଦାବି ପୂରଣ ନହେଲେ ପ୍ରତିବାଦ ଚେତାବନୀ

ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଯଦି ସମାଧାନ ନହୁଏ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ସେହି ସମସ୍ୟାଗୁଡିକ ମଧ୍ୟରେ ଓଡିଆର ଅନ୍ୟ ଏକ ପରିଚୟ ଭାଗବତଟୁଙ୍ଗୀ । ଯାହା ଦୀର୍ଘଦିନର ଲଢେଇ ପରେ ରାଜ୍ୟ ସାଂସ୍କୃତି ବିଭାଗ ତରଫରୁ କେନ୍ଦ୍ରାପଡା ଜିଲ୍ଲାକୁ ୪୩୮ଗୋଟି ଭାଗବତଟୁଙ୍ଗୀ ନିମନ୍ତେ ୫୦ ହଜାର ଲେଖାଏଁ ସମୁଦାୟ ୨କୋଟି ୧୬ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । କିନ୍ତୁ ଜିଲ୍ଲାର ୯ଗୋଟି ବ୍ଲକରେ ଗୋଟିଏ ହେଲେ ଭାଗବତଟୁଙ୍ଗୀକୁ ସହାୟତା ପ୍ରଦାନ କରାଯାଇନାହିଁ, ଜିଲ୍ଲାର ବିଭିନ୍ନ ବିଭାଗ ତଥା କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପ୍ରଚାର ଓ ସଚେତନତା ପାଇଁ ଆସୁଥିବା ଅର୍ଥ ଠିକ୍ ଭାବରେ ଖର୍ଚ୍ଚ କରାଯାଉନାହିଁ କିମ୍ବା କଳାକାରମାନଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ, କଳା ଓ କଳାକାର ଉନ୍ନତି ପାଇଁ ଗଠନ ହୋଇଥିବା ବିକେଏସ୍‌ଏସ୍ ଓ ଜେଡ୍‌କେଏସ୍‌ଏସ୍ ୨୦୧୪ ମସିହାପରଠାରୁ ଠିକ୍ ଭାବରେ କାର୍ଯ୍ୟକ୍ଷମ ହେଉନାହିଁ କିମ୍ବା ନିର୍ବାଚନ କରାଯାଇ ନୂତନ ଉପସଭାପତି ଚୟନ କରାଯାଉନାହିଁ, ସିଟିଏମ୍‌ଏସ୍ ମାଧ୍ୟମରେ ହୋଇଥିବା ପଞ୍ଜିକରଣରେ ଅନେକ ମିଛ ଅନୁଷ୍ଠାନ ଓ ଜଣେ ଜଣେ ବ୍ୟକ୍ତି ଅନେକ ନାମରେ ପଞ୍ଜିକୃତ କରି ହରିଲୁଟ୍ କିମ୍ବା ଯେଉଁ ଯୋଗ୍ୟ ଅନୁଷ୍ଠାନ ପଞ୍ଜିକୃତ ହୋଇଛନ୍ତି ସେମାନଙ୍କୁ ସେମାନଙ୍କୁ ସୁଯୋଗ ଦିଆଯାଉନାହିଁ, ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ସରକାରୀସ୍ତରରେ ଜିଲ୍ଲା ମହୋତ୍ସବ ପାଳନ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ତାହା କରାଯାଉନାହିଁ ଯାହାଫଳରେ କଳାକାର, ସାହିତ୍ୟିକ ଓ ସଂସ୍କୃତି ଗବେଷକମାନଙ୍କୁ ଉଚିତ୍ ସମ୍ମାନ ମିଳୁନାହିଁ, ଜିଲ୍ଲାରେ ଯେଉଁ କେତୋଟି ସରକାରୀ କାର୍ଯ୍ୟକ୍ରମ କରାଯାଉଛି ସେଥିରେ ନିର୍ଦ୍ଦିଷ୍ଟ କେତେଗୋଟି ଜିଲ୍ଲା ମୁଖ୍ୟାଳୟରେ ଥିବା ଅନୁଷ୍ଠାନକୁ ସୁଯୋଗ ଦିଆଯାଉଛି ଏବଂ ଜିଲ୍ଲା ସଂଗଠନ ସହିତ କୌଣସି ଆଲୋଚନା କରାନଯାଇ ମନମୁଖୀ ଚୟନ ସହିତ ଅତି ସ୍ୱଳ୍ପ ପ୍ରାପ୍ୟ ପ୍ରଦାନ କରାଯାଉଛି । ଯାହାଦ୍ୱାରା ଜିଲ୍ଲା ସଂସ୍କୃତି ବିଭାଗର ଅର୍ଥ ହେର୍‌ଫେର୍‌ର ପ୍ରମାଣ ଦେଉଛି । ଉପରୋକ୍ତ ସମସ୍ୟାଗୁଡିକର ଆଗାମୀ ୧୦ଦିନ ମଧ୍ୟରେ ଯଦି କୌଣସି ଆଖିଦୃଶିଆ ସମାଧାନ କରାନଯାଏ ନୂତନ ସରକାରଙ୍କର ୧ ବର୍ଷ ପୂର୍ତ୍ତି ପାଳନ ସମୟରେ ସମସ୍ତ ବ୍ଲକ ସ୍ତରରେ ଜିଲ୍ଲାର ସମସ୍ତ ବର୍ଗର କଳାକାରମାନେ କଳା ଦିବସ ପାଳନ କରିବା ସହିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅମରଣ ଅନଶନରେ ବସିବାକୁ ବାଧ ହେବେ ବୋଲି ସଭାପତି ସୁବ୍ରତ କୁମାର ରାଉତ ଓ ସମ୍ପାଦକ ନିରାକାର ମହାପାତ୍ର ଦାବିପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି । ଆଜିର ଦାବି ପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ଶତପଥି, ଜ୍ଞାନରଞ୍ଜନ ରାଉତ, ଶିବ ପ୍ରସାଦ ବେହେରା, ପ୍ରଶନ୍ନ କୁମାର ଦାସ, ଭାଗ୍ୟଧର ରାଉତ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

cmyk cmyk cmyk

# ମହିଳା କଳାକାରଙ୍କ ଚିକିତ୍ସା ପାଇଁ ମଞ୍ଚରେ ଭିକ୍ଷାମାଗିଲେ ନାଟ୍ୟ ନିର୍ଦ୍ଦେଶକ

**ବ୍ରହ୍ମପୁର(ପିପିଏସ୍):**

କିଛିଦିନ ପୂର୍ବେ ରମ୍ଭା ଚନ୍ଦନ ଯାତ୍ରା ଭଳି ଏକ ପବିତ୍ର ଓ ଆଧ୍ୟାତ୍ମିକ ପରିବେଶରେ ଚାଲିଥିବା ଅପେରାରେ ଜଣେ ଆଇଟମ ଗାର୍ଲ ଅର୍ଦ୍ଧ ଉଲଗ୍ନ ହୋଇ ନାଚି କଳାକାର, ମଞ୍ଚ ଓ ସଭ୍ୟ ସମାଜକୁ ନିନ୍ଦିତ କରିଥିବା ବେଳେ ବର୍ତ୍ତମାନ ଅପେରା ମଞ୍ଚରେ ଜଣେ ନାଟ୍ୟ ନିର୍ଦ୍ଦେଶକ ଜଣେ ମହିଳା କଳାକାରଙ୍କ ଚିକିତ୍ସା ପାଇଁ ଗୀତର ତାଳେ ତାଳେ ଭିକ୍ଷା ମାଗି ପଇସା ଯୋଗାଡ଼ କରିବା ପୁଣି ଚର୍ଚ୍ଚାରେ ରହିଛି। ନାଟ୍ୟ ନିର୍ଦ୍ଦେଶକଙ୍କ ମାନବିକତା ଏବଂ ତାଙ୍କ ଉଦ୍ୟମକୁ କଳାକାର ମାନେ ଭୁରି ଭୁରି ପ୍ରଶଂସା କରିଛନ୍ତି। ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ମର୍ଦମେଖ ଗ୍ରାମରେ ସୋମବାର ରାତ୍ର ସ୍ଥାନୀୟ କଳାକାର ମାନେ ଅପେରା 'କାନ୍ଦୁଛି କେବଳ ତୋରି ପାଇଁ' ମଞ୍ଚସ୍ଥ କରିଥିଲେ। ନାଟକର ନିର୍ଦ୍ଦେଶନା ଦେଇଥିଲେ ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଞ୍ଜାମ ଜିଲ୍ଲା ଶାଖାର ଯୁବ ଓ ଅଭିଜ୍ଞ ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକ । ନାଟକ ପୂର୍ବରୁ ପ୍ରଥମେ ଆରମ୍ଭ ହୋଇଥିଲା ମେଲୋଡି। ମେଲୋଡିର ପ୍ରଥମ ଗୀତ ବାଜିଥିଲା 'କିଏ କେବେ ଦେଖିଛ କି କଳାକାର କାନ୍ଦିବାର'। ଗୀତର ତାଳେ ତାଳେ ଚିରା ଫଟା ଧୋତି, ଗଞ୍ଜି ପିନ୍ଧି ଭିକାରୀ ବେଶରେ ମଞ୍ଚରେ ପହଞ୍ଚିଥିଲେ ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକ। ମଞ୍ଚ ସାରା ନିଜ ଅଭିନୟ ଯାଦୁରେ ବୁଲି ବୁଲି କିଡ୍‌ନୀ ହରେଇ ଅର୍ଥାଭାବରୁ ନିଜର ଚିକିତ୍ସା କରିପାରୁନଥିବା ଯାତ୍ରା ଜଗତର କଣ୍ଠଶିଳ୍ପୀ ମଞ୍ଜୁଶ୍ରୀଙ୍କ ଚିକିତ୍ସା ପାଇଁ ଗାମୁଛା ଦେଖାଇ ଭିକ୍ଷା ମାଗିଥିଲେ। ଜଣେ କଳାକାର ଭଉଣୀର ଜୀବନ ପାଇଁ କିଛି ଦିଅ ମା', ଭଗବାନ ଆପଣଙ୍କୁ କୋଟି ପରମାୟୁ ଦେବେ କହି ଭିକ୍ଷା ମାଗିଥିଲେ । ଏ ହୃଦୟ ବିଦାରକ ଦୃଶ୍ୟ କୌଣସି ନାଟକର ଦୃଶ୍ୟ ଠାରୁ ଅଧିକ ରୋମାଞ୍ଚକର ଥିଲା। ଯଦ୍ଵାରା ନାଟକ ଦେଖିବାକୁ ଆସିଥିବା ଲୋକେ କଳାକାର ମଞ୍ଜୁଶ୍ରୀଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶକଙ୍କ ଝୋଲାରେ କିଛି କିଛି ସହଯୋଗ କରିଥିଲେ । ଦେଖୁ ଦେଖୁ ପ୍ରାୟ ୧୬,୮୬୫ ଟଙ୍କା ମିଳିଥିଲା। ଜଣେ ନାଟ୍ୟ ନିର୍ଦ୍ଦେଶକ ନାଟକ ଶିକ୍ଷା ସହିତ ଏଭଳି କାର୍ଯ୍ୟ କରି ମାନବୀୟ ଶିକ୍ଷା ସମାଜକୁ ଦେବା ଘଟଣା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚାରେ ଅଛି। ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକଙ୍କ ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜ ଗୋପାଳ ପାଢ଼ୀ ଓ ପୁରା ଟିମ୍। ଆମ ନିର୍ଦ୍ଦେଶକ ସଂଘ ପାଇଁ ଏହା ଗର୍ବର ବିଷୟ ବୋଲି ଶ୍ରୀ ପାଢ଼ୀ କହିବା ସହ ନିର୍ଦ୍ଦେଶକ ସୁଶାନ୍ତ ପଟ୍ଟନାୟକଙ୍କୁ ଫୋନ କରି ସାଧୁବାଦ ଜଣେଇଥିବା ସୂଚନା ଦେଇଛନ୍ତି।



# ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗୀରଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣିରେ ମୋଟ ୩୫ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ୩୨ଟି ଥିବାବେଳେ ସାମୂହିକ ଅଭିଯୋଗ ୨ଟି ଥିଲା ଏବଂ ତ୍ୱରିତ ୨ଟି ଅଭିଯୋଗର ଫଇସଲା ହୋଇଥିଲା। ଜଣଙ୍କୁ ରେଡକ୍ରସ୍ ପାଣ୍ଠି ତରଫରୁ ୨୦୦୦ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍ କାର୍ଡ, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ସୁଭଦ୍ରା, ଜଳ ସମସ୍ୟା ଇତ୍ୟାଦି । ଗ୍ରହଣ କରିଥିବା ଆବେଦନ ଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ପ୍ରତ୍ୟେକ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର ଏବଂ ବିଡ଼ିଓ ଏହି ଯୁଗ୍ମ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

# ମଧ୍ୟସ୍ଥି ସାଜି ଟଙ୍କା ଆଦାୟ କରୁଥିବା ସେନାପତି ଗ୍ୟାଙ୍ଗ୍ ମୁଖିଆ ଗିରଫ



**ବ୍ରହ୍ମପୁର,(ପିପିଏସ୍):** ମାମଲା ସମାଧାନ କରିବା ନାଁରେ ଲୋକଙ୍କ ଭିତରେ ମଧ୍ୟସ୍ଥି ସାଜୁଥିବା ଜଣେ ବ୍ୟକ୍ତିଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଛି । ସେ ହେଲେ ଭାପୁର ବଜାର ଆକୁଳ ସାହିର ରତିକାନ୍ତ ସେନାପତି ଓରଫ ଜୁଲି(୪୫)। ଅଭିଯୁକ୍ତ ଜୁଲି ସେନାପତି ଗ୍ରୁପ ଗଠନ କରି ବିଭିନ୍ନ ମାମଲାରେ ମଧ୍ୟସ୍ଥି ସାଜି ଲୋକଙ୍କୁ ଧମକାଇବା ସହ ଟଙ୍କା ଦାବି କରୁଥିଲେ । ଅଭିଯୁକ୍ତ ଜୁଲି ଓ ତାଙ୍କ ଗ୍ୟାଙ୍ଗ ଦ୍ୱାରା ଶୋଷଣର ଶିକାର ହୋଇଥିବା ୨ ଜଣ ବ୍ୟକ୍ତି ଟାଉନ ଥାନା ଓ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆଜି ଅଭିଯୁକ୍ତ ଜୁଲିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି । ପ୍ରକାଶଯୋଗ୍ୟଯେ, ବ୍ରହ୍ମପୁର ବଡବଜାର ଅଞ୍ଚଳରେ ରହୁଥିବା ଏ. କିରଣ କୁମାର ଓ ତାଙ୍କ ଭାଇଙ୍କ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ରହିଥିଲା । ଏଭଳି ସ୍ଥିତିରେ ଅଭିଯୁକ୍ତ ରତିକାନ୍ତ ଉଭୟ ଭାଇଙ୍କ ବିବାଦରେ ପ୍ରବେଶ କରିଥିଲେ । ରତିକାନ୍ତ ନିଜର ୧୦ ରୁ ୧୫ ଜଣ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚିବା ସହ ଘର ଖାଲି କରିବାକୁ ଧମକ ଦେଇଥିଲେ । ଏହାପରେ ୩ ରୁ ୪ ଥର ନିଜ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚିବା ସହ ୫ ଲକ୍ଷ ଟଙ୍କା ନେଇ ଘର ଖାଲି କରିବାକୁ ଧମକ ଦେଇଥିଲେ । ଘଟଣାକୁ ନେଇ କିରଣ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସେହିପରି ଟାଉନ ଥାନା ଅନ୍ତର୍ଗତ ପ୍ରେମନଗର ଷଷ୍ଠ ଲାଇନରେ ରହୁଥିବା ଇ. ଦ୍ୱାରିକା ନାଥ ଓ ବ୍ୟବସାୟୀ ପି. ରାଜା ପ୍ରଭାକରଙ୍କ ମଧ୍ୟରେ ଦୋକାନ ଗୃହ ଭଡାକୁ ନେଇ ବିବାଦ ରହିଥିଲା । ଦ୍ୱାରିକାନାଥଙ୍କ ଅର୍ବାନ ବ୍ୟାଙ୍କ ରୋଡରେ ଥିବା ଏକ ଦୋକାନ ଗୃହକୁ ପ୍ରଭାକର ଭଡାରେ ନେଇ ସେଠାରେ ରାଜ କମଲ ଏଜେନ୍ସି ନାମକ ଏକ ଇଲେକ୍ଟ୍ରୋନିକ୍ସ ଉପକରଣ ଦୋକାନ ଖୋଲିଥିଲେ । ଉଭୟଙ୍କ ମଧ୍ୟରେ ରହିଥିବା ବିବାଦକୁ ନେଇ ଟାଉନ ଥାନାରେ ଏକାଧିକ ମାମଲା ହୋଇଥିବା ବେଳେ କୋର୍ଟରେ ମଧ ମାମଲା ଚାଲୁ ରହିଛି । ଏଭଳି ସ୍ଥିତିରେ ସେନାପତି ଗ୍ୟାଙ୍ଗର ମୁଖିଆ ରତିକାନ୍ତ ଓ ତାଙ୍କ ସହଯୋଗୀମାନେ ଏହି ବିବାଦ ଭିତରେ ହସ୍ତକ୍ଷେପ କରିଥିଲେ। ଗତ ୧୭ ତାରିଖରେ ରତିକାନ୍ତ ଓ ତାଙ୍କ ଗ୍ୟାଙ୍ଗର ସହଯୋଗରେ ଦୋକାନ ଗୃହ ମାଲିକ ପ୍ରଭାକର ସେହି ଦୋକାନରୁ ବିଭିନ୍ନ ସାମଗ୍ରୀ ବାହାର କରି ନେଇ ଯାଇଥିଲେ । ଏପରିକି ୩୦ ଲକ୍ଷ ଟଙ୍କା ଦେଲେ ସମାଧାନ ହେବ ବୋଲି କହିଥିଲେ । ଘଟଣାକୁ ନେଇ ସେ ରତିକାନ୍ତ ଓ ତାଙ୍କ ଗ୍ୟାଙ୍ଗ ସଦସ୍ୟଙ୍କ ନାଁରେ ଅଭିଯୋଗ କରିଥିଲେ ।

# ୪ଦିନିଆ ଜାତୀୟ ଯୁବସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ




କୋଣାର୍କ(ପି ପି ଏ): କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୁଲ୍ୟରେ ୪ ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଯୁବ ନେତୃତ୍ୱ ଓ ଭାଗିଦାରୀ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ନିର୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ତଥା ଏହି କାର୍ଯ୍ୟକ୍ରମ ଅଧକ୍ଷ ସମାଜରେ ଗ୍ରାମାଞ୍ଚଳର ଯୁବକ ମାନଙ୍କର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ବିକଶିତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧକ୍ଷ ଶୁଭ୍ରୋ ରାଓ କାର୍ଯ୍ୟକ୍ରମର ନିର୍ଦେଶକ ତଥା ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ସାମାଜିକ ସଂଗଠନ ୟଙ୍ଗ ଇଣ୍ଡିଆର ସଭାପତି ଏନଏ ଶାହା ଅନସାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ୪ଦିନିଆ କାର୍ଯ୍ୟକ୍ରମରେ ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୧ ଜଣ ଯୁବ ପ୍ରତିଭା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସଂସଦୀୟ ବିତର୍କର ଅଧିବେଶନକୁ ଅନୁକରଣ ଓ ଆଲୋଚନା କରାଯିବା ନେଇ ପ୍ରସ୍ତାବ ମାନ ରହିଛି । ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନ ନାୟକ, ବିକ୍ରମ କେଶରୀ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ,ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ସୁଭଦ୍ରା ସାହୁ ଓ ରାଜଶ୍ରୀ ନାଥ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।ଶେଷରେ ପରିଚାଳନା କମିଟି ସଭ୍ୟ ଭାଗୀରଥୀ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଜେଏ ଯାଜପୁର ଶାଖା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର (ପିପିଏସ )** ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣର ପ୍ରତିବାଦ ଏବଂ ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନ ଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ୍ କରିବାକୁ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି କ୍ଷ ସଂଘର ରାଜ୍ୟ କାର୍ଯ୍ୟକାରି ସଭାପତି ହାରାଧନ ବାନାର୍ଜୀ ଏବଂ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଯାଜପୁର ଏଡିଏମ୍ ଯୁଧିଷ୍ଠିର ନାଏକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ସଂଘର ଜିଲା ଉପସଭାପତି ପବିତ୍ର ମହାନ୍ତି, ସମ୍ପାଦକ ସୁବାଶିଷ ରାଉତ, ଜାତୀୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରଦୀପ୍ ଚାନ୍ଦ୍, ସଞ୍ଜୟ କର,ବିଦ୍ୟାଧର ସାହୁ, ଭରତ ନାୟକ,ଦିବ୍ୟକାନ୍ତ କର, ଅଜୟ ମିଶ୍ର,ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳ ସାଂସଦ ଓ ପୌରମଣ୍ଡଳ ସଭାପତିଙ୍କ ସାକ୍ଷାତ ସମ୍ବର୍ଦ୍ଧନା

ତାଳଚେର (ପିପିଏସ୍): ଆଜି ଏକ ଦିନିକିଆ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ତାଳଚେର ପହଞ୍ଚି ନୂତନ ଭାବେ ପୌର ମଣ୍ଡଳ ସଭାପତି ଦାୟୀତ୍ୱ ମୁଣ୍ଡେଇ ଥିବା ରାଜେଶ ଦଳେଇଙ୍କ ସହିତ ସାକ୍ଷାତ ହୋଇଥିଲା ଓ ରେଳ ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତି , ପ୍ରାକ୍ତନ ସଭାପତି ବରୁଣ ସାହୁ , ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ ,ଜିଲ୍ଲା



ବିଜେପି ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରଭୃତି ବିଜେପି କାର୍ଯ୍ୟକର୍ତ୍ତା ବିଭିନ୍ନ ପ୍ରକାର ପ୍ରସଙ୍ଗ ଉପରେ ସାଂସଦଙ୍କ ସହିତ ଆଲୋଚନା କରିଥିଲେ ଓ ସାଂସଦଙ୍କ ଶ୍ରୀଯୁକ୍ତ ପାଣି ପ୍ରତିଶ୍ରୁତି ଦେଇ କହିଲେ ଯେ ତାଳଚେର କୌଣସି ସାମୁହିକ କାମ ଅଟକିବ ନାହିଁ , ଯଥା ଶୀଘ୍ର ସମସ୍ତ ପ୍ରକାର ଜନହିତକର କାର୍ଯ୍ୟର ଲଭାର୍ଥି ତାଳଚେର ବାସୀ ହେବେ । ସେ ପିଇବା ପାଣି ସମସ୍ୟା ହେଉ କି ପ୍ରଦୂଷଣ ସମ୍ବୋଧିତ ସମସ୍ୟା ହେଉ ମୋହନ ମାଝି ସରକାର ଲୋକଙ୍କ ନିକଟକୁ ଆସି ସମସ୍ୟା ସମାଧାନ କରୁଛି ,ଯାହା ଅତୀତରେ ସମ୍ଭବ ହେଉନଥିଲା ବୋଲି ଉପସ୍ଥିତ ଲୋକଙ୍କ ଆଗରେ ପ୍ରକାଶ କରିଥିଲେ ।

# ବ୍ରହ୍ମ ସନ୍ଦେଶ ଲୋକାର୍ପିତ



ଭଦ୍ରକ,(ପିପିଏସ୍): ଭଦ୍ରକସ୍ଥିତ ବାଇପାସ୍ ଜଗନ୍ନାଥ ମନ୍ଦିର ସଭାଗୃହରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ମୁଖପତ୍ର "ବ୍ରହ୍ମ ସନ୍ଦେଶ" ଭଦ୍ରକର ମାନ୍ୟବର ବିଧାୟକ ସିତାଂଶୁ ସେଖର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ସଭାପତି ମନ୍ଦରଧର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭଦ୍ରକ ଜିଲ୍ଲା ସଂପାଦକ ତଥା ପତ୍ରିକାର ସହସଂପାଦକ ଡଃ. ବସନ୍ତ କୁମାର ଦୀକ୍ଷିତଃ ବରେଣ୍ୟ ଅତିଥିମାନଙ୍କୁ ତଥା ବ୍ରାହ୍ମଣ ବନ୍ଧୁମାନଙ୍କୁ ସ୍ୱାଗତ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ତଥା ଭଦ୍ରକ ଜିଲ୍ଲା କୋଷାଧକ୍ଷ ରାଧାକାନ୍ତ ଦୀକ୍ଷିତଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ରାଜ୍ୟ ସଭାପତି ଡଃ. ସଦାନନ୍ଦ ଦୀକ୍ଷିତଃ ମହାସଂଘର ଉଦ୍ଦେଶ୍ୟ ଓ କାର୍ଯ୍ୟବଳୀ ସଂପର୍କରେ ବିସ୍ତୃତ ସୂଚନା ଦେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମାନ୍ୟବର ବିଧାୟକ ତାଙ୍କ ଅଭିଭାଷଣରେ ବ୍ରାହ୍ମଣ ସଂଗଠନକୁ ଶକ୍ତିଶାଳୀ କରାଯିବା ଓ ବ୍ରାହ୍ମଣ ସଂଗଠନ ମାଧ୍ୟମରେ ଲୋକହିତକର କାର୍ଯ୍ୟ ସଂପାଦନ ଉପରେ ଗୁରୁତ୍ୱାରୋପ କରିବା ସଂଗେ ସଂଗେ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବିଶିଷ୍ଟ ଅତିଥି ମୁଖ୍ୟଯନ୍ତ୍ରୀ ଇଂ. ସୁବ୍ରତ ଦାଶ ବ୍ରାହ୍ମଣ ସଂଗଠନ ଦ୍ୱାରା ରାଷ୍ଟ୍ର ଓ ଧର୍ମର ସୁରକ୍ଷା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସଂପାଦକ ଡଃ. ବସନ୍ତ ଦୀକ୍ଷିତ ଜିଲ୍ଲା ସଂଗଠନର ଆଭିମୁଖ୍ୟ ତଥା ଜିଲ୍ଲା ସଂଗଠନର ଲୋକହିତକର କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିବା ସଂଗେ ସଂଗେ ମାନ୍ୟବର ବିଧାୟକଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ସଭାପତି ମନ୍ଦରଧର ଦୀକ୍ଷିତ ଆଗାମୀ ସେପ୍ଟେମ୍ବର ମାସରେ ଭଦ୍ରକରେ ଏକ ବିଶାଳ ରାଜ୍ୟସ୍ତରୀୟ ବ୍ରାହ୍ମଣ ସମାବେଶ କରାଯିବାକୁ ଘୋଷଣା କରିଥିଲେ । ପତ୍ରିକାର ଅନ୍ୟତମ ସହସଂପାଦକ ତଥା ଜିଲ୍ଲା ଉପସଭାପତି ଅମର କୁମାର ପାଣିଗ୍ରାହୀ ସଭା ସଂଚାଳନା କରିବା ସଂଗେ ସଂଗେ ପତ୍ରିକାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ସଭାରେ ଉପସ୍ଥିତ ବ୍ରାହ୍ମଣ ବନ୍ଧୁମାନଙ୍କ ମଧ୍ୟରୁ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ସାମ୍ବାଦିକ ପତଞ୍ଜଳୀ କରଶର୍ମା, ତ୍ରିଲୋଚନ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ପଣ୍ଡିତ ନରହରି ଦାସ, ନାରାୟଣ ପାଢ଼ୀ, ବ୍ରାହ୍ମଣ ସଂଗଠନ ସଂପର୍କରେ ନିଜର ମତବ୍ୟକ୍ତ କରିଥିଲେ । ପରିଶେଷରେ ଶ୍ରୀମତୀ ଜାନକୀ ପାଢ଼ୀ ବରେଣ୍ୟ ଅତିଥି, ଉପସ୍ଥିତ ସମସ୍ତ ବ୍ରାହ୍ମଣ ବନ୍ଧୁ ତଥା ମନ୍ଦିର ପରିଚାଳକ ସୁରେନ୍ଦ୍ର ପାଣି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ କୃତଜ୍ଞତା ଅର୍ପଣ କରିବା ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ସଂପାଦକ ଗୋପବନ୍ଧୁ ମିଶ୍ର, ସୁରେନ୍ଦ୍ରନାଥ ପଣ୍ଡା, ବିଭୂତି ଭୂଷଣ ତ୍ରିପାଠୀ, ରତ୍ନାକର ଦାଶ, ସୁଶାନ୍ତ ପଣ୍ଡା, ମଦନ ଦାଶ ଆଦି ଶତାଧିକ ବ୍ରାହ୍ମଣ ବନ୍ଧୁ ଉପସ୍ଥିତ ଥିଲେ ।

# ଧାମନଗରରେ ସ୍ଥାୟୀ ଅଧିକାରୀଙ୍କ ଅଭାବ

**ଧାମନଗର (ପିପିଏସ):**

ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବହୁ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ମରୁଡ଼ି। ଅଧିକାଂଶ ପଦବୀରେ ଚାର୍ଜ ଅଧିକାରୀ।ଯାହା ଫଳରେ ଏହି କାର୍ଯ୍ୟାଳୟ ଅଧିନସ୍ଥ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଜାନୁଆରୀ ୩୧ ତାରିଖରେ ଧାମନଗର ତହସିଲଦାର ଅବସର

## ଚାର୍ଜ ଅଫିସରରେ ବହୁ କାର୍ଯ୍ୟାଳୟ

ଗ୍ରହଣ କରିଥିବା ବେଳେ ଅତିରିକ୍ତ ତହସିଲଦାର ସାଇ ସିଲୋନା ଏହି ଦାୟିତ୍ୱରେ ଅଛନ୍ତି। ଧାମନଗର ତହସିଲରେ ଦୁଇଜଣ ଅତିରିକ୍ତ ତହସିଲଦାର ଓ ଜଣେ ତହସିଲଦାର ଆବଶ୍ୟକ ବେଳେ ମାତ୍ର ଜଣେ ଅତିରିକ୍ତ ତହସିଲଦାରରେ କାମ ଚାଲିଛି। ଶୁଣାଯାଏ ଧାମନଗରକୁ ଜଣେ ତହସିଲଦାରଙ୍କ ବଦଳି ହୋଇଥିଲେ ମଧ ସେ ପାଖାପାଖି ଦୁଇ ସପ୍ତାହ ହେବ କାର୍ଯ୍ୟରେ ଯୋଗ ଦେଉ ନାହାଁନ୍ତି ।ସେହିପରି ଧାମନଗର ଉପ ନିବନ୍ଧକ ସତ୍ୟାନନ୍ଦ ପାତ୍ର ଧୂଷୁରୀ ଉପ ନିବନ୍ଧକ ଭାବେ ଦୈତ ଦାୟିତ୍ୱରେ ଥିବାରୁ ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇ ପାରୁ ନାହାଁନ୍ତି। ଏବେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ ନିଜ ମୂଳ ଦାୟିତ୍ୱ ସହ ଚାନ୍ଦବାଲି ଉପଖଣ୍ଡ ଦାୟିତ୍ୱରେ ଅଛନ୍ତି ।ମାତ୍ର ତିନି ମାସ ମଧ୍ୟରେ ଧାମନଗର ବ୍ଲକର ଦୁଇ ଦୁଇ ଜଣ ବଡ଼ବାବୁଙ୍କ ବଦଳି ହୋଇଥିବା ବେଳେ ତହସିଲରେ ବଡ଼ବାବୁ ଥିବା କତନ ସିଂ ଏହି ଦାୟିତ୍ୱରେ ଅଛନ୍ତି। ସେହିପରି ବ୍ଲକର ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ପଦବୀ ଦୁଇ ବର୍ଷ ହେବ ଶୂନ୍ୟ ଥାଇ ଚାର୍ଜ ଅଧିକାରୀରେ ଚାଲିଥିବା ବେଳେ କେସିଅର ପଦବୀ ମଧ୍ୟ ସେହି ଢାଞ୍ଚାରେ ଚାଲିଛି ।ବିଇଓ ଅଫିସ ର ବଡ଼ବାବୁ ଅଜୟ ସାମଲଙ୍କ ଅବସର ପରେ ତାହା ମଧ୍ୟ ଚାର୍ଜ ଅଧିକାରୀରେରେ ଚାଲିଛି। ଏଥି ସହିତ ଆଉ କିଛି ଅଧିକାରୀ ପଦ ଶୂନ୍ୟ ଥିବାରୁ ଦୈନିକ ଓଡ଼ିଆ ସମ୍ବାଦପତ୍ର ପ୍ରଜାତନ୍ତ୍ରରେ ଖବର ପ୍ରସାରଣ ପରେ ଧାମନଗର ଆଇଆଇସି, ବିଇଓ ଏବଂ ସିଡିପିଓ ପଦବୀରେ ସ୍ଥାୟୀ ଅଧିକାରୀ ଯୋଗ ଦେଇଛନ୍ତି। ଖାଲିଥିବା ପଦବୀ ପୂରଣ ପୂର୍ବକ ଜନସାଧାରଣଙ୍କୁ ସୁଚାରୁ ରୂପେ ସେବା ପ୍ରଦାନ ପାଇଁ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଥିବା ଧାମନଗର ଯୁବ ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବ ସେବା, ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଏବଂ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।



# ପରିଣତ ବୟସରେ ବି ମିଳୁନି ଭତ୍ତା

ମାଲକାନଗିରି: ବୃଦ୍ଧବୃଦ୍ଧା ମାନେ ଭତାରୁ ବଂଚିତ । ବୟସର ସୀମା ଟପିଲାଣି ହେଲେ ମିଳୁନି ବାର୍ଦ୍ଧକ୍ୟ ଭତା । ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ହେଲେନି ନୟାନ୍ତ । ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ ମିଳୁନି ସୁଫଳ । ଭତା ପାଇବାର ଆଶା ଆଶାରେ ହିଁ ରହିଯାଇଛି । କେତେ ଦିନ ଆଉ ଅପେକ୍ଷା କରିବାକୁ ପଡିବ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ । ଖଇରପୁଟ ଅଂଚଳର ଅଧିକାଂଶ ବୃଦ୍ଧା ବୃଦ୍ଧର ବୟସ ୭୦/୮୦ରୁ ଉର୍ଦ୍ଧ ହୋଇଯାଇଥିଲେ ମଧ ଆଜି ଯାଏଁ ସେମାନଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତା । ସେହିପରି ବିଧବା ହୋଇ ୧୫/୨୦ ବର୍ଷ ବିତି ଯାଇଥିଲେ ମଧ ସେମାନେ ବିଧବା ଭତାରୁ ବଂଚିତ ରହୁଛନ୍ତି । ଖଇରପୁଟ ବ୍ଲକର ଅଧିକାଂଶ ପଂଚାୟତ ଦୁର୍ଗମ ଅଂଚଳ । ରାସ୍ତା ଘାଟର ଅଭାବ ରହିଛି । ସେହି ଅଂଚଳର ବୃଦ୍ଧବୃଦ୍ଧା ଓ ବିଧବା ମାନେ କେତେ କଷ୍ଟରେ ବ୍ଲକ କାର୍ଯ୍ୟାଳକୁ ଆସୁଛନ୍ତି । କିନ୍ତୁ, ପ୍ରଶାସନର ଦୃଷ୍ଟି ପଡୁନି । ଭତା ପାଇବା ଆଶାରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଗଲେଣି ହେଲେ ମିଳୁନି ସୁଫଳ । ଜିଲ୍ଲାପାଳଙ୍କ ଜନଶୁଣାଣୀରେ କେତେ ଥର ଲିଖିତ ଆକାରରେ ଦେଇ ଆସୁଛନ୍ତି ଅଭିଯୋଗ ତଥାପି ହେଉନି ସେମାନଙ୍କର ଭତା । ପରିଣତ ବୟସ, ମଶାଣି ଯିବାର ରାସ୍ତା ଖୋଜୁଛି । ଶେଷ ସମୟରେ ମଧ ସରକାରଙ୍କ ପଇସା ଖାଇ ମରିବୁ ବାବୁ ବୋଲି ଛଳଛଳ ଆଖିରେ କ୍ଷୋଭ ପ୍ରକାଶ କରିଛନ୍ତି । କିନ୍ତୁ, ସେମାନଙ୍କ ଆଶା ପୂରଣ ହେବାକୁ ଦେଉନାହାନ୍ତି ଅଧିକାରୀ ବାବୁମାନେ । ପରିଣତ ବୟସରେ ଆଉ କେତେ ଦୌଡ଼ିବୁ ବାବୁ ବଳ ବୟସ ସରି ଆସିଲାଣି । ଭତା ପାଇବାର ଆଶା ଧିରେ ଧିରେ ମଉଳି ଗଲାଣି । ବର୍ତ୍ତମାନର ସରକାର ଲୋକଙ୍କ ସରକାର । ଅଳ୍ପ ଦିନ ଭିତରେ ଲୋକଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତି କଲେଣି । ସରକାରଙ୍କ ଯୋଜନା ଲୋକଙ୍କ ପାଖକୁ କିପରି ପହଂଚିବ ଏବଂ ଲୋକେ ସରକାରଙ୍କ ଯୋଜନାରୁ ଯେପରି ବଂଚିତ ନହେବେ ତା ଉପରେ ଗୁରୁତ୍ୱ ଦେଉଛନ୍ତି । ବିଗତ ବିଜେଡି ସରକାର ବୃଦ୍ଧା ବୃଦ୍ଧଙ୍କୁ ପାଂଚ ଶହ ଟଙ୍କା ଦେଉଥିଲେ । କିନ୍ତୁ ମୋହନ ସରକାର ପାଂଚ ଶହ ଟଙ୍କାରୁ ବଢେଇ ହଜାର ଟଙ୍କା କଲେ । ତାସହିତ ୮୦ ବର୍ଷର ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ଟଙ୍କା ବୃଦ୍ଧି କଲେ । ବୃଦ୍ଧବୃଦ୍ଧାଙ୍କ ପାଇଁ ଏତେ ଗୁରୁତ୍ୱ ଦେଉଥିବା ବେଳେ କେତେକ ଅସାଧୁ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରଙ୍କ ମୌଳିକ ସୁବିଧାରୁ ବଂଚିତ ରହୁଛନ୍ତି ନିରୀହ ଗରିବ ଲୋକେ । ଅଧିକାରୀ ବାବୁମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ଏବଂ କାର୍ଯ୍ୟରେ ଅବହେଳା କରୁଥିବା ହେତୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାବୁମାନଙ୍କ ଅବହେଳାର କାର୍ଯ୍ୟ ଯୋଗୁ ଏହାର ପରିଣାମ ଭୋଗୁଛନ୍ତି ସାଧାରଣ ଲୋକେ । ଖଇରପୁଟ ବିଡ଼ିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ବିଡ଼ିଓ ଛୁଟିରେ ଥିବା ଯାଗୁଁ ତାଙ୍କ ସହିତ ଯୋଗାଯୋଗ ହୋଇପାରିନି । ସରକାର ଏହାକୁ ଗୁରୁତ୍ୱର ସହ ନେଇ ବଂଚିତ ରହିଥିବା ବୃଦ୍ଧବୃଦ୍ଧାଙ୍କୁ ଭତା କିପରି ମିଳିବ ତାର ବ୍ୟବସ୍ଥା କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି । ତେବେ ସରକାର ଏଥିପ୍ରତି କେତେ ଗୁରୁତ୍ୱ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଜୀବିକା ଉଜାଡ଼ିବାକୁ ଉଦ୍ୟମ
## ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ଚାଷୀ



ଟିଟିଲାଗଡ଼, (ପିପିଏସ୍): ଗଣତନ୍ତ୍ର ଦେଶରେ ଜନତାଙ୍କ ମର୍ଜୀ, ସାର୍ଥ ବର୍ତ୍ତମାନ ଗୌଣ ହେବାରେ ଲାଗିଥିବା ଅଭିଯୋଗ ହୋଇଛି । ସରକାରୀ ସ୍ତରରେ ଅନେକ ଯୋଜନା କେବଳ ରାଜକୋଷ ଅର୍ଥ ବ୍ୟୟ ଉଦ୍ଦେଶ୍ୟରେ ପ୍ରଣୟନ କରାଯାଉଛି । ସ୍ଥାନୀୟ ଜନତାଙ୍କ ଆବଶ୍ୟକତା, ଲୋକଙ୍କ ମତାମତ ଗୌଣ ହୋଇଛି । ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଅନେକ ଯୋଜନା ପ୍ରଣୟନ କରାଯାଉଥିବା ବେଳେ ସେଥିରେ ଠିକାଦାର ପୋଷା ଏକ ମାତ୍ର ଉଦ୍ଦେଶ୍ୟର ଗନ୍ଧ ବାରି ହୋଇପଡୁଛି । ଶିଳ୍ପବିହୀନ, ଦାଦନ ପ୍ରବଣ ତଥା ତତଲାଗଡ଼ ଭାବରେ ପରିଚିତ ଟିଟିଲାଗଡ଼ ଅଞ୍ଚଳରେ କୃଷିକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ହେଲେ ଏଠାରେ ବର୍ଷାଭାବ ନେଇ ଖରିଫରେ ଚାଷୀ ମରୁଡିର ଶିକାର ହୋଇ ତଳିତଳାନ୍ତ ହେଉଛନ୍ତି । ଦିପୁରିଆ ଚାଷ ଏଠାରେ ସାତସପନ । ଏମିତିରେ ଜଳସେଚନ ବ୍ୟବସ୍ଥା ପାଇଁ ଚାଷୀଙ୍କ ଦାବି ଅଣଦେଖା ହୋଇରହିଛି । ଅନ୍ୟପକ୍ଷରେ ଚାଷୀଙ୍କ ପେଟପାଟଣା ମେଣ୍ଟାଇ ଆସୁଥିବା ଚାଷଜମିକୁ ଜୋର ଜବରଦସ୍ତ ଅକ୍ତିଆର କରିପିଚୁ ରାସ୍ତା ପାଇଁ ବ୍ୟାପକ ମସୁଧା ଚାଲିଛି । ଏନେଇ ଚାଷୀଙ୍କ ବିରୋଧ ଦମନ ପାଇଁ ବଳ ପ୍ରୟୋଗ କରାଯାଉଥିବା ଅଭିଯୋଗ ହୋଇଆସୁଛି । ଟିଟିଲାଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥ ୫୯ର ବାଇପାସ ରାସ୍ତା ନିର୍ମାଣ ପାଇଁ ଚାଷ ଜମି ଚୟନ ହେବା ଅସନ୍ତୋଷ ବର୍ତ୍ତମାନ ତୀବ୍ର ରୂପ ଧାରଣ କରିଛି । ଚାଷୀ ଏହାର ପ୍ରତିବାଦ ସହ ନୂଆ ସରକାରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମଧ ଦ୍ୱାରସ୍ଥ ହୋଇସାରିଛନ୍ତି । ହେଲେ ନ୍ୟାୟ ବଦଳରେ ଗୁଣ୍ଡା ବାହିନୀ ସମେତ ପୋଲିସ୍ ଲଗାଇ ଚାଷୀଙ୍କୁ ଭୟଭୀତ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି । ଟିଟିଲାଗଡ଼ ଠାରୁ ବେଲଗାଁ ମଧରେ ନିର୍ମାଣ ହେଉଥିବା ଜାତୀୟ ରାଜପଥ ପାଇଁ ଶହ ଶହ ଏକର ଚାଷ ଜମି ଅକ୍ତିଆର ସହ ବହୁ ପ୍ରାଚୀନ ବୃକ୍ଷ ହଣା ଚାଲିଛି । ସେଭଳି କୌଣସି ଟ୍ରାଫିକ ନଥିବା ଏହି ରାସ୍ତା ନିର୍ମାଣ କ୍ଷତିଗ୍ରସ୍ତ ଚାଷୀଙ୍କ ପେଟପାଟଣାର ବିକଳ୍ପ ଯୋଗାଇଦେବା ବଦଳରେ କେବଳ ରାଜକୋଷ ଅର୍ଥ ଶ୍ରାଦ୍ଧ ତଥା ଠିକାଦାର ପୋଷା ମୁଖ୍ୟ ଲକ୍ଷ୍ୟ ବୋଲି ଅଭିଯୋଗ ହୋଇଛି । ଟିଟିଲାଗଡ଼ ପୌରାଞ୍ଚଳରେ ଜମି ଡ଼ିସମିଲ ପ୍ରତି ୨ ଲକ୍ଷରୁ ୧୨ ଲକ୍ଷ ଟଙ୍କାରେ ବିକ୍ରୟ ଚାଲିଛି । ସ୍ଥଳବିଶେଷରେ ସହରର ମୁଖ୍ୟ ସ୍ଥାନରେ ଜମି ବର୍ଗ ଫୁଟ ଆକାରରେ ବିକ୍ରି ବଟା ଚାଲିଛି । ହେଲେ ପୌର ପରିଷଦକୁ ଲାଗି ରହିଥିବା ଜମିକୁ ଡ଼ିସମିଲ ପ୍ରତି ୩ ହଜାର ଟଙ୍କା ବ୍ୟାଚ ମାର୍କ ଭେଲୁ ବୋଲି ଆକଳନ କରାଯାଇ ଅକ୍ତିଆର ଉଦ୍ୟମ କରାଯାଉଥିବା ଚାଷୀ ଅଭିଯୋଗ କରି ଆସିଛନ୍ତି କ୍ଷ ଏନେଇ ଆଜି ମଧ ଟିଟିଲାଗଡ଼ ଠାରେ ବଲାଙ୍ଗିର ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ପ୍ରକୋଷ୍ଠରେ କ୍ଷତିଗ୍ରସ୍ତ ଚାଷୀ ନିଜ ପ୍ରତିବାଦ ଲିଖିତ ଭାବରେ ଜାହିର କରିଛନ୍ତି । ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କ ପକ୍ଷରୁ ଉପସ୍ଥିତ ବଲାଙ୍ଗିର ଅତିରିକ୍ତ ଜିଲାପାଳଙ୍କୁ ଚାଷୀ ନିଜ ଦୁଃଖ ବଖାଣି ଥିଲେ । ତେବେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଏନେଇ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନଥିବା କିମ୍ବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱସ୍ତି ମିଳିନଥିବା ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଡ, ବରିଷ୍ଠ କ୍ଷତିଗ୍ରସ୍ତ ଚାଷୀ ଅଭୟ ସାହୁ, ଗରିବ ସୁନା ପ୍ରମୁଖ ଅଭିଯୋଗ କରିଛନ୍ତି । ୨୦୧୭ ପୁର୍ବରୁ ରାସ୍ତା ପାଇଁ ଜମି ତଥା କିସମ ଚିହ୍ନଟ କରାଯାଇଥିଲା । ଉକ୍ତ ପ୍ରକ୍ରିୟାରେ ସାମିଲ ରାଜସ୍ୱ ନିରୀକ୍ଷକ ବଲାଙ୍ଗୀର ଜିଲାରେ ଆରଆଇ, ଅମିନ ନିଯୁକ୍ତିରେ ଅନିୟମିତତା ନେଇ ଚାକିରୀ ହରାଇସାରିଲେଣି । ହେଲେ ଚାଷୀଙ୍କ ଦୁର୍ଭାଗ୍ୟର ଅନ୍ତ ହେଉ ନାହିଁ । ଏନେଇ ବିଧିବଦ୍ଧ ଭାବରେ ତଦନ୍ତ ସହ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ହେଉଛି ।

# ଚୈତନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୌରବ ବଜାୟ ରଖିଲେ ରୋହିତ୍



ରାଉରକେଲା(ପିପିଏସ): ଚିକଟମାଟି ସ୍ଥିତ ଚୈତନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ତା'ର ପୂର୍ବ ଗୌରବକୁ ବଜାୟ ରଖିବାରେ ସକ୍ଷମ ହୋଇପାରିଛି । ରୋହିତ କୁମାର ମାହନ୍ତ ୯୧.୩୩ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ୭୯ ଜଣ ପ୍ରଥମ ଶ୍ରେଣୀରେ, ୧୬ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଥି ମଧ୍ୟରୁ ୬ ଜଣ ୮୦ ପ୍ରତିଶତରୁ ଅଧିକ,୩୧ ଜଣ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ମଲ୍ଲଙ୍କ ନିର୍ଦ୍ଦେଶନାରେ ପରିଚାଳିତ ଦୀର୍ଘ ୧୭ ବର୍ଷ ର ଏହି ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଶତ ପ୍ରତିଶତ ସଫଳତା ଅର୍ଜନ କରି ସମଗ୍ର ପଶ୍ଚିମ ଓଡିଶାରେ ନିଜର ନାମକୁ ଗୌରବାନ୍ୱିତ କରିପାରିଛି । ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ ଏକ ଶୈକ୍ଷିକ ବାତାବରଣ ମଧରେ ଛାତ୍ର ଛାତ୍ରୀ ମାନେ ଅଧୟନ କରୁଥିବାରୁ ପ୍ରତ୍ୟେକ ବର୍ଷ ଏହି ସଫଳତା ମିଳୁଛି ବୋଲି ଏହାର ଶ୍ରେୟ ଶ୍ରୀ ମଲ୍ଲ ବିଦ୍ୟାଳୟର ଅଧକ୍ଷ, ଅଧାପକ, ଅଧାପିକା, ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଦେଇଛନ୍ତି ।

# ଜୁନ୍ ୧ରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ରାଉରକେଲା: ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ତଥା ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ଆବାହକତ୍ୱରେ ସାରନଗରୀ ସ୍ଥିତ ଜଗନ୍ନାଥ ପ୍ରେମୀ ଓ ଶ୍ରୀଗୁଣ୍ଡିଚା ମନ୍ଦିରର ଭକ୍ତମାନଙ୍କୁ ଅନୁରୋଧ ଯେ ଆସନ୍ତା ଜୁନ ମାସ ୧ତାରିଖ ରବିବାର ଅପରାହ୍ନ ୪ଘଟିକା ସମୟରେ ସାରନଗରୀସ୍ଥିତ ଜଗନ୍ନାଥଙ୍କ ମନ୍ଦିର ପ୍ରେକ୍ଷାଳୟରେ ଏକ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଶ୍ରଦ୍ଧାଳୁ ମାନେ ଯୋଗଦେଇ ଏକ ନୂତନ ପରିଚାଳନା କମିଟି ଗଠନ କରି ମହାପ୍ରଭୁଙ୍କ ରଥଯାତ୍ରା ସମେତ ବିଭିନ୍ନ ନୀତିକାନ୍ତି ସୁରୁଖୁରୁରେ ସମ୍ପର୍ନ୍ନ କରିବା ପାଇଁ ନିଷ୍ପତ୍ତି ନେବା ପାଇଁ ଶ୍ରୀ ରାମେଶ୍ୱର ମନ୍ଦିରର ପ୍ରତିଷ୍ଠାତା,ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠାତା ସଭାପତି ତଥା ସଚେତନ ନାଗରିକ ମଞ୍ଚ ର ସାଧାରଣ ସମ୍ପାଦକ ପତିତପାବନ ରାୟ ଓ ସାରନଗରୀ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଧାନ ସେବକ ସ୍ମୃତିକାନ୍ତ ମିଶ୍ର ଅନୁରୋଧ କରିଛନ୍ତି ।

# ପୃଥକ୍ ସ୍ଥାନରୁ ଦୁଇଟି ମୃତଦେହ ଉଦ୍ଧାର
## ପୁଲିସ୍ କରୁଛି ତଦନ୍ତ

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ବରଗୋଡା ଠାରୁ ଭଡ଼ାଘର ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ସୂଚନା ମୁତାବକ, ମୃତ ମହିଳା ଜଣକ ସୁକାନ୍ତ କୁମାର ରାଉତଙ୍କ ପତ୍ନୀ ରଶ୍ମିତା ରାଉତ(୩୫) ବୋଲି ଜଣାପଡିଛି । ସ୍ୱାମୀ ସୁକାନ୍ତ ଯୋଡ଼ା ଓଏମସି କମ୍ପାନୀରେ ଦୀର୍ଘଦିନ ହେବ ଚାକିରି କରୁଥିଲେ । ସ୍ତ୍ରୀ ରଶ୍ମିତା ନିଜ ପୁଅ ଓ ଝିଅଙ୍କୁ ପାଠ ପଢ଼ାଇବା ପାଇଁ ବରଗୋଡା ନିରଞ୍ଜନ ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ । ରବିବାର ବିଳମ୍ବିତ ରାତିରେ ପୁଅ ଝିଅ ଶୋଇଥିବା ବେଳେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ପୋଲିସ୍ ମହିଳାଙ୍କ ଶବଟିକୁ ଉଦ୍ଧାର ସହ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ସହ ଘଟଣାର ସତ୍ୟତା ଜାଣିବା ପାଇଁ ତଦନ୍ତ ଜାରି ରଖିଛି । ଏଥିସହ ହରିଚନ୍ଦନପୁର ଥାନା ପଞ୍ଚପଟ ହାଟ ପଡ଼ିଆ ଛଦୀପ୍ ବ୍ରହ୍ମଙ୍କ ଦୋକାନ ବାରଣ୍ଡାରେ ଜଣେ ଅଜଣା ଯୁବକଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର କରିଛି । ନିକଟରୁ ଗୋଟିଏ ବ୍ୟାଗ୍, ଗାମୁଛା, ଏବଂ ଯୋତା ଜବତ ହୋଇଛି । ନ୍ୟୁଜ୍ ଲେଖିବା ପର୍ଯ୍ୟନ୍ତ ମୃତ ଯୁବକ ଜଣଙ୍କର ପରିଚୟ ମିଳିନଥିବା ବେଳେ ମୃତ୍ୟୁର କାରଣ ଓ ପରିଚୟ ଖୋଜୁଛି ପୋଲିସ୍ । ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି ।

# ବିଶ୍ୱ ସମ୍ବାଦ କେନ୍ଦ୍ର କନ୍ଧମାଳ ପକ୍ଷରୁ ନାରଦ ଜୟନ୍ତୀ

କନ୍ଧମାଳ: ବିଶ୍ୱ ସମ୍ବାଦ କେନ୍ଦ୍ର କନ୍ଧମାଳ ପକ୍ଷରୁ ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନାରଦ ଜୟନ୍ତୀ ପାଳନ କରାଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଶ୍ୱ ସମ୍ବାଦ କେନ୍ଦ୍ର ଆବାହକ ଟି. ଶିବ ଶଙ୍କର ପାତ୍ର ଅତିଥି ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଅଶୋକ ପରିଡା ଅତିଥି ଭାବେ ଯୋଗଦେଇ ପୁରାଣ ଯୁଗରେ ମହର୍ଷି ନାରଦ କିପରି ସତ୍ୟ ସମ୍ବାଦ ପରିବେଷଣ କରୁଥିଲେ, ଯାହାକୁ ନେଇ ବିବାଦ ଉପୁଜୁଥିଲା ସେ ସମ୍ପର୍କରେ ସୂଚନା ଦେଇଥିଲେ । ବର୍ତ୍ତମାନ ଯୁଗରେ ବିଶ୍ୱରେ ସମ୍ବାଦ, ସାମ୍ବାଦିକତା ଓ ସମ୍ବାଦପତ୍ରର ଉତ୍ପତି ଓ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଖ୍ରୀଷ୍ଟପୂର୍ବ ୫୯ରେ ରୋମରୁ ବିଶ୍ୱର ପ୍ରଥମ ଖବର କାଗଜ ପ୍ରକାଶିତ ହେବା ସହ ଭାରତରେ ୧୭୮୦ରେ ଇଂରାଜୀରେ ହିକିସ ବେଙ୍ଗଲ ଗେଜେଟ ଏବଂ ଓଡିଶାରୁ ୧୮୬୬ମସିହାରେ ଉତ୍କଳ ଦୀପିକା ପ୍ରଥମ ଖବର କାଗଜ ପ୍ରକାଶିତ ହୋଇଥିବା ସୂଚନା ଦେଇଥିଲେ । ପରିସ୍ଥିତିକୁ ଦେଖି ତଥ୍ୟଭିତିକ, ସତ୍ୟ, ନିରପେକ୍ଷ ଓ ସଠିକ ଖବର ପ୍ରକାଶ କରିବା ସାମ୍ବାଦିକର ଧର୍ମ । ବର୍ତ୍ତମାନର ଧ୍ୱଂସ ମୁଖୀ ସମାଜକୁ ରକ୍ଷା କରିବାକୁ ସଂକୀର୍ଣ୍ଣ ସାର୍ଥରୁ ଉର୍ଦ୍ଧ୍ୱରେ ରହି ଜନସାର୍ଥକୁ ଅଗ୍ରାଧିକାର ଦେଇ ସ୍ୱଚ୍ଛ ଓ ନିର୍ଭିକ ତଥ୍ୟ ସମ୍ବଳିତ ସମ୍ବାଦ ପରିବେଷଣ କଲେ ୪ର୍ଥ ସ୍ତମ୍ଭର ମହତ୍ୱ ପ୍ରତିପାଦିତ ହୋଇପାରିବ ବୋଲି କହିଥିଲେ । ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମ ତତକ୍ଷଣାତ ଖବର ପଠାଇବାରେ ମୁଖ୍ୟ ଭୂମିକା ନିଭାଉଛି । ଏହି ଅବସରରେ ଫିରିଙ୍ଗିଆ କଲେଜର ଅଧକ୍ଷ ଡଃ. ଚିତ ରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେବର୍ଷି ନାରଦଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପୁରାଣ ଯୁଗରେ ଦେବର୍ଷି ନାରଦ ତ୍ରିଭୁବନ ପରିକ୍ରମା କରି ସତ୍ୟ ସମ୍ବାଦ ପ୍ରଦାନ କରୁଥିଲେ । ସେଥିପାଇଁ କେତେକ ତାଙ୍କୁ କଳିହା ନାରଦ କହୁଥିଲା ବେଳେ ବାସ୍ତବରେ ସେ ସତୁଆ ନାରଦ ଥିଲେ । ମିଛକୁ ପ୍ରଶୟ ନଦେବା, ନାରୀଙ୍କୁ ଉଚ୍ଚ ଆସନ ଦେବା, ନକାରତ୍ମକ ଖବର ପ୍ରସାରଣ ନ କରିବା, ସକାରତ୍ମକ ଓ ସତ୍ୟ ଖବରକୁ ଅଗ୍ରାଧିକାର ଦେବା ନାରଦଙ୍କର ବୈଶିଷ୍ଟ୍ୟ ଥିଲା । ଦେବର୍ଷି ନାରଦ ଖବର ସରବରାହର ଏକ ଅନୁଷ୍ଠାନ ଥିଲେ । ସେ କାହାର ଶତ୍ରୁ ନଥିଲେ ।ସେହିଭଳି ଆଜିର ଯୁଗରେ ସାମ୍ବାଦିକମାନେ ସୀମାରେଖା ଭିତରେ ରହି ବ୍ୟକ୍ତି ଅପେକ୍ଷା ଦେଶକୁ ଅଗ୍ରାଧିକାର ଦେଇ ସମ୍ବାଦ ପରିବେଷଣ କରିବା ସାମ୍ବାଦିକର ଧର୍ମ ହେବା ଉଚିତ ବୋଲି କହିଥିଲେ । ଫୁଲବାଣୀ ନଗର ସଂଘଚାଳକ ଗୋବିନ୍ଦ ନାୟକ ଅତିଥି ଭାବେ ଯୋଗଦେଇ ଦେବର୍ଷି ନାରଦ ସାମ୍ବାଦିକତା କ୍ଷେତ୍ରରେ ଆଦର୍ଶ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ସାମ୍ବାଦିକ ଆଦିତ୍ୟ ତ୍ରିପାଠୀ, ଶିବ ବିଶ୍ୱାଳ, ବିରେନ୍ଦ୍ର ସୁବୁଦ୍ଧି, ଲଳିତ କୁମାର ମଳିକ, ଆଇନଜୀବୀ ଭଗବାନ ମହାନ୍ତି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଓ ଅନ୍ୟ ଆଚାର୍ଯ୍ୟ ପ୍ରମୁଖ ବହୁ ଶ୍ରୋତା, ପାଠକ ଓ ଶୁଭେଚ୍ଛୁ ଯୋଗଦାନ କରିଥିଲେ ।

# ସାମ୍ବାଦିକଙ୍କୁ ମାଡ଼ ଘଟଣାରେ ୪ ଗିରଫ

ବଲାଙ୍ଗିର: ହାତଗୋଡ଼ ବାନ୍ଧି ସାମ୍ବାଦିକଙ୍କୁ ମାଡ଼ ଘଟଣାରେ ୪ ଗିରଫ । ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କଲା ବଲାଙ୍ଗିର ପୋଲିସ । ଆକ୍ରମଣକାରୀ ଅବିନାଶ ଦଳାଇ, ଆଦିତ୍ୟ ଜେନା, ଗୁମର ନାୟକ ଗିରଫ । ମାଷ୍ଟରମାଇଣ୍ଡ ଠିକାଦାର ଗଜେନ୍ଦ୍ର ଦଳାଇ ଏବେବି ଫେରାର । ପୁଇଁତଳା କୁଲଥିପାଲି ଗାଁରେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଆକ୍ରମଣ ହୋଇଥିଲା । ଖବର ସଂଗ୍ରହ ବେଳେ ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ ।


# ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ସମ୍ବଲପୁର: ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟ ପରିସରରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଷଷ୍ଠ ସପ୍ତାହର ଶିକ୍ଷାଦାନ ସମାପନ ହୋଇଯାଇଛି । ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଔପଚାରିକ ଭାବେ ଆଜିର ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣ ର ପ୍ରସଙ୍ଗ " ଶାନ୍ତି" ଉପରେ ପ୍ରଶିକ୍ଷଣ ଆରମ୍ଭ କରି ସମାଜସେବୀ ମୁକ୍ତକଣ୍ଠ ପ୍ରଧାନ ବର୍ତମାନ ପରିପ୍ରେକ୍ଷୀରେ ଶାନ୍ତିର ଆବଶ୍ୟକତା ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରି ଶାନ୍ତି ହିଁ ବିଶ୍ୱ ବାସୀ ଙ୍କ କାମନା ହେବା ଉଚିତ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନ ସାସ୍ଥ୍ୟବିଜ୍ଞାନ ଉପରେ ଆଲୋଚନା ଆରମ୍ଭ କରି ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ଚକ୍ଷୁର ସୁକ୍ଷ୍ମଗଠନ, ଚକ୍ଷୁ ଜନିତ ବିଭିନ୍ନ ରୋଗ, ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ଚକ୍ଷୁ ର ନିୟମିତ ଯତ୍ନ ନେବାରେ ଅବହେଳା ନ କରିବାକୁ ଆହ୍ୱାନ ଦେଇଥିଲେ । ଆରମ୍ଭ ରୁ ଡାକ୍ତର ଜୟଦେବ ମେହେର ପିଲାଙ୍କୁ ଯୋଗାସନ ର ମୁଦ୍ରା ଉପରେ ସୂଚନା ଦେଇଥିଲେ । ପ୍ରଶିକ୍ଷାର୍ଥୀ ମାନଙ୍କ ମଧରୁ ବିଦୁଶୀ, ନଳେନ୍ଦ୍ରୀ, ନନ୍ଦିନୀ ସୋନାଲି, ଓ ଦିବ୍ୟାନଶୁ ପ୍ରମୁଖ ଆଲୋଚନା ର ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ର ସଂଯୋଜକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ କୋଭିଡ଼ ମହାମାରୀ ର ଆଶଙ୍କା ଦୃଷ୍ଟି ରୁ ଆସନ୍ତା ସପ୍ତାହରୁ ପିଲାମାନେ ସତର୍କତା ସ୍ୱରୂପ ମାକ୍ସ ପିନ୍ଧି ଆସିବାକୁ ପରାମର୍ଶ ଦେଇଥିଲେ ।ଆଜି କାର୍ଯ୍ୟକ୍ରମରେ ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ର. ସେବକ ତ୍ରିପାଠୀ,ରଘୁନାଥ ମିଶ୍ର, ସୁଶାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶ୍ରୀ ଗୋଳକ ବିହାରୀ ମିଶ୍ର, ବିଜୟ କୁମାର ସାହୁ ,ତୁଷାର ଓ ଜିଲୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ । ଆଜି ର ଶିବିରରେ ମୋଟ ୧୯ ଟି ହାଇସ୍କୁଲ ରୁ ୫୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜାତୀୟ ସଙ୍ଗୀତ ସହ ଆଜିର ଶିବିର ଉଦଯାପିତ ହୋଇଥିଲା ।

# ପିଲାଙ୍କ ଦକ୍ଷତା ବୃଦ୍ଧି କରୁଛି କମାଲ୍ କା କ୍ୟାମ୍ପ୍

ମାଲକାନଗିରି : ଓଡିଶା ଶ୍ରମଜୀବି ମଂଚ, ମହିଳା ଶ୍ରମଜୀବି ମଂଚ ଓଡିଶା ଓ ଆତ୍ମଶକ୍ତି ଟ୍ରଷ୍ଟ ଓ ଏହାର ୧୭ଗୋଟି ଜିଲ୍ଲା ର ସଦସ୍ୟ ସଂଗଠନ ମିଶି ପ୍ରାଥମିକ ସ୍ତରରେ ଚତୁର୍ଥ, ପଂଚମ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କ ପାଇଁ ଏକ ଗ୍ରୀଷ୍ମ କାଳୀନ ଶିବିର କମାଲ କା କ୍ୟାମ୍ପ ଆରମ୍ଭ କରିଛି । ବର୍ତ୍ତମାନ ଗ୍ରୀଷ୍ମ କାଳୀନ ଛୁଟି ପାଇଁ ବିଦ୍ୟାଳୟ ବନ୍ଦ ରହିଥିବାରୁ ପିଲାମାନେ ବିଦ୍ୟାଳୟକୁ ନ ଯାଇ ଖେଳକୁଦ କରି ପାଠ୍ୟପୁସ୍ତକ ଠାରୁ ଦୂରରେ ରହିଛନ୍ତି । ଏହାକୁ ଆଖିଆଗରେ ରଖି ପ୍ରତି ଗ୍ରାମ ମାନଙ୍କରେ ଏହି ଶିବିର ଆରମ୍ଭ କରାଯାଉଛି କ୍ଷ ଏହି ଶିବିରର ମୁଖ୍ୟ ଉଦେଶ୍ୟ ହେଉଛି ଯେ, ପିଲାମାନଙ୍କ ଶ୍ରେଣୀର ସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତ ଦକ୍ଷତା କୁ ମଜବୁତ କରିବା ସହିତ ଏବେବି ଅନେକ ପିଲା ନିଜ ଶ୍ରେଣୀର ପାଠ୍ୟକ୍ରମ ସ୍ତର ପର୍ଯ୍ୟନ୍ତ ପହଂଚିବାରେ ସକ୍ଷମ ନାହାନ୍ତି ଯଦ୍ୱାରା ପାଠ ଶିଖିବା, ଲେଖିବା, ଚିନ୍ହିବା ଓ ପଢିବାରେ ପିଲାମାନଙ୍କ ଭିତରେ ତାରତମ୍ୟ ଦେଖାଦେଉଛି କାରଣ ଚତୁର୍ଥ ଶ୍ରେଣୀ ପିଲାଟିଏ ତାର ପୂର୍ବ ଶ୍ରେଣୀ ଅର୍ଥାତ ତୃତୀୟ ଶ୍ରେଣୀ ପାଠ ପଢିବା ପାଇଁ ସକ୍ଷମ ନୁହେଁ । ଏହି ଶିକ୍ଷାର ବ୍ୟବଧାନକୁ ଦୂର କରିବା ପାଇଁ ସଂଗଠନ ତରଫରୁ ଶିବିରର ଆୟୋଜନ କରାଯାଉଛି । ଏଣୁ ମାଲକାନଗିରି ଜିଲ୍ଲା ମହିଳା ଶ୍ରମଜୀବି, ଶ୍ରମଜୀବି ସଂଗଠନ ପ୍ରୟାସରେ ଜିଲ୍ଲାର ୭ ଗୋଟି ବ୍ଲକରେ ପ୍ରାୟ ୩ଶହରୁ ଉର୍ଦ୍ଧ ଗ୍ରାମ ମାନଙ୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଗ୍ରୀଷ୍ମ କାଳୀନ ଶିବିର ଆରମ୍ଭ କରାଯାଉଛି । ଏଥି ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମି ଦିଆଯାଇ ସେମାନ ଙ୍କର ପଞ୍ଜିକରଣ କରିବା ସହିତ ମ୍ୟାପିଙ୍ଗ, ପ୍ରୋଫାଇଲ ମଧ କରାଯାଉଛି କ୍ଷ ଏହି ଶିବିରଗୁଡିକ ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ କ୍ଷ ପ୍ରତେକ ସପ୍ତାହରେ ଅଲଗା ଅଲଗା ପାଠ୍ୟ କ୍ରମ ରହିଛି, ଯେମିତି କିଛି ଅକ୍ଷର ଚିହ୍ନିବା, ବାକ୍ୟଗଠନ କରିବା ଓ ପଢିବା, ଗାଣିତିକ ଦକ୍ଷତା ମଧରେ ନମ୍ବର ଚିହ୍ନି, ମିଶାଣ ଓ ଫେଡ଼ାଣ କରିବା, ନାଚ ଗୀତ, ଗଳ୍ପ ମଧ ରହିଛି କ୍ଷ ବିଦ୍ୟାଳୟ ଖୋଲିବା ପରେ ପିଲାମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ସହିତ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ମଧ ହୋଇପାରିବ ବୋଲି ସଂଗଠନ ର କର୍ମକର୍ତା ବଟକୃଷ୍ଣ ସାହୁ ପ୍ରକାଶ କରିଥିଲେ । ଏହି ଶିବିର ପରିଚାଳନା ଓ ତାଲିମ ପାଇଁ ରାମ ବଡ଼ନାୟକ, ମଦନ ହନ୍ତାଳ, ତ୍ରିନାଥ ବଡ଼ନାୟକ, ଚିତ ରଞ୍ଜନ ସାହୁ, ମୁକୁନ୍ଦ ମାଡକାମୀ, ଗୋବର୍ଧନ ପାଙ୍ଗି, ରାମପଦ ପ୍ରଧାନ, ଶ୍ରୀନୁ ସେଲବମ, ଜିତେନ୍ଦ୍ର ଖିଲ ଓ ସଂଗଠନ ପକ୍ଷରୁ ସଭାପତି ରାଜେନ୍ଦ୍ର କବାସୀ, ଏରା ପଡିଆମୀ,ସୀତାରାମ ଦୁରୁଆ, ହାତୀରାମ ଗଡ଼ଙ୍ଗୀ, ଦୈମତି ବାର୍ଷେ, ଗଣପତି ଖିଲ, ଡମ୍ବରୁ ଧର ନାୟକ, ଭାଗିରଥି ପାଟନିଆ, ରେଲି ଖିଲ ପ୍ରମୁଖ ସହଯୋଗ କରିଥିଲେ ।

# ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର
## ଚେସ୍‌ରେ ପ୍ରଶିକ୍ଷଣନେଲେ ୬୫ ପିଲା



ରାଉରାକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ୩୮ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ପିଲାମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପରିଲକ୍ଷିତ ହେଉଛି । ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ୍ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମର ଚେସ ହଲରେ ଏହି କ୍ରୀଡା ଶିବିର ଅନୁଷ୍ଠିତ ହେଉଛି । ଶିବିରର ଚେସ୍ ସେଗମେଣ୍ଟରେ ସହରର ଉଦୀୟମାନ ପ୍ରତିଭାମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି । ଚଳିତବର୍ଷ ଶିବିରରେ ୬୫ ରୁ ଅଧିକ ପିଲା ନାମ ପଞ୍ଜୀକରଣ କରିଛନ୍ତି । ମୌଳିକ ଚେସ୍ ତାଲିମ ସହିତ, ଅଂଶଗ୍ରହଣକାରୀମାନଙ୍କୁ ଚେସ୍ ଆରମ୍ଭ, ମଧ୍ୟମ ଖେଳ, ଶେଷ ଖେଳ ରଣନୀତି, ମିଶ୍ରଣ ଏବଂ ଟୁର୍ଣ୍ଣାମେଣ୍ଟ ଫର୍ମାଟ୍ ବିଷୟରେ ଜ୍ଞାନ ପ୍ରଦାନ କରାଯାଉଛି । ଶିବିର ଯୁବ ଚେସ୍ ଉତ୍ସାହୀମାନଙ୍କୁ ଖେଳର ବିଭିନ୍ନ ଦିଗ ପ୍ରତି ଗଭୀର ତାଲିମ ଏବଂ ଏକ୍ସପୋଜର୍ ପ୍ରଦାନ କରୁଛି । ଆରଏସପିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ଏକ ଦଳ ଯୁବ ଖେଳାଳୀଙ୍କୁ ଖେଳର ସୂକ୍ଷ୍ମକଳା ଶିଖିବା ପାଇଁ ମାର୍ଗଦର୍ଶନ କରୁଛନ୍ତି । ସୂଚନାଯୋଗ୍ୟ ଯେ, ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକସିଙ୍ଗ, ଚେସ, କ୍ରିକେଟ, ସାଇକ୍ଲିଙ୍ଗ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ, ଭଲିବଲ, ଭାରୋତ୍ତୋଳନ, ଏବଂ ଯୋଗ ଆଦି ୧୪ ଟି କ୍ରୀଡାବର୍ଗରେ ଛାତ୍ରଛାତ୍ରୀମାନେ ଏହି ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ଭାଗ ନେଉଛନ୍ତି । ଅଭିଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି ଶିବିର ମଇ ୨୭ ତାରିଖରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଗାୟତ୍ରୀ ପରିବାରର ପରିଚାଳନା କମିଟି ଗଠିତ

ଜୟପୁର: ଚାଟୁଆ ପ୍ରଜ୍ଞା ପୀଠ ଠାରେ କୋରାପୁଟ ଜିଲ୍ଲା କର୍ଡିନେଟର ରତ୍ନମ୍ବରା ପାତ୍ର, ରଚନାତ୍ମକ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, ସଂଗଠନ ପ୍ରମୁଖ ଗୋପାଳ ପାତ୍ର, ଯୁବା ସଂଗଠନ ପ୍ରମୁଖ ଅବତାର ନରସିଂହ ପଣ୍ଡାଙ୍କ ଅଧକ୍ଷତାରେ ନନ୍ଦପୁର ବ୍ଲକ ଗାୟତ୍ରୀ ପରିବାର ୧୧ ଜଣିଆ ବ୍ଲକ ପରିଚାଳନା କମିଟି ଗଠନ କରାଗଲା । ବ୍ଲକ କର୍ଡିନେଟର୍ ଜଗନ୍ନାଥ ଖୋରା, ସବ୍ କର୍ଡିନେଟର ଅପମା ଲମତାଗଡ଼ା, ଅଫିସ୍ ଇନ ଚାର୍ଜ ଗୋବର୍ଦ୍ଧନ ଜଳା, ଯୁବା ପ୍ରୋକୋଷ୍ଟ ଗଙ୍ଗାଧର ହନ୍ତାଳ୍, ନାରୀ ଜାଗରଣ ରିନା ମଲ୍ଲିକ, ସଂଗଠନ ସିମାଂଚଳ ଖିଲ, ରଚନାତ୍ମକ ଦେବ ହନ୍ତାଳ, ଏକାଉଂଟାଂଟ ଦିଲୀପ ଚୌଧୁରୀ, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରାଜୁ ପାଙ୍ଗି, ସାହିତ୍ୟ ଓ ମିଡ଼ିଆ କୃଷ୍ଣ ଖାଡଙ୍ଗଙ୍କୁ ଯଥାକ୍ରମେ ବ୍ଲକ ପରିଚାଳନା କମିଟି ଭାବେ ଚୟନ କରାଗଲା । ସେହିପରି କୋରାପୁଟ ବ୍ଲକ ବରଗୁଡ । ପ୍ରଜ୍ଞା ପୀଠ ଠାରେ କୋରାପୁଟ ଜିଲ୍ଲା କର୍ଡିନେଟର ସୁଶ୍ରୀ ରତ୍ନମ୍ବରା ପାତ୍ର, ରଚନାତ୍ମକ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, ସଂଗଠନ ପ୍ରମୁଖ ଗୋପାଳ ପାତ୍ର, ଯୁବା ସଂଗଠନ ପ୍ରମୁଖ ଅବତାର ନରସିଂହ ପଣ୍ଡାଙ୍କ ଅଧକ୍ଷତାରେ କୋରାପୁଟ ବ୍ଲକ ଗାୟତ୍ରୀ ପରିବାର ୧୧ ଜଣିଆ ବ୍ଲକ ପରିଚାଳନା କମିଟି ଗଠନ କରାଗଲା । ସେମିଳିଗୁଡା ଠାରେ ସତ୍ ସଂକଳ୍ପ ଉନ୍ମୋଚନ କରାଗଲା । ଓ ବ୍ଲକ କର୍ଡିନେଟର୍ ଭାବେ ଶ୍ୟାମ ହନ୍ତାଳ, ସବ୍ କରଡ଼ିନେଟର ନୀଳାଦ୍ରି ଚୌଧୁରୀ, ଅଫିସ୍ ଇନଚାର୍ଜ ହରି ଖରା, ଯୁବା ପ୍ରୋକୋଷ୍ଠ ଧନୁ ଯୋଡ଼ିଆ, ନାରୀ ଜାଗରଣ ସୁଷମା ମାଝି, ସଂଗଠନ ନବୀନ ଚୌଧୁରୀ, ରଚନାତ୍ମକ ଅର୍ଜୁନ ବିଲେଇପଡ଼ିଆ, ଏକାଉଂଟାଂଟ ହରି ଖରା, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଗୁରୁଦେବ ମାଝି, ସାହିତ୍ୟ ଓ ମିଡ଼ିଆ ଅମର ନାଥ ପାଢ଼ୀ, ଆଓ ଗୋଢ଼େ ସଂସ୍କାର ବାନ୍ ପିଢ଼ି ସୁଜାତା ମଲ୍ଲିକଙ୍କୁ ଯଥାକ୍ରମେ କୋରାପୁଟ ବ୍ଲକ ପରିଚାଳନା କମିଟି ଭାବେ ଚୟନ କରାଗଲା ।

paga 5 28.5.2025.pmd 1 27/05/2025, 3:53 PM

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
ତା ୨୮।୫।୨୦୨୫ ■ ବୁଧବାର

# ଇଂରାଜୀର ସାମର୍ଥ୍ୟ

ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବ ଭାରତ ପକ୍ଷରୁ ଅପରେସନ ସିନ୍ଦୂର ଜରିଆରେ ଦିଆଗଲା, କିନ୍ତୁ ଏତିକି ଯଥେଷ୍ଟ ନଥିଲା । ଭାରତ ତାହାର ସୁରକ୍ଷାକୁ ନେଇ ଚିନ୍ତା ଓ ଆତଙ୍କବାଦୀଙ୍କୁ ନେଇ ତାହାର ପରିବର୍ତ୍ତିତ ରଣନୀତି ସଂପର୍କରେ ଅବହିତ କରିବା ଓ ପାକିସ୍ତାନର ମିଛକୁ ଲୋକଲୋଚନକୁ ଆଣିବା ପାଇଁ ବହୁଦଳୀୟ ପ୍ରତିନିଧିମାନେ ଏବେ ବିଭିନ୍ନ ଦେଶକୁ ଯାତ୍ରା କରିଛନ୍ତି ଏବଂ ସେ ସବୁ ଦେଶର ରାଜଧାନୀରେ ସେଠାକାର ଶାସନ ଦାୟିତ୍ୱରେ ଥିବା ନେତୃବୃନ୍ଦଙ୍କ ସମେତ ବୁଦ୍ଧିଜୀବୀମାନଙ୍କ ମଧ୍ୟ ଭେଟି ଭାରତର ଦୃଷ୍ଟିକୋଣ ପ୍ରତିପାଦିତ କରୁଛନ୍ତି । ଏହି ପ୍ରତିନିଧିଙ୍କ ଭାରତର ବାର୍ତ୍ତାକୁ ସଫିକ୍ ଓ ସ୍ପଷ୍ଟ ଭାଷାରେ ସମଗ୍ର ବିଶ୍ୱରେ ପହଞ୍ଚାଇବା ଲାଗି ଯାଉଛନ୍ତି ଯାହାଦ୍ୱାରା କି ପାକିସ୍ତାନକୁ ପ୍ରୋପାଗାଣ୍ଡା ବା ପ୍ରଚାର ଲାଗି ମଉକା ମିଳିବ ନାହିଁ । କୂଟନୀତିରେ ପ୍ରତ୍ୟେକ ଶବ୍ଦ ମନେରଖେ । ତେଣୁ ମହତ୍ତ୍ୱପୂର୍ଣ୍ଣ ହେଉଛି କେଉଁ ଭାଷାରେ ସେ କଥାକୁ ଉପସ୍ଥାପନ କରାଯାଉଛି । ଏଭଳି ସ୍ଥିତିରେ ଯେତେବେଳେ ଭାରତୀୟ ପ୍ରତିନିଧିମାନଙ୍କୁ ଦୁନିଆର ପ୍ରତ୍ୟେକ କୋଣକୁ ଯିବାକୁ ଅଛି, ସେତେବେଳେ ଗୁରୁତ୍ୱପୂର୍ଣ୍ଣ ହେଉଛି ସେମାନଙ୍କ କଥାରେ ଯେପରି କୌଣସି ପ୍ରକାରର ବିରୋଧାଭାଷ ପ୍ରକଟ ନ ହେବା । ବାର୍ତ୍ତା ଏପରି ଢଙ୍ଗରେ ଦିଆଯିବା ଦରକାର ଯେ ସମସ୍ତେ ତାହାକୁ ଏକପ୍ରକାରରେ ବୁଝିବେ ଏବଂ ଏଥିଲାଗି ଇଂରାଜୀ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ନାହିଁ ।

ଇଂରାଜୀର ବିଶେଷତ୍ୱ ହେଉଛି ତାହା ସବୁଠୁ ଅଧିକ ପ୍ରଚଳିତ, ବ୍ୟବହୃତ କିନ୍ତୁ ମାତୃଭାଷା ନୁହେଁ । ଏହି ଭାଷା ବିଶ୍ୱରେ ସବୁଠୁ ଅଧିକ ସଂଖ୍ୟାରେ ଦ୍ୱିତୀୟ ଭାଷା ଓ ଅଧିକ ଲୋକ ମଧ୍ୟ ବୁଝିପାରୁଛନ୍ତି । ପ୍ରାୟ ୧୫୦ କୋଟି ଲୋକ ଇଂରାଜୀ ଭାଷାକୁ ଆପଣାଇ ନେଇଛନ୍ତି । ଏହା ହେଉଛି ଏପରି ଏକ ସଫ୍ଟ ପାୱାର, ଯାହାକି ବିଭିନ୍ନ ଅଞ୍ଚଳରେ, ସଂସ୍କୃତିରେ, କଳା ଓ ସାହିତ୍ୟକୁ ପରସ୍ପର ସହିତ ଯୋଡ଼ିବା କାର୍ଯ୍ୟ କରୁଛି । ଇଂରାଜୀ ଭାଷାର ବିସ୍ତାର ବ୍ୟାପକ । ଅତି କମ୍‌ରେ ୫୫ଟି ଦେଶର ଏହା ହେଉଛି ବ୍ୟବହୃତ ଭାଷା, ତାହା ସରକାର ଦପ୍ତରରେ ହେଉ କି ସାଧାରଣ ବ୍ୟବହାରରେ । ୩୦ରୁ ଅଧିକ ଦେଶରେ ଏହା ଦ୍ୱିତୀୟ ଭାଷା ଭାବେ ଶିକ୍ଷାଯାଉଛି, ପଢ଼ାଯାଉଛି । ଇଂରାଜୀର ଏ ବ୍ୟାପକତା ଘଟିଛି କାରଣ ବିଶ୍ୱସାରା ଲୋକଙ୍କର ଜ୍ଞାନ ଆଜି ଆସି ଏଇ ଭାଷାରେ ରହିଛି । ପ୍ରାୟ ୯୮ ପ୍ରତିଶତ ବିଜ୍ଞାନ ପବ୍ଲିକେଶନ ଓ ଇଣ୍ଟରନେଟରେ ଉପଲବ୍ଧ ୪୯ ପ୍ରତିଶତରୁ ଅଧିକ କଣ୍ଟେଣ୍ଟ ଇଂରାଜୀରେ ହିଁ ରହିଛି । ଅର୍ଥାତ୍, କୌଣସି ବି ନୂଆ ରିସର୍ଚ୍ଚ ସଂପର୍କରେ ଜାଣିବାକୁ ହେଲେ ଓ ଆଗକୁ ବଢ଼ିବାକୁ ହେଲେ ଏଇ ଭାଷା ହିଁ ଆଜି ହୋଇଯାଇଛି ମାଧ୍ୟମ । ଆନ୍ତର୍ଜାତିକ ସ୍ତରରେ ସଂପର୍କର ଭାଷା ହେଉଛି ଇଂରାଜୀ । ଯଦିଓ ଇଂରାଜୀ ଅପେକ୍ଷା ଅଧିକ ଲୋକ ସ୍ପେନିସ୍ ଭାଷା କୁହନ୍ତି, କିନ୍ତୁ ତାହା ଆନ୍ତର୍ଜାତିକ ଭାଷା ଭାବେ ଗ୍ରହଣୀୟ ହୋଇପାରି ନାହିଁ ।

ଭାରତ ସେ ଦୃଷ୍ଟିରୁ ନିଜେ ଗୁମାନ କରିପାରେ ଯେ ୨୦୧୧ ଜନଗଣନା ମୁତାବକ ତାହା ପ୍ରାୟ ୧୦ ପ୍ରତିଶତ ଜନସଂଖ୍ୟା ଇଂରାଜୀ କହିପାରନ୍ତି । ଯେଉଁମାନେ ଇଂରାଜୀ କହିପାରନ୍ତି ନାହିଁ, କିନ୍ତୁ ପଢ଼ିପାରନ୍ତି ଓ ବୁଝିପାରନ୍ତି, ସେମାନଙ୍କୁ ଯଦି ଉପରୋକ୍ତ ସଂଖ୍ୟା ସହ ମିଶାଇ ଦିଆଯାଏ, ତେବେ ଏ ସଂଖ୍ୟା ଦୁଇଗୁଣ ହୋଇଯିବ । ଇଂରାଜୀ ଭାଷା ଅକ୍ତିଆର କରିଥିବା ଏତେ ବିଶାଳ ଜନସଂଖ୍ୟା ଅନ୍ୟ କୌଣସି ଦେଶ ପାଖରେ ନାହିଁ । ଏହା ହେଉଛି ଭାଷାର ସାମର୍ଥ୍ୟ ଓ ଶକ୍ତି ଯାହା ବଳରେ ଭାରତର ପ୍ରଫେସନାଲମାନେ ଆମେରିକା, ଅଷ୍ଟ୍ରେଲିଆ, ସିଙ୍ଗାପୁର ତଥା ଇଉରୋପ ଯାଏ ସବୁଠି ନିଜର ପ୍ରଭାବ ବିସ୍ତାର କରି ଚାଲିଛନ୍ତି । ଭାଷା କେବଳ କଥୋପକଥନର ମାଧ୍ୟମ ନୁହେଁ, ତାହା ପରିଚୟ ମଧ୍ୟ । କିନ୍ତୁ ଏକଥାକୁ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ କୌଣସି ଦେଶର ପରିଚୟ କେବଳ ତାହାର ଭାଷା ଭିତରେ ହିଁ ସୀମିତ ନୁହେଁ । ଭାରତରେ ଅଧିକରୁ ଅଧିକ ଲୋକ ଯେପରି ଇଂରାଜୀ ଶିଖିବା ଉପରେ ଗୁରୁତ୍ୱ ଦେଉଛନ୍ତି ଏବଂ ସେ ଭାଷା ଯେପରି ରୋଜଗାର ଯୋଗାଇବାର ଏକ ବଳିଷ୍ଠ ମାଧ୍ୟମ ହୋଇଛି, ତାହା ଦ୍ୱାରା ଭାରତୀୟ ଭାଷା ପ୍ରତି ଅନାଦର କରାଯିବା ଆଦୌ ଉଚିତ ହେବ ନାହିଁ । ସ୍ପଷ୍ଟଭାବେ ମନେ ରଖିବାକୁ ହେବ ଯେ ଇଂରାଜୀ ଭାଷା ଶିଖିବା ଦ୍ୱାରା ଭାରତୀୟତା କଦାପି କମ୍ ହୋଇଯିବ ନାହିଁ । ❐❐

## ଚକସର୍ବସ୍ୱ ରଥ

ଶ୍ରୀଗୁଣ୍ଡିଚା ଯାତ୍ରାର ମୁଖ୍ୟ ଆକର୍ଷଣ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ । ତିନି ରଥର ନିର୍ମାଣଶୈଳୀ ଯେତିକି ଶାସ୍ତ୍ରୀୟତା ଉପରେ ଆଧାରିତ ତତୋଧିକ ପାରମ୍ପରିକତା ଉପରେ ପର୍ଯ୍ୟବସିତ । ରଥ ସଂହିତାରେ ରଥ ନିର୍ମାଣ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ପୋଥିବିଦ୍ୟା ଅପେକ୍ଷା କାର୍ଯ୍ୟକ୍ଷେତ୍ରରେ ବିଶେଷ ଅନୁଭୂତି ଶିଳ୍ପୀମାନଙ୍କର ପ୍ରକୃତ ପୁଞ୍ଜିରେ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିବା ପାଇଁ ସହାୟ ହୋଇଥାଏ । ରଥ ନିର୍ମାଣର ମାପ ପଦ୍ଧତି, ପ୍ରକ୍ରିୟା ତଥା ଉପାଂଶ ଓ ଉପକରଣ ଗୁଡ଼ିକର ନାମ କରଣ ସବୁଥିରେ ଅନେକ ସ୍ୱତନ୍ତ୍ରତା ରହିଆସିଛି । କହିବା ବାହୁଲ୍ୟ, ତିନିବାଡ଼ର ମୁଖ୍ୟ ମହାରଣା ମାନଙ୍କର ହାତକାଠିର ମାପ ଯାହା ହାତ, ଚାଖଣ୍ଡ, ଆଙ୍ଗୁଳି ଓ ସୂତା ଉପରେ ଆଧାରିତ, ତାର ସହାୟତାରେ ହସ୍ତଶିଳ୍ପର ସର୍ବବୃହତ୍ ନମୁନା ଭାବେ ସାରା ବିଶ୍ୱରେ ପରିଚିତ ପୁରୀ ରଥଯାତ୍ରାର ଏହି ତିନିଗୋଟି ରଥ ପ୍ରସ୍ତୁତ ହୋଇଥାଏ । ଏହି ହାତାଠିର ଚିହ୍ନିତ ମାପର ରହସ୍ୟ ମହାରଣାମାନଙ୍କର କୌଳିକ ବିଦ୍ୟାର ଗୋପନୀୟତା ବହନ କରେ ଓ ଏହାର ଦୁର୍ବୋଧ ମାପ ପ୍ରଣାଳୀର ଅବଲମ୍ବନରେ ବିଶାଳ ରଥଗୁଡ଼ିକର ନିର୍ମାଲ୍ୟ କାର୍ଯ୍ୟ ସଫଳତାର ସହ ସଂପନ୍ନ ହୋଇଥାଏ । ରଥ ପ୍ରମୁଖ ଅଙ୍ଗ ଭାବେ ବିବେଚିତ ସମ୍ପୂର୍ଣ୍ଣ ଜ୍ୟାମିତିକ ସୂତ୍ରରେ ଆଧାରିତ ଚକ ଗୁଡ଼ିକ ୬ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥାଏ । ସାଧାରଣତଃ ଫାସି, ଧଉରା ଓ ସାହଜ ପ୍ରଭୃତି କାଠରେ ନିର୍ମିତ ଚକ ଗୁଡ଼ିକର ତୁମ୍ବପହୀ ଓ ଅର ଆଦି ଉପାଂଶ ପ୍ରଥମେ ପ୍ରସ୍ତୁତ କରାଯାଏ । ଚକର ବିଭିନ୍ନ ଅଂଶର ଆକାରର ନିର୍ଦ୍ଦିଷ୍ଟତା ବିଷୟରେ ପଚାରିଲେ ବୁଢ଼ା ମହାରଣାମାନେ କହନ୍ତି 'ରଥକୁ ଚାହିଁ ଚକ' ବା 'ଚକକୁ ଚାହିଁ ରଥ ।' ରଥ ଚକ ନିର୍ମାଣର ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମହାରଣାମାନଙ୍କର ବହୁ ବର୍ଷର ଅନୁଭୂତି ଓ ଜ୍ଞାନକୌଶଳ ବିଦ୍ୟମାନ । ବାରିସିରେ କାଠ କାଟିବା, ମାପ ଜଗିରଖି ସାଇ ବିନ୍ଧ କରି ସଠିକ ଭାବରେ ଚକ ଡେରିବା ପର୍ଯ୍ୟନ୍ତ ଶିଳ୍ପୀମାନଙ୍କର ଅଦମ୍ୟ ନିଷ୍ଠା ଓ ଏକାଗ୍ରତା ପ୍ରଶଂସନୀୟ । ଅବଶ୍ୟ ଏଥିରେ ସର୍ଦ୍ଦାର ବା ମୁଖ୍ୟ ବଢ଼େଇଙ୍କ ନିର୍ଦ୍ଦେଶ ଓ କରତିଆ ସେବକଙ୍କ ସହଯୋଗ ରହିଥାଏ । ଏକ ଆନୁମାନିକ ହିସାବରେ ଗୋଟିଏ ରଥ ଚକରେ ହରାହାରି ୨୪ ବର୍ଗଫୁଟ କାଠ ଲାଗିଥାଏ, ଯାହାର ବଜାର ଦର ଓ ମଜୁରୀ ମିଶି ଟ୨୨,୦୦୦ଙ୍କା ମୂଲ୍ୟ ହୋଇପାରେ । ମୋଟ ଉପରେ ଯେ କୌଣସି ବିପଦକୁ ପ୍ରଶ୍ରୟ ନଦେବା ପାଇଁ ବିଶ୍ୱକର୍ମା ସେବକମାନେ ସକଳ ବୁଦ୍ଧି ଓ କୌଶଳ ଖଟାଇ ପ୍ରଭୁଙ୍କ ଘୋଷଯାତ୍ରାରେ କୌଣସି ତ୍ରୁଟି ବା ବ୍ୟାଘାତ ନ ଆଣିବା ଉଦ୍ଦେଶ୍ୟରେ ଅତି ନିଷ୍ଠାର ସହ କାର୍ଯ୍ୟ କରିଥାନ୍ତି, ଯେଉଁଥିରେ କ୍ଷେୟୀ, ପ୍ରାପ୍ୟ ବା ପୁରସ୍କାର ବ୍ୟତୀତ ସେମାନଙ୍କର ଆତ୍ମ ସନ୍ତୋଷ ହିଁ ମହାନ ପ୍ରାପ୍ତି ବୋଲି ଧରାଯାଏ ।

ଇନ୍ଦୁ ଭୂଷଣ ଭୂୟାଁ,
ଜାମସେଦପୁର

# 'ରାଜମାତା' ରୁ 'ଲୋକମାତା'
# ପୁଣ୍ୟଶ୍ଳୋକା ଦେବୀ ଅହଲ୍ୟାବାଇ ହୋଲକରଜୀ

ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହ ନିର୍ମାଣ, ନଗର ଉନ୍ନୟନ
ଏବଂ ସାଧାରଣ ଉଦ୍ୟୋଗ
ଓଡିଶା ସରକାର



୨୧ ମେ' ୨୦୨୫ ରୁ ୩୧ ମେ ୨୦୨୫ ପର୍ଯ୍ୟନ୍ତ ସମଗ୍ର ଦେଶରେ ପୁଣ୍ୟଶ୍ଳୋକା ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜନ୍ମବାର୍ଷିକୀ ମହା ଆଡମ୍ବରରେ ପାଳନ ହେଉଛି । ଅଷ୍ଟାଦଶ ଶତାବ୍ଦୀରେ ଶିବକାମିନୀ ମହାଦେବୀ ମହାରାଣୀ ଅହଲ୍ୟା ବାଇ ହୋଲକର ଏକମାତ୍ର ଶାସିକା ଥିଲେ, ଯାହାଙ୍କୁ ପ୍ରଜାମାନେ ଦେବୀ ସ୍ୱରୂପା ଭାବେ ସ୍ୱୀକାର କରୁଥିଲେ । ପିତା ମାଣକୋଜୀ ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ଔରସରୁ ୩ୟ ସନ୍ତାନ ଭାବେ ଅହଲ୍ୟା ବାଇ ୧୭୨୫ ମେ' ୩୧ ତାରିଖରେ ମହାରାଷ୍ଟ୍ର ପ୍ରଦେଶର ଔରଙ୍ଗାବାଦର ଏକ ଛୋଟ ଗ୍ରାମ ଚାଣ୍ଡୀ (ବର୍ତ୍ତମାନ ଅହଲ୍ୟାବାଇ ନଗର) ଠାରେ ଜନ୍ମ ଗ୍ରହଣ କରିଥିଲେ ।

ପିଲାଟି ଦିନରୁ ମହାରାଣୀ ଶିବ ଭକ୍ତ ଥିଲେ । ମାଲୱା ର ସୁବେଦାର ମହ୍ଲାର ରାଓ ଜଣେ ବାଳିକାର ଶିବଭକ୍ତି ଓ ବିନମ୍ରତାକୁ ଅନୁଭବ କରି ମାତ୍ର ୧୨ ବର୍ଷ ବୟସରେ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଅହଲ୍ୟାଙ୍କୁ ସୁବେଦାର ରାଜବଂଶର ବୋହୁ ଭାବେ ସ୍ୱୀକାର କରିଥିଲେ । ସେ ପତି ଖଣ୍ଡେ ରାଓଙ୍କର ଅନୁମତି ନେଇ ଅହଲ୍ୟା ବାଇ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧ ବିଦ୍ୟା ଗ୍ରହଣ ସହିତ ଶାସନ ଓ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ । ୧୭୪୫ରେ ଅହଲ୍ୟାଙ୍କର ଏକ ପୁତ୍ର ସନ୍ତାନ ଯାହାର ନାମ ମାଲେ ରାଓ ଓ ୧୭୪୮ ରେ ଏକ କନ୍ୟା ସନ୍ତାନ ଯାହାର ନାମ ମୁକ୍ତା ରଖା ଯାଇଥିଲା । ୧୭୫୪ରେ ପତି ଖଣ୍ଡେ ରାଓଙ୍କର ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ ପରେ ପରେ, ଶ୍ୱଶୁର ମହ୍ଲାର ରାଓଙ୍କର ଦେହାନ୍ତ ଏବଂ ମାତ୍ର ୨୨ ବର୍ଷ ବୟସରେ ପୁତ୍ର ମାଲେ ରାଓଙ୍କ ଦେହାନ୍ତ ଦେବୀ ଅହଲ୍ୟା ବାଈଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲେ ମଧ୍ୟ ଦୃଢ଼ମନା ମହାରାଣୀ ଏହାର ଠିକ ପରେ ପରେ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ (୧୭୬୭ ରୁ ୧୭୯୫) ଦୀର୍ଘ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ । ଅହଲ୍ୟା ବାଇ ଜଣେ ଦୃଢ଼ ପ୍ରଶାସିକା ଥିଲେ । ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟକ ଦିନ ଶିବ ଅର୍ଚ୍ଚନା ସହିତ ଗୋ-ଶାଳା ଦର୍ଶନ ଓ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ନିୟମିତ ଧନଦାନ ଓ ଅନ୍ନଦାନ ସହିତ ସେ ତାଙ୍କ ସମୟରେ ଯେଉଁ ଟଙ୍କା ପ୍ରଚଳନ କରିଥିଲେ ସେଥିରେ 'ଶିବଲିଙ୍ଗ' ଓ 'ବେଲପତ୍ର' ଅଙ୍କିତ ଥିଲା ଓ ମୁଦ୍ରାରେ 'ନନ୍ଦି' ଚିତ୍ର ଶୋଭା ପାଉଥିଲା । ସମସ୍ତ ପତ୍ରାଳାପରେ ନିଜର ସ୍ୱାକ୍ଷର ଜାଗାରେ ସେ 'ଶ୍ରୀ ଶଙ୍କର' ଲେଖୁଥିଲେ । ଏହା ତା'ଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ । ଶାସନ କାର୍ଯ୍ୟକୁ ସହଜ ଓ ସରଳ କରିବା ପାଇଁ ସେ ସମଗ୍ର ଦେଶକୁ ୧୩ ଟି ଦରବାରରେ ବିଭକ୍ତି କରି ପ୍ରତ୍ୟେକ ୧୦ କୋଶରେ ଗୋଟିଏ ଗୋଟିଏ ଶିବିର ନିର୍ମାଣ କରିଥିଲେ । ଯେଉଁ ଠାରେ ଜଣେ 'ସନ୍ଦେଶ ବାହକ' ନିୟୋଜିତ ହୋଇଥିଲେ । ସେ ହୃଦୟରେ ଯେତିକି କୋମଳ ଥିଲେ ଶାସନରେ ସେତିକ କଠୋର ଥିଲେ । କର ଦେଉ ନଥିବା ଓ ବିଦ୍ରୋହ କରୁଥିବା ଜାଟ ମାନଙ୍କୁ ସେ କଠୋର ହସ୍ତରେ ଦମନ କରିଥିଲେ । ପ୍ରଚଳିତ ଉର୍ଦ୍ଦୁ ଓ ପାର୍ସି ଭାଷା ସ୍ଥାନରେ ସେ ସଂସ୍କୃତ, ମାଲାବୀ ଓ ଖଡ଼ି ଭାଷା ପ୍ରଚଳନ କରିଥିଲେ । ସେ ଥିଲେ ଶ୍ରେଷ୍ଠ ଅର୍ଥନିତୀନଜ୍ଞ । ସେ ସ୍ୱଦେଶୀ ଅର୍ଥନୀତିର ଏକ ପକ୍ଷଧର ଥିଲେ । ତାଙ୍କର ସମସ୍ତ ଯୋଜନା ଥିଲା ରାଜ୍ୟର ରାଜକୋଷ ବୃଦ୍ଧି ଓ ସାଧାରଣ ଜନତାଙ୍କ ହାତରେ କାମ ଦେଇ ତା'ଙ୍କୁ ସ୍ୱାବଲମ୍ବୀ କରାଇବା । ସ୍ୱୟଂ ସହାୟିକା ସମୂହ ଦ୍ୱାରା 'ମାହେଶ୍ୱରୀ ଶାଢ଼ୀ' ର ପ୍ରସ୍ତୁତ ଓ ବିପଣନ ତଥା ସୁଦୂର ପ୍ରସାର, ସ୍ୱାବଲମ୍ବନର ଏକ ସଫଳ ଚିନ୍ତା ଓ ପରିକଳ୍ପନା ପରିପ୍ରକାଶ ଅଟେ । ରାଜକୋଷରୁ ସହିଦ ପରିବାରକୁ ଋଣ, ଦରିଦ୍ର ମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ, ଦୈବ ଦୁର୍ବିପାକ ସମୟରେ କ୍ଷତି ପୂରଣ ପ୍ରଦାନ କରି ସେ ଜଣେ ପ୍ରଜା ବତ୍ସଳ ମହାରାଣୀ ହୋଇ ପାରିଥିଲେ । ଗୁରୁକୁଳ ପଦ୍ଧତିକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷକ, ଆଚାର୍ଯ୍ୟ ଓ ବ୍ରାହ୍ମଣ ମାନଙ୍କୁ ଜ୍ଞାନ ପ୍ରଦାନରେ ନିୟୋଜିତ କରି ସେ ୧୯ ଟି ବିଷୟରେ ଏକ ଟିମ ଗଠନ କରିଥିଲେ । ସେହି ୧୯ଟି ବିଷୟ ଆଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅଧ୍ୟୟନ ହେଉଛି ଅହଲ୍ୟା ବାଇଙ୍କର ରାଷ୍ଟ୍ରୀୟ ଦୃଷ୍ଟି ସନାତନ ହିନ୍ଦୁତ୍ୱ ମୂଲ୍ୟ ଆଧାରିତ ଥିଲା । ସେ ୨୮ ଟି ଘାଟ ଓ ୫୦ ଟି ମନ୍ଦିର ନିର୍ମାଣ କରିଥିଲେ ।



ତୀର୍ଥଯାତ୍ରାକୁ ପ୍ରାଧାନ୍ୟ ଦେଉଥିବା ମହାରାଣୀ ଇସଲାମ ଆକ୍ରମଣକାରୀ ମାନେ ଧ୍ୱଂସ କରିଥିବା ସମସ୍ତ ତୀର୍ଥସ୍ଥାନ ଗୁଡିକରେ ପୁନଃନିର୍ମାଣ ପାଇଁ ପ୍ରଯତ୍ନ କରିଥିଲେ । ଦେଶର ୧୦୦ ରୁ ଉର୍ଦ୍ଧ ସ୍ଥାନରେ ମନ୍ଦିର ଓ ଧର୍ମଶାଳା ନିର୍ମାଣ କରିଥିଲେ । ସେ ବାରଣାସୀର ମଣିକର୍ଣିକା ଘାଟ ସହିତ ଅନେକ ଘାଟ, ବଦ୍ରିନାଥ ରୁ ସମେଶ୍ୱର ପର୍ଯ୍ୟନ୍ତ ଓ ଦ୍ୱାରିକା ଠାରୁ କାଶୀ ପର୍ଯ୍ୟନ୍ତ ଅନେକ ମନ୍ଦିର, ଘାଟ, ଧର୍ମଶାଳା ଆଦି ନିର୍ମାଣ କରିଥିଲେ । ବିଶେଷ କରି ପାଠଶାଳା, ଧର୍ମଶାଳା ଓ ଅନ୍ନକ୍ଷେତ୍ର ଗୁଡିକର ଉନ୍ନତିକୁ ଆଖି ଆଗରେ ରଖି ସେ ସମସ୍ତ ଯୋଜନା ପରିକଳ୍ପନା କରିଥିଲେ । କ୍ଷମତା, ଧନ, ବୈଭବ ପ୍ରତି ନିଜର ଆସକ୍ତି ତୁଟାଇ ଏହାକୁ ଈଶ୍ୱରଙ୍କ ଦାନ ବୋଲି ମନେ କରି ନିଜକୁ ରାଜ୍ୟର ପ୍ରତ୍ୟକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଭାବି ସେ ଛତ୍ରପତି ଶିବାଜୀଙ୍କର ପଦାନୁସରଣ କରୁଥିଲେ । ଜଣେ କୁଶଳ ରାଜନୀତିଜ୍ଞ ଓ ଦୂରଦ୍ରଷ୍ଟା ଭାବେ ସେ ଇଂରେଜମାନଙ୍କ କୁଟିଳ ବୁଦ୍ଧିକୁ ହୃଦୟଙ୍ଗମ କରି ପାରିଥିଲେ ଓ ତୁକୋଜୀ ରାଓଙ୍କୁ ମଧ୍ୟ ଟିପୁ ସୁଲତାନଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ । ମହାରାଣୀ ଅହଲ୍ୟା ବାଇ ମହିଳାଶକ୍ତି ର ଏକ ପ୍ରତ୍ୟକ୍ଷ ଉଦାହରଣ ଥିଲେ ଓ ସେ ମହିଳାମାନଙ୍କୁ ନେଇ ଏକ ଶକ୍ତିଶାଳୀ ସେନା ପ୍ରସ୍ତୁତ କରିଥିଲେ । ସେ ଭଲ ଭାବେ ଜାଣିଥିଲେ ଅନ୍ୟ ରାଜ୍ୟର ସେନା ତୁଳନାରେ ତାଙ୍କ ସେନା ଦୁର୍ବଳ । ତେଣୁ ସେ ଯୁଦ୍ଧ ପୂର୍ବରୁ ଶତ୍ରୁ ସେନାକୁ ଏକ ପତ୍ର ପଠାଉ ଥିଲେ, 'ଯଦି ଏହି ସ୍ତ୍ରୀ ସେନାକୁ ପରାସ୍ତ କରି ଯୁଦ୍ଧରେ ବିଜୟୀ ହୁଅ, ଆପଣଙ୍କର କାର୍ତ୍ତି ଓ ଯଶ ବଢି ଯିବ ନାହିଁ । ଦୁନିଆ ଆପଣଙ୍କୁ ଦୁର୍ବଳ କହିବ' ଜଣେ ବିଧବା ସ୍ତ୍ରୀ କୁ ପରାସ୍ତ କରି ନିଜର ବାହାଦୁରି ଦେଖାଉଛି, ଏହା ଠାରୁ ଅପମାନ ଆଉ କିଛି ନାହିଁ ଓ କିନ୍ତୁ ଯୁଦ୍ଧରେ ପରାଜୟ ହେଲେ, ଦୁନିଆ ଆପଣଙ୍କୁ ଏପରି ହସି ତାଚ୍ଛଲ୍ୟ କରିବ, ତାହା ଆପଣ କଳ୍ପନା କରିପାରିବେ ନାହିଁ, ଆପଣଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବ ଓ ତାଙ୍କର ଏହି ବୁଦ୍ଧିମତା ଯୁଦ୍ଧନୀତି ପାଇଁ ଅନ୍ୟ ଶତ୍ରୁ ରାଜ୍ୟମାନେ ଆକ୍ରମଣ କରିବା ପାଇଁ ଉଚିତ ମନେ କରୁନଥିଲେ ଏବଂ ନିଜ ରାଜ୍ୟକୁ ସେ ସୁରକ୍ଷିତ ରଖି ପାରିଥିଲେ ।

ଲୋକମାତା ଦେବୀ ଅହଲ୍ୟା ବାଇ ମାଲୱାର ପ୍ରଥମ ମହିଳା ଶାସିକା ହେବା ସହିତ ପ୍ରଜାମାନଙ୍କର ବିଶ୍ୱାସ ଭାଜନ ହୋଇପାରିଥିଲେ ଓ ସମଗ୍ର ରାଜ୍ୟକୁ ଜିଲ୍ଲା ଓ ତହସିଲରେ ବଣ୍ଟନ କରିଥିଲେ । ନ୍ୟାୟର ଅନ୍ତିମ ଅପିଲ ନିଜେ ଶୁଣୁଥିଲେ ଓ ପ୍ରଜାମାନଙ୍କ ଦୁଃଖ ସେ ନିଜେ ବୁଝୁଥିଲେ । ସେ କେବେ ବି ରାଜ ସିଂହାସନରେ ବସି ରାଜ୍ୟ ଶାସନ କରୁନଥିଲେ ବରଂ ଗୋଟିଏ ସାଧାରଣ ଚୌକିରେ ବସୁଥିଲେ । ସର୍ବୋପରି ସେ ମହିଳା ମାନଙ୍କର ଅଧିକାର ପ୍ରତି ଅଧିକ ସଚେତନ ଥିଲେ । ତତ୍କାଳୀନ 'ସତିପ୍ରଥା' କୁ ଉଚ୍ଛେଦ କରି 'ଯୌତୁକ ପ୍ରଥା' କୁ ଅପରାଧ ବୋଲି ଘୋଷଣା କରିଥିଲେ । ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବା ମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅହଲ୍ୟା ବାଇ ବିପରୀତ ପରିସ୍ଥିତିରେ ମଧ୍ୟ ନିଜ କଲ୍ୟାଣୀକାରୀ ଓ ଉତ୍କୃଷ୍ଟ ଶାସନର ଉଦାହରଣ ସୃଷ୍ଟି କରି ପାରିଥିଲେ । ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ । ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତିର ଉତ୍ତମ ଭାବେ ପରିପ୍ରକାଶ ଓ ପ୍ରତିପାଦନ କରି ସେ ପ୍ରକୃତରେ 'ରାଷ୍ଟ୍ରମାତା' ର ପଦବୀ ଧାରଣ କରିଛନ୍ତି । ତାଙ୍କ ଜୀବନ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ପର୍ବ । ଗ୍ରାମୀଣ ପୃଷ୍ଠଭୂମିରୁ ଆସିଥିବା ଏକ ସାଧାରଣ ପରିବାରର ବାଳିକାଙ୍କର ଜଣେ ଅସାଧାରଣ ଶାସକ ପର୍ଯ୍ୟନ୍ତର ଜୀବନ ଯାତ୍ରା ଏବେ ମଧ୍ୟ ପ୍ରେରଣା ଉତ୍ସ । ସେ ଥିଲେ କର୍ତ୍ତବ୍ୟ ପରାୟଣା, କଠିନ ପରିଶ୍ରମ, ସରଳତା, ଧର୍ମ ପ୍ରତି ଉତ୍ସର୍ଗୀକୃତ, ପ୍ରାଶାସନିକ ଦକ୍ଷତା, ଦୂରଦୃଷ୍ଟି, ଉତ୍କୃଷ୍ଟ ବିଚାର, ନୈତିକ ଆଚରଣ ଏବଂ ଉଜ୍ଜ୍ୱଳ ଚରିତ୍ରର ଏକ ଅଦ୍ୱିତୀୟ ଆଦର୍ଶ ।ବୀରତ୍ୱ ଏବଂ ମୂଲ୍ୟବୋଧର ରାଣୀ ଅହଲ୍ୟାବାଇ ହୋଲକର ସାଂସ୍କୃତିକ ନବ ଜାଗରଣ ସହିତ ଗରିବ, ଦଳିତ, ପଛୁଆ ଏବଂ ଅବହେଳିତ ବର୍ଗର କଲ୍ୟାଣ ପାଇଁ ଯେଉଁ ନୀତି ପ୍ରଣୟନ କରିଥିଲେ, ଯାହା ଆମପାଇଁ ଆଦର୍ଶ ଏବଂ ପ୍ରେରଣା ଦାୟକ । ସେ ଆକ୍ରମଣକାରୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବଦ୍ରିନାଥ ରୁ ରାମେଶ୍ୱର ଏବଂ ଦ୍ୱାରିକାଠାରୁ ପୁରୀ ପର୍ଯ୍ୟନ୍ତ ମନ୍ଦିରଗୁଡ଼ିକୁ ପୁର୍ନନିର୍ମାଣ କରିଥିଲେ । ତାଙ୍କର ଏହି କାର୍ଯ୍ୟକଳାପ ପ୍ରାଚୀନ କାଳରୁ ପ୍ରଚଳିତ ତଥା ଆକ୍ରମଣ ସମୟରେ ବ୍ୟାହତ ହୋଇଥିବା ତୀର୍ଥଯାତ୍ରା ପାଇଁ ନୂତନ ଚେତନା ଆଣିଥିଲା । ସମଗ୍ର ଭାରତରେ ବ୍ୟାପିଥିବା ଏହି ପବିତ୍ର ସ୍ଥାନଗୁଡ଼ିକର ବିକାଶ ପ୍ରକୃତରେ ତାଙ୍କର ରାଷ୍ଟ୍ରୀୟ ଦୃଷ୍ଟିର ପ୍ରତିଫଳନ । ଏହି ମହାନ କାର୍ଯ୍ୟଗୁଡ଼ିକ ପାଇଁ ତାଙ୍କୁ 'ପୁଣ୍ୟଶ୍ଳୋକା' ଉପାଧି ମିଳିଥିଲା । ତାଙ୍କର କୃତିତ୍ୱ ଓ ବ୍ୟକ୍ତିତ୍ୱ ତାଙ୍କୁ 'ରାଜମାତା' ରୁ 'ଲୋକମାତା' ରେ ପରିଗଣିତ କରିଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ଜଣେ ସାଧାରଣ ମହିଳା ନିଜକୁ କେବଳ ରାଜନୀତିରେ ନୁହେଁ ଲୋକହିତକର କାର୍ଯ୍ୟରେ ନିୟୋଗ କରିବାର ଜ୍ୱଳନ୍ତ ନମୁନା କେବଳ ମହାରାଣୀ ଅହଲ୍ୟା ବାଇଙ୍କ ପାଖରେ ଦେଖିବାକୁ ମିଳିଥିଲା, ଯାହା ସଂପ୍ରତି ସମାଜ ପାଇଁ, ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ପୁଣ୍ୟଶ୍ଳୋକ ଦେବୀ ଅହଲ୍ୟାବାଇଙ୍କ ଜୟନ୍ତୀର ୩୦୦ ବର୍ଷ ପୂର୍ତ୍ତିର ପବିତ୍ର ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମସ୍କାର କରି ସମାଜର ସମସ୍ତ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ମନୋଯୋଗ ପୂର୍ବକ ସହଭାଗୀ ହେବା । ତାଙ୍କ ଦ୍ୱାରା ପ୍ରଦର୍ଶିତ ସରଳତା, ଚରିତ୍ରବତ୍ତା, ଧର୍ମନିଷ୍ଠା ଏବଂ ରାଷ୍ଟ୍ରୀୟ ସ୍ୱାଭିମାନର ମାର୍ଗରେ ଅଗ୍ରସର ହେବା ହିଁ, ତାଙ୍କପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ।

## ଶିଶୁ ଯୌନନିର୍ଯାତନା

ସୌଭାଗ୍ୟ ରଂଜନ ମହାନ୍ତି

ଦି ଲନସେଟ୍' ପତ୍ରିକାରେ ନିକଟରେ ପ୍ରକାଶିତ ଏକ ସଦ୍ୟ ଅନୁଧ୍ୟାନକାରୀ ରିପୋର୍ଟରେ ଦେଶରେ ୧୮ବର୍ଷର କମ ଅପ୍ରାପ୍ତ ବୟସ୍କା ନାବାଳିକା ଏବଂ ନାବାଳକ ସହ ହୋଇଥିବା ଯୌନ ନିର୍ଯ୍ୟାତନା, ହିଂସା ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ବୋଲି ସ୍ୱୀକାର କରିବାକୁ ହେବ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ପ୍ରାୟ ପ୍ରତି ୩ଜଣରେ ଜଣେ ବାଳିକା ଏବଂ ପ୍ରତି ୭ଜଣରେ ଜଣେ ବାଳକ ଅନିଚ୍ଛାକୃତ ଯୌନକ୍ରିୟା ତଥା କାର୍ଯ୍ୟକଳାପର ଶିକାର ହେଉଛନ୍ତି। ପାଖାପାଖି ଅର୍ଦ୍ଧେକ ଯୌନ ଉତ୍ପୀଡନ ୧୫ ବା କମ ବୟସରୁ ଆରମ୍ଭ ହୋଇଥାଏ। ୟୁନିଭରସିଟି ଅଫ ୱାଂଶିଟନ ସ୍କୁଲ ଅଫ ମେଡିସିନର ଆଇଏଚଏମର ସଂସ୍ଥା ପକ୍ଷରୁ ବିଶ୍ୱର ୨୦୨ଟି ଦେଶରେ ୧୯୯୦ରୁ ୨୦୨୩ ମଧ୍ୟରେ ଶିଶୁ ଏବଂ ନାବାଳିକା ଓ ନାବାଳକ ସହ ହୋଇଥିବା ଯୌନ ହିଂସା ତଥ୍ୟର ବିଶ୍ଳେଷଣରୁ ଏହି ଉଦ୍‌ବେଗଜନକ ତଥ୍ୟ ଆସିଛି। ବିଶ୍ୱରେ ୧୮ବର୍ଷ ପୂର୍ବରୁ ୧୮.୯ ପ୍ରତିଶତ ନାବାଳିକା ଏବଂ ୧୪.୮ ପ୍ରତିଶତ ନାବାଳକ ଯୌନ ହିଂସାର ଶିକାର ହୋଇଥିବାବେଳେ ଏହି ହାର ଭାରତରେ ନାବଳିକା ଓ ନାବାଳକଙ୍କ କ୍ଷେତ୍ରରେ ଯଥାକ୍ରମେ ୩୦.୮ ପ୍ରତିଶତ ଏବଂ ୨୩.୫ ପ୍ରତିଶତ ରହିଛି। ଯାହାକି ବୈଶ୍ୱିକ ହାର ଠାରୁ ଯଥେଷ୍ଟ ଅଧିକ ଥିବା ଦର୍ଶାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଅର୍ଥାତ ସ୍ଥିତି ଏବଂ ଅଚଳ ନିର୍ବିଶେଷରେ ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଶିଶୁ ଯୌନ ହିଂସା ଜାରି ରହିଛି। ସେହିପରି ଉଚ୍ଚ ଆୟକାରୀ ରାଷ୍ଟ୍ର ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା ୟୁନାଇଟେଡ୍ କିଙ୍ଗଡମ୍ (ଇଂଲଣ୍ଡ), ଫ୍ରାନସ୍, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ନରୱେ ଆଦି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ବିରୋଧରେ ଯୌନ ହିଂସାର ହାର ବହୁତ ଉଚ୍ଚା ରହିଛି। ରିପୋର୍ଟରେ କୁହାଯାଇଛି ଯେ, ନେଦରଲାଣ୍ଡରେ ମହିଳାଙ୍କ ବିରୁଦ୍ଧରେ ଯୌନ ହିଂସା ହାର ୩୦ ପ୍ରତିଶତ ଥିବାବେଳେ ନ୍ୟୁଜିଲାଣ୍ଡରେ ୨୯ ପ୍ରତିଶତ, ଆମେରିକାରେ ୨୮ ପ୍ରତିଶତ, ବ୍ରିଟେନରେ ୨୪ପ୍ରତିଶତ ରହିଛି।

ସେହିପରି ବିଶ୍ୱସ୍ତରରେ ବୟସ ଅନୁସାରେ ଉଭୟ ବାଳିକା, ଯୁବତୀ, ବାଳକ ଓ ଯୁବକଙ୍କ ବିରୁଦ୍ଧରେ ଯୌନ ହିଂସା ହାର ମଧ୍ୟ କିଛି କମ୍ ନୁହେଁ। ବିଶ୍ୱ ସ୍ତରରେ ୧୩ରୁ ୨୩ ବର୍ଷ ମଧ୍ୟରେ ଯୌନ ପିଡିତ ମାନଙ୍କ ମଧ୍ୟରୁ ୭୬ ପ୍ରତିଶତ ମହିଳା ଓ ୭୨ ପ୍ରତିଶତ ପୁରୁଷ ଯେଉଁମାନେ କି ୧୮ବର୍ଷରୁ କମ୍ ବୟସରେ ପ୍ରଥମ ଥର ପାଇଁ ଯୌନ ଉତ୍ପୀଡନର ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସେମାନଙ୍କ ମଧ୍ୟରୁ ୧୬ବର୍ଷ ପୂର୍ବରୁ ପ୍ରଥମ ଥର ପାଇଁ ଯୌନ ହିଂସା ଭୋଗିଥିବା ମହିଳା ଓ ପୁରୁଷଙ୍କ ହାର ଯଥାକ୍ରମେ ୪୧ପ୍ରତିଶତ ଓ ୪୮ ପ୍ରତିଶତ। ଆହୁରି ମଧ୍ୟ ଚିନ୍ତାଜନକ ତଥ୍ୟ ହେଉଛି ୧୨ବର୍ଷରୁ କମ୍ ବୟସରେ ଯୌନ ହିଂସା ଭୋଗିଥିବା ପୀଡିତାଙ୍କ ହାର ୮ ପ୍ରତିଶତ ମହିଳା ଓ ୧୪ପ୍ରତିଶତ ପୁରୁଷ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଯୌନ ହିଂସା, ବିଶେଷ କରି ଶିଶୁ ଯୌନ ଉତ୍ପୀଡନ ବିରୁଦ୍ଧରେ ୨୦୧୩ ମସିହାରେ କଠୋର ଆଇନ ପ୍ରଣୟନ ହୋଇଥିବା ସତ୍ତ୍ୱେ ଏବେ ଯେପରି ବଢିଚାଲିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ବଳାତ୍କାର, ଶିଶୁ ଯୌନ ହିଂସା ପାଇଁ ଜେଲ ଦଣ୍ଡାଦେଶରୁ ଆରମ୍ଭ କରି ମୃତ୍ୟୁଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିଶୁ ଯୌନ ହିଂସା ମାମଲାର ତ୍ୱରିତ ଶୁଣାଣୀ ପାଇଁ ସ୍ୱତନ୍ତ୍ର ପକ୍ସୋ ଅଦାଲତ ରହିଛି। ମାତ୍ର ଶୁଣାଣୀରେ ମନ୍ଥରତା ଏବଂ ଦଣ୍ଡବିଧାନର ହାର କମ ଯୋଗୁଁ ଦେଶରେ ଯୌନ ହିଂସା ମାମଲା ବଢିବାରେ ଲାଗିଛି। ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ପ୍ରତି ମିନିଟରେ ୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ୨୦୧୨ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ, ହତ୍ୟା ଘଟଣା ପରେ ମହିଳା ଯୌନ ହିଂସା ନିୟନ୍ତ୍ରଣ ପାଇଁ କଠୋର ଆଇନ ଓ ଦଣ୍ଡ ବ୍ୟବସ୍ଥା ଯୋଗୁଁ ଏବେ ଦୁଷ୍କର୍ମକାରୀ, ବ୍ୟଭିଚାରୀଙ୍କ ନିଶାଣରେ ପ୍ରାପ୍ତ ବୟସ୍କାଙ୍କ ଶିକାର ହେଉଥିବା ରିପୋର୍ଟରେ କୁହାଯାଏ। ଯାହାର ପରିଣତି ସ୍ୱରୂପ ଦେଶରେ ଶିଶ ଯୌନ ଉତ୍ପୀଡନ ବୃଦ୍ଧି ପାଉଛି। ଦାରିଦ୍ର୍ୟ, ଅନାହାର ପ୍ରପିଡିତ ଶିଶୁଙ୍କୁ ବ୍ୟଭିଚାରୀମାନେ ଟାର୍ଗେଟ କରୁଥିବା ମନେ କରାଯାଏ। ଏହାର ନିୟନ୍ତ୍ରଣ ପାଇଁ ଫଳପ୍ରଦ କଠୋର ଆଇନ ପ୍ରଣୟନର ଜରୁରୀ ଆବଶ୍ୟକତା ରହିଛି।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

## ସକଳ ତୀର୍ଥ ଘେନିକରି...

ସୌରଚନ୍ଦ୍ର ମହାପାତ୍ର

'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି – 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।'

ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ୍ୟ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବ ମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ। ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପବିତ୍ର ତୀର୍ଥକ୍ଷେତ୍ର ତିରୁପତି ଠାରେ ନୀଳାଦ୍ରୀରେ ଜଗନ୍ନାଥଙ୍କର ରଥୋତ୍ସବ ଭଳି ଶେଷାଦ୍ରିରେ ପ୍ରଭୁ ଭେଙ୍କଟନାଥଙ୍କର ମଧ୍ୟ ବ୍ରହ୍ମୋତ୍ସବ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ଏବଂ ତାଙ୍କ ମନ୍ଦିରର ଉତ୍ପତ୍ତି, କ୍ରମବିକାଶ, ନିର୍ମାଣବିଧି, ପୂଜାପାର୍ବଣ, ଦୈନନ୍ଦିନ ନୀତି, କ୍ଷେତ୍ର ମାହାତ୍ମ୍ୟ ଇତ୍ୟାଦି ବିଷୟରେ ଉପାଖ୍ୟାନ ଯେଭଳି ଅନେକ ପୁରାଣ ଯଥା ସ୍କନ୍ଦ, ନୀଳାଦ୍ରି ମହୋତ୍ସବ, ପଦ୍ମ, ବାମଦେବ ସଂହିତା ପ୍ରଭୃତିରୁ ମିଳିଥାଏ । ଠିକ ସେହିଭଳି ପ୍ରଭୁ ଙ୍କେଟେଶ ତଥା ଭେଙ୍କଟାଚଳ ବା ଶେଷାଚଳଙ୍କର ଆବିର୍ଭାବ, ମାହାତ୍ମ୍ୟ, ଯାନିଯାତ୍ରା ବିଷୟରେ ସ୍କନ୍ଦ, ପଦ୍ମ ପ୍ରଭୃତି ବିଭିନ୍ନ ପୁରାଣରୁ ସମ୍ୟକ ସୂଚନା ମିଳିଥାଏ। ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା କାର୍ଯ୍ୟ ଯେଭଳି ଭଗବାନ ବ୍ରହ୍ମା ସ୍ୱୟଂ ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଠିକ ସେହିଭଳି ଶେଷାଚଳ ବା ଭେଙ୍କଟେଶଙ୍କର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରାର ପ୍ରବର୍ତ୍ତନ କରାଇଥିଲେ, ଯାହାକି, ଆଜି 'ବ୍ରହ୍ମୋତ୍ସବ' ବୋଲି କୁହାଯାଏ। ଏ ସଂପର୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ ଯାହା କହନ୍ତି। ଜଗନ୍ନାଥଙ୍କର ରଥୋତ୍ସବ ଏକ ପର୍ବତ ନୀଳାଚଳ ବା ନୀଳାଦ୍ରିରେ ଯେଭଳି ଅନୁଷ୍ଠିତ ହୋଇଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟନାଥଙ୍କର ରଥଯାତ୍ରା ମଧ୍ୟ ବ୍ରହ୍ମୋତ୍ସବ ନାମରେ ଅନ୍ୟ ଏକ ପବିତ୍ର ପର୍ବତ ତାମିଲ ଭାଷାରେ ତିରୁମଲ୍ଲ ତିରୁ ଅର୍ଥ ଶ୍ରୀ ମଲ୍ଲଅର୍ଥ ପର୍ବତ। ଶେଷାଚଳ ବା ଶେଷାଦ୍ରିରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କ ରଥୋତ୍ସବ ଯେଭଳି ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ ଠିକ୍ ସେହିଭଳି ବ୍ରହ୍ମୋତ୍ସବ ମଧ୍ୟ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ରଥଯାତ୍ରାର ପ୍ରବର୍ତ୍ତକ ଯେଉଁଭଳି ସ୍ୱୟଂ ବ୍ରହ୍ମା, ଠିକ ସେହିଭଳି ବ୍ରହ୍ମୋତ୍ସବର ଆଦିମ ପ୍ରବର୍ତ୍ତକ ମଧ୍ୟ ସ୍ୱୟଂ ବ୍ରହ୍ମା। ଏଠାରେ ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି କ୍ଷେତ୍ର ବହୁତ ଦିନ ଧରି ତାମିଲନାଡୁର ଏକ ଅଂଶବିଶେଷ ଭାବରେ ରହିଥିଲା ଏବଂ ୧୯୫୬ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ପରେ ଏହାକୁ ଆନ୍ଧ୍ରରେ ମିଶାଇ ଦିଆଯାଇଥିଲା।

ଗୀତାରେ ଭଗବାନ ପ୍ରକାଶ କରିଛନ୍ତି, 'ମୁଁ ଜଡ଼ସମୂହର ଅତୀତ, ଚେତନ ପଦାର୍ଥ ଅପେକ୍ଷା ଶ୍ରେଷ୍ଠ। ମୁଁ ବେଦ ଓ ପୁରାଣରେ ପୁରୁଷୋତ୍ତମ ନାମରେ ଖ୍ୟାତ। ଶ୍ରୀକ୍ଷେତ୍ରରେ ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଓ ଅଧିଷ୍ଠିତ ଦେବତା ପୁରୁଷୋତ୍ତମ ନାମରେ ପ୍ରସିଦ୍ଧି ଲାଭ କରି ଅଛନ୍ତି। ଗୀତାର ବାଣୀକୁ ତତ୍ତ୍ୱବିଦମାନେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତ୍ୟକ୍ଷ କରିଅଛନ୍ତି। ସକଳ ଧର୍ମ, ସକଳ ଦର୍ଶନ, ସକଳ ସଂସ୍କୃତିର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ।

ସେକ୍ଟର-୬, କଟକ
ମୋ:୯୪୩୭୦୦୪୪୬୬

## ସଂପାଦକଙ୍କୁ ପତ୍ର

### ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ମାଆ

ମହାଶୟ,

ଶକ୍ତିର ଅନନ୍ୟ ଉଦାହରଣ ହେଉଛି ମା' ।ନାରୀଟିଏ କେତେବେଳେ କନ୍ୟା, ଜାୟା,ଭଗିନୀ ରୂପରେ ପୁଣି କେତେବେଳେ ମା' ରୂପରେ ଏ ସମାଜରେ ଅବତୀର୍ଣ୍ଣ ହୋଇଥାଏ ।ମା'ଏକ ଶବ୍ଦ ନୁହେଁ, ଏହା ଏକ ଶିହରଣ। ରକ୍ତର ପ୍ରତି ବିନ୍ଦୁର ଗୋଟିଏ ଗୋଟିଏ ପୁଲକ। ଏହା ଏମିତି ଏକ ସଂପର୍କ ଯାହା ସବୁ ସଂପର୍କରୁ ଉର୍ଦ୍ଧ୍ୱରେ ।ଦୁନିଆର ସବୁଠାରୁ ସୁନ୍ଦର ଓ ମଧୁର ଶବ୍ଦ ହେଉଛି ମା' । ତ୍ୟାଗ ଓ ତପସ୍ୟାର ପ୍ରତୀକ ମା'। ଏହା କେବଳ ଏକ ଡାକ ନୁହେଁ ଏଥିରେ ସୀମିତ ସାରା ବିଶ୍ୱର ଆନନ୍ଦ । ନିଜେ ଜଳି ସନ୍ତାନଙ୍କୁ ଆଲୋକ ଦେଖାଏ ମା' । ମା' ଶବ୍ଦଟି ଛୋଟ ହୋଇପାରେ କିନ୍ତୁ ଅର୍ଥ ବ୍ୟାପକ। ଦଶ ମାସ ଦଶ ଦିନ ନିଜ ଗର୍ଭର ଛାୟାରେ ଆଉ ଏକ ଜୀବନକୁ ପାଳି ଏକ ନୂତନ ସମ୍ଭାବନାକୁ ଯେ ସଂସାରକୁ ଆଣେ ସେ ହେଉଛି ମା' । ସନ୍ତାନର ଅଳିଅଝଟକୁ ପୂରଣ କରି କୋଳେଇ କାଖେଇ ବଡ କରୁଥିବା ମଣିଷଟି ହେଉଛି ମା' ।

ନିଜ ଇଚ୍ଛା ନିଜ ଦୁଃଖ ଏପରିକି ନିଜ ମନର ଭାବନାକୁ ଯିଏ ତୁଚ୍ଛ ମଣି କେବଳ ସନ୍ତାନ ପାଇଁ ତତ୍ପର ରୁହେ ସେ ହେଲା ମା' । ମା' ହେଉଛି ଆବେଗ ଓ ଭଲପାଇବାର ଏକ ସୀମାହୀନ ସାଗର । ଯେଉଁଥିରେ ଭରି ରହିଥାଏ ଖାଲି ତ୍ୟାଗ ଆଉ ସମର୍ପଣ । ଯିଏ ଜହ୍ନ ଠାରୁ ଶୀତଳ ଆଉ ଫୁଲ ଠାରୁ କୋମଳ ସେ ହେଉଛି ମା' ।ଏଏ ଧରା ପୃଷ୍ଠରେ ଜୀବନକୁ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ଜନ୍ମ ନୁହେଁ, ବାତ୍ସଲ୍ୟ ମମତା , ତ୍ୟାଗ , ବଳିଦାନ ଢାଳିଦେଇଥାଏ ମା'।

ମା' କଥା ଯେମିତି ମଧୁର ,ମା' ହାତରନ୍ଧା ବି ସେତିକି ସୁଆଦିଆ । ମା'ର ପଣତ ପିଲାପାଇଁ ସବୁଠୁ ଅଧିକ ନିର୍ଭୟ ଆଶ୍ରୟସ୍ଥଳ । ସେ ଯାହା କହେ ପିଲା ପାଇଁ ତାହା ଆଶୀର୍ବାଦ ପାଲଟିଯାଏ । ତା'ର ପ୍ରତିଟି ଇଚ୍ଛାରେ ଥାଏ ତା' ସନ୍ତାନ ପ୍ରତି ସ୍ନେହ, ପ୍ରୀତି, ମମତାର ରାଶିରାଶି ସଞ୍ଜୀବନୀ । ସନ୍ତାନ ପାଇଁ ସେ ସଫଳତାର ଏକ ଚିରସ୍ରୋତା ନଦୀ । ସେ ନିଜେ ନଖାଇ ଛୁଆର ପେଟକୁ ଆଗ ଦେଖେ । ନିଜ ଛୁଆର ଓଠରେ ଟିକେ ହସ ଦେଖିବାକୁ ଜୀବନର ସବୁ ଦୁଃଖ କଷଣକୁ ମଥା ପାତି ସହିଯାଏ । ଭୋକ ଲାଗିବା ଆଗରୁ ପେଟ ଚିହ୍ନି ଖାଇବା ବାଢ଼ିଦିଏ । ଦେହ ପା ଖରାପ ହେଲେ ସାରା ରାତି ଚେଇଁ ରହେ ସେ ହେଉଛି ମା' । ସ୍ୱର୍ଗଠାରୁ ବଡ଼, ପୁଣି ଈଶ୍ୱରଙ୍କଠୁ ମହାନ। ସେ ପ୍ରେରଣାଦାୟୀ, ସେ ମମତାମୟୀ । ମା' ପାଇଁ ଆଜି ଦିନଟି ଉତ୍ସର୍ଗ ।ପ୍ରତ୍ୟେକ ଦିନ ଯିଏ ପରିବାର କଥା ଭାବେ ଦୁଃଖ ଜଞ୍ଜାଳ ଭିତରେ ତା ସନ୍ତାନ ମୁଖରେ ହସ ଫୁଟାଏ ଏବଂ ପଣତ କାନିରେ ସନ୍ତାନକୁ ଘୋଡାଇ ରଖେ ସେ ହିଁ ମା' ।ମା' ଗୋଟିଏ ଶବ୍ଦ ହେଲେ ସୀମାହୀନ ଭାବେ ପରିବ୍ୟାପ୍ତ। ସେଇ ମାଆକୁ କେବେ ବି ହତାଦର କରିବା ଅନୁଚିତ ।

ବାବାଜୀ ଚରଣ ଦାସ,
ଢେଙ୍କାନାଳ



ଲୋକ ସମସ୍ୟା
ପ୍ରଜାତନ୍ତ୍ର





୨୮.୦୫.୨୦୨୫



# ବିପଦ ମୁହଁରେ ନାଲି କଙ୍କଡା


କେନ୍ଦ୍ରାପଡା : ରାଜ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳର ରହିଛି ସ୍ୱତନ୍ତ୍ର ପରିଚୟ । ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ପର୍ଯ୍ୟଟନସ୍ଥଳର ରହିଛି ଅନେକ ସ୍ୱତନ୍ତ୍ରତା । ଭିତରକନିକା ନଦୀ ପଠା ତଥା ପେଣ୍ଠ ବେଳାଭୂମି, ସାତଭାୟା ଓ ହବାଲିଖଟି ବେଳାଭୂମିରେ ଦେଖାଯାଉଥିବା ନାଲି କଙ୍କଡ଼ାର ବିଶେଷ ଆକର୍ଷଣ ପର୍ଯ୍ୟଟକଙ୍କୁ ବିମୋହିତ କରେ । ଏପରିସ୍ଥଳେ ବିରଳ କଙ୍କଡ଼ାମାନଙ୍କ ପାଇଁ ବିପଦ ପାଲଟିଛି ପ୍ଲାଷ୍ଟିକ୍‌ଯୁକ୍ତ ବିଷାକ୍ତ ବର୍ଜ୍ୟ । ଭିତକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା ସାତଭାୟାରୁ ହବାଲିଖଟି ମଧରେ ଲକ୍ଷଲକ୍ଷ ସଂଖ୍ୟାରେ ନାଲି ରଙ୍ଗର କଙ୍କଡ଼ା ଦେଖିବାକୁ ମିଳେ । ଏହି ପ୍ରଜାତିର କଙ୍କଡ଼ାକୁ ଲାଲ ଫିଡଲର୍ କ୍ରାବ ବା ନାଲି କଙ୍କଡ଼ା ବୋଲି କୁହାଯାଇଥାଏ । ଅତି ନିକଟରେ ଥିଲେ ମଧ ଏଗୁଡ଼ିକୁ ଧରିବା ପାଇଁ ଗଲେ ଦ୍ରୁତ ଗତିରେ ବାଲି ଓ କାଦୁଅରେ କରିଥିବା ଗାତରେ ପଶିଯିବାରେ କୌତୁକିଆ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ସବୁଠୁ ଆଶ୍ଚର୍ଯ୍ୟ କଥା ଅଲିଭରିଡ୍‌ଲେ ଶାବକ ବସାରୁ ବାହାରି ସମୁଦ୍ରକୁ ଯିବା ବେଳେ ନାଲି କଙ୍କଡ଼ା ସେମାନଙ୍କୁ ଟାଣି ନେବାର ଦୃଶ୍ୟ ଦେଖିବାକୁ ମିଳିଥାଏ । ଏହାଛଡ଼ା ମହାକାଳପଡ଼ା ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଂଚଳର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଅଂଚଳର ଶୋଭାବର୍ଦ୍ଧନ କରୁଛନ୍ତି ଏହି ବିରଳ ପ୍ରଜାତିର କଙ୍କଡ଼ା । ଏହି ସାମୁଦ୍ରିକ ଅଭୟାରଣ୍ୟ ଅନ୍ତର୍ଗତ ହୁକିଟୋଲା, ତଣ୍ଡା, ମାଦଳୀ ଦୀପ, ଅଗରନାସି, ଲଂଚଘୋଲା ପ୍ରଭୃତି ଅଂଚଳରେ ଏହି କଙ୍କଡ଼ା ଦେଖିବାକୁ ମିଳନ୍ତି । ଏହି କଙ୍କଡ଼ାର ଲମ୍ବା ଦୁଇ ଇଂଚ୍ ଭଳି ହୋଇଥିବା ବେଳେ ଏମାନେ ଦୁଇ/ତିନି ଫୁଟ ଗଭୀର ଗାତ କରି ସମୁଦ୍ର ବାଲିରେ ରହିଥାନ୍ତି । ସମୁଦ୍ରର ମଲା ମାଛ, ଶୈବାଳ ଏବଂ ଛୋଟଛୋଟ ଜୀବକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଏଭଳି କଙ୍କଡ଼ାଙ୍କ ଆୟୁଷ ପ୍ରାୟ ଦୁଇବର୍ଷ ହୋଇଥିବା ବେଳେ ଏହି ପ୍ରଜାତିର କଙ୍କଡ଼ା ଓଡ଼ିଶା ଉପକୂଳକୁ ଛାଡ଼ିଲେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କାର ସମୁଦ୍ର ଉପକୂଳ ଅଂଚଳରେ ଅଧିକ ମାତ୍ରାରେ ଦେଖିବାକୁ ମିଳେ । ସାମୁଦ୍ରିକ ଝଡ଼, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିବାର ସୂଚନା ଏମାନେ ଶୀଘ୍ର ବାରି ପାରନ୍ତି । ସମୁଦ୍ରର ସୁନେଲି ବାଲିଶଯ୍ୟା ଉପରେ ସିନ୍ଦୁର ଲାଲ ରଙ୍ଗର ଟୋପା ଭଳି ଏମାନଙ୍କ ଚଳପ୍ରଚଳ ଯୋଗୁଁ ବାଲୁକା ଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ ହୋଇଯାଇଥାଏ । ମାତ୍ର ସମୁଦ୍ର ବେଳାଭୂମିରେ ଚଳପ୍ରଚଳ କରୁଥିବା ବେଳେ କୁଆ, ଚିଲ ଭଳି ପକ୍ଷୀ ଏବଂ ଗଧିଆ, ଫେଂରେଣ୍ଡା ସମେତ ବନ୍ୟଜନ୍ତୁଙ୍କ ଖାଦ୍ୟ ପାଇଁ ସେମାନଙ୍କ ଶିକାର ପାଲଟିଥାନ୍ତି । ସେହିଭଳି ସମୁଦ୍ରରେ ମିଶୁଥିବା ପ୍ଲାଷ୍ଟିକଯୁକ୍ତ ବିଷାକ୍ତ ବର୍ଜ୍ୟବସ୍ତୁ, କଳାକାରଖାନାର ବର୍ଜ୍ୟବସ୍ତୁ ପାଇଁ ଏବେ ଏହି ବିରଳ ପ୍ରଜାତିର କଙ୍କଡ଼ା ବିଲୁପ୍ତ ହେବାକୁ ବସିଲାଣି ବୋଲି ମହାକାଳପଡ଼ା ଉପକୂଳ ପେଟଛେଲା ଅଂଚଳର ସୁବାସ ସ୍ୱାଇଁ, ସମରେନ୍ଦ୍ର ମାହାଳି କହିଛନ୍ତି ।






# ରାସ୍ତା କାର୍ଯ୍ୟ ଅଧପନ୍ତରିଆ

ଘୁ.ଉଦୟଗିରି : ରାଜ୍ୟ ଓ କେନ୍ଦ୍ର ସରକାର ସହରାଂଚଳରୁ ଗ୍ରାମାଂଚଳକୁ ଗମନାଗମନର ସୁବିଧା ପାଇଁ ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ମାଧମରେ ପକ୍କା ସଡ଼କ ନିର୍ମାଣ କରିଚାଲିଛନ୍ତି । କିନ୍ତୁ କିଛି ସ୍ଥାନରେ କିଛି ଅସାଧୁ ଠିକାଦାର ଓ କିଛି ବିଭାଗୀୟ ଅଧିକାରୀମାନଙ୍କ ପ୍ରିୟାପ୍ରୀତି ପୋଷଣ ସହ ଲାଭଖୋର ମନବୃତି ଯୋଗୁଁ ନିର୍ମାଣ ଧୀନ ପକ୍କା ରାସ୍ତା ଗୁଡିକ ଅତି ନିମ୍ନ ମାନର ହେଉଥିବା ବେଳେ ଏହି ରାସ୍ତା କାମ ଗୁଡିକର ସ୍ଥାୟୀତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଭଳି ଏକ ନିମ୍ନମାନର ରାସ୍ତାକାମ ହେଉଥିବା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଅଧୀନରେ ଥିବା ବଣ୍ଡଗୁଡା ଫଂଚାୟତରେ ସୂଚନା ଅନୁସାରେ ୨୦୨୩/ ୨୪ ଆର୍ଥିକ ବର୍ଷରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଏହି ଫଂଚାୟତ ଅଧୀନରେ ଥିବା ପୂର୍ତବିଭାଗ ରାସ୍ତା ଟଂଚଳା ସାହି ଛକ ଠାରୁ ଭାୟା ବିଲାବାଡି ହୋଇ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କରଣ୍ଡା ଗଡ଼ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ସମ୍ପୂର୍ଣ ଉନ୍ନତିକରଣ ପାଇଁ ବିଭାଗ ତରଫରୁ ଟ.୩୫୧.୯୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏହାସହ ଏହି ରାସ୍ତା ନିର୍ମାଣ ପାଇଁ ଗତ ୨୫/୦୫/ ୨୦୨୩ ତାରିଖ ଦିନ ତତ୍କାଳୀନ କନ୍ଧମାଳ ସାଂସଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବାଲିଗୁଡ଼ା ବିଧାୟକ, ଫଂଚାୟତ ସମିତି ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟା, ସ୍ଥାନୀୟ ସରପଂଚ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ରାସ୍ତା କାମର ଶୁଭ ଦିଆଯାଇଥିଲା । ଏହାର କିଛିଦିନ ପରେ ରାସ୍ତା କାମଟି ଆରମ୍ଭ ହୋଇଥିଲାଓ ତେବେ କାମ ଆରମ୍ଭ ହେବାର ପ୍ରାୟ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କାମଟି ସାରିପାରୁନଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ କାମରେ କୌଣସି ସୂଚନା ଫଳକ ଲଗାଯାଇନାହିଁ । କାର୍ଯ୍ୟ ଟେଣ୍ଡର ସମୟରେ ସର୍ବସାଧାରଣଙ୍କ ନିମନ୍ତେ ସୂଚନା ଫଳକରେ ସମସ୍ତ ତଥ୍ୟ ଲିଖିତ ଫଳକ ଲଗେଇବା ନିମନ୍ତେ ଅର୍ଥ ପ୍ରଦାନ କରିବା ସହ କର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗେଇବାକୁ ବାଧ । କିନ୍ତୁ ଏହି କାର୍ଯ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି କାର୍ଯ୍ୟ ସାରିବାକୁ ବସିଲାଣି ସୂଚନା ଫଳକ ନାହିଁ । ବିଭାଗୀୟ ଅଧିକାରୀ ସବୁ ଜାଣି ଚୁପ କାରଣ ଠିକାଦାର ବିଭାଗୀୟ ଅଧିକାରୀଙ୍କ ପ୍ରିୟପ୍ରୀତି ତୋଷଣ । ଦୁହିଁଙ୍କ ମିଳି ଭଗତ ରେ ଚାଲିଛି ନିମ୍ନ ମାନର କାର୍ଯ୍ୟ କହିବାକୁ କେହି ନାହିଁ କହିଲେ କର୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ । ଓ କିଛିଦିନ ହେଲା କାମଟି ଶେଷ ପର୍ଯ୍ୟୟରେ ପହଂଚିଥିବା ବେଳେ କାମଟି ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତିଓ ସେପଟେ ରାସ୍ତାରେ ପିଚୁ ପଡ଼ିବାର ପାଂଚ ଦିନ ନଯାଉଣୁ ରାସ୍ତାଉପରେ କୌଣସି ଓଜନିଆ ଗାଡି ଗଲେ ପିଚୁ ସବୁ ଉଠିଯାଉଛି । ଅନ୍ୟପଟେ ସବୁଠୁ ଆଶ୍ଚର୍ଯ୍ୟ ଓ ଚକିତ କଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି ଏହି ରାସ୍ତାର ଶେଷ ମୁଣ୍ଡରେ ଅର୍ଥାତ କରଣ୍ଡାଗଡ଼ ଠାରେ ଚାଲିଥିବା ରାସ୍ତା ପାର୍ଶ୍ୱ ସୁରକ୍ଷା ପାଚେରୀ ନିର୍ମାଣ କାମରେ ଏହି ସୁରକ୍ଷା ପାଚେରୀ ନିର୍ମାଣ କାମରେ ନିମ୍ନମାନର ବାଲି ଓ କମ ପରିମାଣର ସିମେଂଟ୍ ବ୍ୟବହାର ହେଉଥିବା ବେଳେ ପାଚେରୀରେ ପ୍ଲାଷ୍ଟିକ ପାଇପ ବଦଳରେ ବ୍ୟବହାର ହେଉଛି କଦଳୀ ବାହୁଙ୍ଗା ଯାହାକି ସମସ୍ତଙ୍କୁ ଚକିତ କରିଛି ଓ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ତିବ୍ର ଅସନ୍ତୋଷ ମଧ ଦେଖାଦେଇଛିଓ ଏହି ନିମ୍ନ କାମକୁ ନେଇ ସ୍ଥାନୀୟ ଲୋକ ସମ୍ପୃକ୍ତ ଠିକା ସଂସ୍ଥା ର କର୍ମଚାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ଠିକା ସଂସ୍ଥାର କର୍ମଚାରୀ ମାନେ ଶୁଣୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ନିମ୍ନମାନର ରାସ୍ତା କାମ ବିଷୟରେ ଦାୟିତ୍ୱ ରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଧବଳେଶ୍ୱର ପାତ୍ରଙ୍କୁ ପଚାରିବାରୁ ଚିରାଚରିତ ଢଙ୍ଗରେ ତଦନ୍ତ ହେବ ଏବଂ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେପଟେ ନିର୍ମାଣ ଧୀନ ରାସ୍ତା କାମ ଠିକ ଠାକ ନହଲେ ଆଗାମୀ ଦିନରେ କରଣ୍ଡାଗଡ଼ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।



# ଘନ ଅନ୍ଧାରରେ କଳବଳ ୫ ଗାଁ



ମାଲକାନଗିରି : ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିକାଶ ଧାରାରେ ଯୋଡ଼ି ହୋଇଛି ବିଚ୍ଛିନ୍ନାଂଚଳ । ସ୍ୱାଭିମାନ ଅଂଚଳର ମାନ୍ୟତା ପାଇଛି ଚିତ୍ରକୋଣ୍ଡା ବ୍ଲକ୍ ଅଧୀନ ୯ଟି ଫଂଚାୟତର ୧୫୧ଟି ଗ୍ରାମ । କିନ୍ତୁ ଆଜି ବି ମୌଳିକ ସୁବିଧା ସୁଯୋଗରୁ ବଂଚିତ ହୋଇ ଦୁର୍ବିସହ ଅବସ୍ଥାରେ ରହିଛନ୍ତି ଅନେକ ଗ୍ରାମବାସୀ । କେଉଁ ଗାଁରେ ବିଦ୍ୟୁତ୍ ସେବା ନାହିଁ ତ କେଉଁଠି ପାନୀୟ ଜଳ ସମସ୍ୟା ଲାଗି ରହିଛି । ଯାତାୟାତ ପାଇଁ ଭଲ ରାସ୍ତା ଖଣ୍ଡିଏ ମଧ ନାହିଁ । ମାଳମାଳ ଯୋଜନା ସତ୍ତ୍ୱେ ଅନେକ ଅସୁବିଧା ଭିତରେ ଦିନ କାଟୁଛନ୍ତି ସ୍ୱାଭିମାନ ଅଂଚଳବାସୀ । ଗାଜଲମାମୁଡ଼ି ଫଂଚାୟତର କରଞ୍ଜିଝୋଲା, ବଡ଼ଝୋଲା, ରାଙ୍ଗିନିଗୁଡ଼ା-୧, ରାଙ୍ଗିନିଗୁଡ଼ା-୨, ମୁଣ୍ଡିଗୁମ୍ମା ଏବଂ ପାଲସୁଚମ୍ପା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନି । ବାରମ୍ବାର ଆବେଦନ ଓ ଗୁହାରି ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ସେବା ଯୋଗାଇବାରେ ବିଫଳ ହୋଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରାତି କାଟୁଛନ୍ତି । ବିଦ୍ୟୁତ୍ ସେବା ପାଇଁ ଗ୍ରାମବାସୀ ବ୍ଲକ୍ ପ୍ରଶାସନରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଯାଏଁ ସମସ୍ତଙ୍କୁ ଗୁହାରି କରିଛନ୍ତି । ହେଲେ କେବଳ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି ଗ୍ରାମବାସୀଙ୍କୁ । ଜୀବନ ଜୀବିକା ପାଇଁ ଗ୍ରାମବାସୀ ଚାଷ କାର୍ଯ୍ୟ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ମୁଖ୍ୟତଃ ନିର୍ଭରଶୀଳ । ଦିନତମାମ କେହି ଘରେ ରହୁନଥିବା ବେଳେ ସନ୍ଧ୍ୟାରେ ଘରକୁ ଫେଂରିଲେ ଘନ ଅନ୍ଧାରରେ ସମୟ ବିତାଇବାକୁ ପଡ଼ିଥାଏ । ଡିବିର ଆଲୁଅ ଅନ୍ଧାର ଦୂର କରିପାରୁନଥିବାରୁ ଗ୍ରାମବାସୀ କାଠଜାଳି ରାତିରେ ଖାଇବା ପିଇବା କରିଥାନ୍ତି । ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଛନ୍ତି । ଗାଜଲମାମୁଡ଼ି ସୀମାବର୍ତୀ ଧୂଳିପୁଟ ଫଂଚାୟତର ଜୁମଡାଙ୍ଗ ସମେତ ଅନ୍ୟ ଗ୍ରାମକୁ ଓଡ଼ିଶା ସରକାର ବିଦ୍ୟୁତ୍ ସେବା ପ୍ରଦାନରେ ଅବହେଳା କରିବା ପରେ ଆନ୍ଧ୍ର ସରକାର ବିଦ୍ୟୁତ୍ ସେବା ଯୋଗାଇ ଦେଇଛନ୍ତି । ତଥାପି ଏ ଦିଗରେ କେହି ସମ୍ବେଦନଶୀଳ ନୁହନ୍ତି । ଜୁମଡାଙ୍ଗ ସହ ଅନ୍ୟ କିଛି ଗାଁକୁ ଆନ୍ଧ୍ର ଯୋଗାଇଥିବା ବିଦ୍ୟୁତ୍ ସେବା ସମ୍ପର୍କରେ ଅବଗତ ନାହାନ୍ତି ବିଭାଗୀୟ କର୍ତୃପକ୍ଷ । ଖୁବ୍‌ଶୀଘ୍ର ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହୁଥିଲେ ମଧ ଦିନ ଗଡ଼ିବା ଛଡ଼ା କୌଣସି ସୁଫଳ ମିଳିପାରୁନି । ନିକଟରେ ଅନୁଷ୍ଠିତ 'ଦିଶା' ବୈଠକରେ ଜିଲ୍ଲାରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାକୁ ନେଇ ସାଂସଦ, ବିଧାୟକଙ୍କ ସମେତ ଜନପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।



# ମୌଳିକ ସୁବିଧାରୁ ବଞ୍ଚିତ ଗାଁ କସିପଦର ଓ ରାଇଲିପଦର

ଜୟପୁର: ମୌଳିକ ସୁବିଧାରୁ ବଂଚିତ ଉପାନ୍ତ ଗାଁ । ଅନ୍ଧାର ରାତିରେ କଟୁଛି ଜୀବନ । ପାନୀୟ ଜଳ ପାଇଁ ଚାଲିବାକୁ ପଡୁଛି ମାଇଲିଏ ବାଟ । ରୋଗୀଙ୍କ ପାଇଁ ଯୋଗାଡ କରିବାକୁ ପଡୁଛି ଚାରି କାନ୍ଧ । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ରଣସପୁର ପଂଚାୟତର କସି ପଦର ଓ ରାଇଲି ପଦର ଗାଁ ର । ଉଭୟ ଗାଁ ପଂଚାୟତ ସଦର ମହକୁମା ଠାରୁ ୭ କି.ମି. ଦୂରରେ ଅବସ୍ଥିତ କସି ପଦର ଗାଁ । ଏହି ଗାଁ ରେ ୩୫ ପରିବାର ବସବାସ କରନ୍ତି । ପଂଚାୟତ ଠାରୁ ପିଣ୍ଡାପଦର ପର୍ଯ୍ୟନ୍ତ ରାସ୍ତା ଅଛି । ପିଣ୍ଡା ପଦର ଠାରୁ ୩ କିଲୋମିଟର ଚାଲି ଚାଲି ଗଲେ ପଡେ କସି ଭଟା ଗାଁ । ପିଣ୍ଡପଦର ଠାରୁ ଅନ୍ୟ ଏକ ରାସ୍ତା ଦେଇ ୭ କି.ମି. ଚାଲି ଚାଲି ଗଲେ ପଡେ ରାଇଲି ପଦର ଗାଁ । ରାଇଲି ପଦର ଗାଁ ରେ ୨୫ ପରିବାର ବାସ କରନ୍ତି । ଏହି ଦୁଇ ଗାଁ ରେ ପାଣିର ସୁବିଧା ନାହିଁ । ଦୂରରେ ଥିବା ଚୁଆ ପାଣି ହିଁ ଏମାନଙ୍କ ଭରସା । ଦୁଇ ଗାଁରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନି । ପ୍ରଶାସନ ତରଫରୁ ସୋଲାର ଲାଇଟ ଲାଗିଥିଲେ ବି ଅନେକ ଲାଇଟ ଅଚଳ । ଗାଁ ରେ ଶିକ୍ଷା ସାସ୍ଥ୍ୟ ସେବା ଅପହଂଚ । ରାସ୍ତା ନଥିବାରୁ ରୋଗୀ ୩/୪ କିଲୋମିଟର ଖଟିଆରେ ବୁହା ହୁଅନ୍ତି । ରାସ୍ତା ନଥିବାରୁ ଏଠି ସରକାରୀ ଯୋଜନା ହେଉଛି ବାଟବଣା । ଲୋକଙ୍କୁ ଜୀବିକା ନଥିବାରୁ ପାହାଡିଆ ମାଣ୍ଡିଆ ଚାଷ କିମ୍ବା ଜଙ୍ଗଲୀ ଜାତ ଦ୍ରବ୍ୟ ସଂଗ୍ରହ କରି ସେଥିରେ ଗୁଜୁରାଣ ମେଂଟାନ୍ତି ଏମାନେ । ଗାଁ ର ଚିତ୍ର ଦେଖିଲେ ଲାଗୁଛି ଯେମିତି ଅନ୍ଧାର ରାତିର ନିର୍ଜନତାରେ ହଜି ଯାଇଛି ଏହି ଗ୍ରାମବାସୀଙ୍କ କୋହ, ଆଶା ଓ ସବୁ ସପ୍ନ । ଉଭୟ ଦୁଇ ଗାଁ ସ୍ଥାପନ ହୋଇକି ବିତି ଗଲାଣି ପ୍ରାୟ ୩୦ ବର୍ଷ ତଥାପି ଏମାନଙ୍କୁ ମିଳିନାହିଁ ସରକାରୀ ସୁବିଧା । ନା ଗାଁ ରେ ଅଛି ପିଇବା ପାଣିର ବ୍ୟବସ୍ଥା ନା ଗାଁ ଯିବାକୁ ଅଛି ପକ୍କା ରାସ୍ତା ନା ଅଛି ଘରେ ଭିତରେ ବିଜୁଳି ଆଲୁଅ । ଦୁଇ ଗାଁ କୁ ଦୁଇ ବର୍ଷ ତଳେ ସୋଲାର ଲାଇଟ ଲାଗିଥିଲେ ବି ଅନେକ ଲାଗୁନି । ଫଳରେ ନିଜ ନିଜ ସକ୍ଷମ ଅନୁଯାଇ ନିଜେ ଚାର୍ଜ ଲାଇଟ ଯୋଗାଡ଼ କରିଛନ୍ତି । ଭଗବାନଙ୍କ ଭରସାରେ ପାହାଡ କୋଳରେ କଟୁଛି ଏମାନଙ୍କ ଜୀବନ । ସବୁଠାରୁ ବଡ ଦୁଃଖର କଥା, ଏମାନଙ୍କ ପାଖରେ ଆଜିବି ଗୁହାରି ଶୁଣିବା ପାଇଁ ପହଂଚିଲେ ନାହିଁ ସରକାରୀ ବାବୁ । ବର୍ତମାନ ନିଜ ଦୁଃଖ ଓ କଷ୍ଟକୁ ମନ ଭିତରେ ଚାପି ଏମାନେ ବର୍ତମାନ କୋହଭରା କଣ୍ଠରେ ଗୁହାରି କରିଛନ୍ତି କି ଦୀର୍ଘ ୩୦ ବର୍ଷର ଅପେକ୍ଷାର ଏଥର ହେବ ଅନ୍ତ ଆଉ ବଦଳିବ ସେମାନଙ୍କ ବାସ୍ତବ ଚିତ୍ର । ରାଜ୍ୟର ଉପାନ୍ତ ଅଂଚଳର ବଦଳିଲା ନାହିଁ ଚିତ୍ର । ଆଜି ବି କୋରାପୁଟ ଜିଲ୍ଲାରେ ରହିଛି ମାଳ ମାଳ ଦୁର୍ଗମ ଗାଁ ଯେଉଁଠି ସରକାରୀ ବାବୁଙ୍କ ପାଦ ବି ପଡିନାହିଁ । ଯାହା ଫଳରେ ଆଜି ବି ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହେବାରୁ ବଂଚିତ ଏହି ସବୁ ଦୁର୍ଗମ ଗାଁର ନିରୀହ ଆଦିବାସୀ ।

# ବର୍ଷା ସାଜିଲା ବାଧକ ମଣ୍ଡିରେ ରବିଧାନ କିଣା ପ୍ରଭାବିତ



ଭବାନୀପାଟଣା: କଳାହାଣ୍ଡି ଜିଲାରେ ଗତ ୨୦ତାରିଖଠାରୁ ରବି (ଡାଲୁଅ) ଧାନ ପାଇଁ ମଣ୍ଡି ଖୋଲିଛି । ତେବେ ମଣ୍ଡି ଖୋଲିବାର ୨ଦିନ ପରେ ଜିଲାରେ ବର୍ଷା ପ୍ରାୟ ସମୟରେ ହେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ଅପରାହ୍ନରେ ଘଡ଼ ଘଡି ସହ ପ୍ରବଳ ବର୍ଷା ହେଉଛି । ଜିଲାରେ ଚଳିତ ରବି ମଣ୍ଡି ଖୋଲିବା ବିଳମ୍ବିତ ଓ ମଣ୍ଡି ଖୋଲିବା ପରେ ବର୍ଷା ହେବା ଯୋଗୁ ଧାନକିଣା ପ୍ରଭାବିତ ହୋଇଛି । ଏହାକୁ ନେଇ ଚାଷୀ ଚିନ୍ତାରେ ପଡିଛି । ଜିଲାର ପ୍ରାୟ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ବର୍ଷା ଯୋଗୁ ସେଠାରେ ଥିବା ଧାନ ଭିଜିଯାଉଥିବା ଦେଖିବାକୁ ମିଳିଛି । ଆର୍ଏମ୍ସି ପକ୍ଷରୁ ଚାଷୀଙ୍କୁ ତାରପୋଲିନ ଦିଆଯାଉଥିଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ତଳପଟେ ପାଣି ପଶି ଧାନ ଭିଜିଯାଉଥିବା ଚାଷୀ ପ୍ରକାଶ କରିଛନ୍ତି । ସେହିପରି ଖଳାରେ ଚାଷୀ ରଖିଥିବା ଧାନ ମଧ ଭିଜିଯାଉଥିବାବେଳେ କ୍ଷେତରେ ଥିବା ଧାନ ମଧ ବର୍ଷା ଯୋଗୁ ଶୋଇପଡି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ବର୍ତ୍ତମାନ ଜିଲାର ଚାଷୀ ପ୍ରାୟ ୬୦ ପ୍ରତିଶତ ଧାନ ଅମଳ କରିଥିବାବେଳେ ବର୍ଷା ଦାଉ ସାଧୁଥିବାରୁ ପ୍ରାୟ ୧୦ ପ୍ରତିଶତ ମଧ ଧାନ କ୍ରୟ ହୋଇ ନ ଥିବା ଜଣାପଡିଛି । ଜିଲାରେ ଗତ ୬ ଦିନରେ ୧୭୪୩ ଜଣ ଚାଷୀଙ୍କ ୧ ଲକ୍ଷ ୧୭ ହଜାର ୪ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି । ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଧାନ କିଣା ଟାର୍ଗେଟ ୨୦ ଲକ୍ଷ ୬୦ ହଜାର ରହିଛି । ସେହିପରି ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍ ?ଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିଛନ୍ତି । ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି । ଜିଲାର ୭୦ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ କରାଯାଇଛି । ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଧାନ କିଣା ପ୍ରଭାବିତ ହୋଇଛି । ବର୍ଷା ଛାଡିଲେ ଧାନ କିଣା ସାଭାବିକ ହେବ ବୋଲି କହିଥିଲେ ।

# ଅଦିନିଆ ବର୍ଷା ଉଜାଡ଼ିଲା ଧାନଫସଲ



ବରଗଡ଼ : ବରଗଡ଼ ଜିଲା ଚାଷୀଙ୍କ ଦୁଃଖ ସରୁନି । କେତେବେଳେ ରୋଗପୋକ ତ ଆଉକେବେ ଅଦିନିଆଁ ବର୍ଷା ଚାଷୀଙ୍କ ଧାନ ଫସଲକୁ ଉଜାଡ଼ି ଦେଉଛି । ବର୍ତ୍ତମାନ ଜିଲାରେ ଏଭଳି ସ୍ଥିତି ଉପୁଜିଛି । ଚାଷୀଙ୍କ ରବିଧାନ ଅମଳ ପ୍ରକ୍ରିୟା ଜୋର୍ ଧରିଥିବାବେଳେ ଅଦିନିଆଁ ବର୍ଷା ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି । କ୍ରମାଗତ ଭାବେ ଶନିବାର ଏବଂ ରବିବାର ଜିଲାରେ ହୋଇଥିବା ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଧାନ ଫସଲ ଉଜୁଡ଼ି ଯାଇଛି । ମୁଖ୍ୟତଃ ଏଥିରେ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପଟେ ସରକାରଙ୍କ ତୃଟୀପୂର୍ଣ୍ଣ ବ୍ୟବସ୍ଥା ଯୋଗୁ କ୍ଷତିପୂରଣ ସହାୟତା ମିଳିବା ଆଶା କ୍ଷୀଣ ରହିଛି । ଅନ୍ୟପଟେ ରବିବାର ଭଳି ସୋମବାର ସନ୍ଧ୍ୟାରୁ ମଧ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଏହା ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ଜିଲାରେ ମେ ମାସର ସାଭାବିକ ବୃଷ୍ଟିପାତ(ବର୍ଷା) ପରିମାଣ ୨୭.୧ ମି.ମି ରହିଛି । ମାତ୍ର ରବିବାର ହୋଇଥିବା ବର୍ଷା ବିଗତବର୍ଷ ଗୁଡ଼ିକର ରେକର୍ଡ଼ ଭାଙ୍ଗି ଦେଇଛି । ରବିବାର ଜିଲାର ବରପାଲି ବ୍ଲକରେ କେବଳ ୫୨ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ ହୋଇଛି । ସେହିପରି ବରଗଡ଼ରେ ୨୭.୪, ଅତାବିରାରେ ୨୫.୨, ଭଟଲିରେ ୧୦.୬, ପଦ୍ମପୁରରେ ୮, ସୋହେଲାରେ ୧ ଏବଂ ପାଇକମାଳରେ ୭ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ ହୋଇଛି । ଅନ୍ୟ ବ୍ଲକରେ ବର୍ଷାର ସେଭଳି ପ୍ରଭାବ ଦେଖାଯାଇ ନଥିଲା । ମାତ୍ର ଶନିବାର ଅମ୍ବାଭୋନା ବ୍ଲକରେ ୮, ବରଗଡ଼ରେ ୧.୮, ବରପାଲି ବ୍ଲକରେ ୧୨, ଭଟଲି ବ୍ଲକରେ ୧୯.୪, ଭେଡ଼େନରେ ୩.୨, ବିଜେପୁରରେ ୧୪, ଗାଇସିଲେଟ୍‌ରେ ୫.୨, ପଦ୍ମପୁରରେ ୨, ଏବଂ ପାଇକମାଳ ବ୍ଲକରେ ୨୨ମି.ମି ବୃଷ୍ଟିପାତ ରେକର୍ଡ଼ ହୋଇଛି । ଏହା ପୂର୍ବରୁ ଗତ ୪ତାରିଖ ଜିଲାର ସବୁ ବ୍ଲକରେ ବର୍ଷା ହୋଇଥିଲା । ଉକ୍ତ ଦିନ ଅମ୍ବାଭୋନାରେ ୧୭, ଅତାବିରାରେ ୧୩.୪, ବରଗଡ଼ରେ ୧୩.୬, ବରପାଲିରେ ୧୪, ଭଟଲିରେ ୮.୬, ଭେଡ଼େନରେ ୨୦.୩, ବିଜେପୁରରେ ୨୭, ଗାଇସିଲେଟରେ ୩୨.୨, ଝାରବନ୍ଧରେ ୧୧, ପଦ୍ମପୁରରେ ୫, ସୋହେଲାରେ ୧ ଏବଂ ପାଇକମାଳ ବ୍ଲକରେ ୧୧ମି.ମି ବୃଷ୍ଟିପାତ ରେକର୍ଡ ହୋଇଛି । ମେ ମାସରେ ଚାଷୀମାନେ ରବିଧାନ ଅମଳ କରୁଥିବାବେଳେ ଏହି ସମୟରେ ବର୍ଷା ଚାଷୀଙ୍କ ପାଇଁ ଚଡ଼କ ସଦୃଶ ହୋଇଛି । ଧାନ ଅମଳକ୍ଷମ ଅବସ୍ଥାକୁ ଆସିଥିବା ବେଳେ କରାମାଡ଼ ହୋଇଥିଲା । ଫଳରେ ଏହାର ପ୍ରଭାବରେ ଭଟଲି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଏବେ ଧାନ ଅମଳ ଚାଲିଥିବାବେଳେ ଅଦିନିଆଁ ବର୍ଷା ଚାଷୀଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି । ରବିବାର ହୋଇଥିବା ବର୍ଷାରେ ବରପାଲି ବ୍ଲକର ଲେଣ୍ଡା, କଦଲିପାଲି, ଅଇଁଠାପାଲି, ଧିରପୁର, କାଇଁଶିର, ବଡ଼ଗାଁ, ରେମତା ଆଦି ଅଞ୍ଚଳରେ କ୍ଷେତରେ ଅମଳ ଅପେକ୍ଷାରେ ରହିଥିବା ଧାନ ଏବଂ ଅମଳ ହୋଇ ଖଳାରେ ରହିଥିବା ଧାନ କ୍ଷତିଗ୍ରସ୍ତ ହୋଇଛି । ବର୍ଷାର ପ୍ରଭାବ ଏତେ ଥିଲା ଯେ, ଠିଆ ଧାନଗଛ ସବୁ ଜମିରେ ପଡ଼ି ବର୍ଷା ଘେରରେ ରହିଥିଲା । ସେହିପରି କ୍ଷେତ, ଖଳାରେ ରହିଥିବା ଅମଳ ଧାନ ମଧ ସେଭଳି ପ୍ରଭାବିତ ହୋଇଥିଲା । ଫସଲ ଆରମ୍ଭରୁ ଚାଷୀମାନେ ଫସଲବୀମା କରୁଛନ୍ତି । କିନ୍ତୁ ଏବେ ଏଭଳି ବ୍ୟାପକ କ୍ଷତି ହୋଇଥିଲେ ମଧ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ୍ ? ସବସିଡ଼ି କିମ୍ବା ବୀମା କ୍ଷତିପୂରଣ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି । ସରକାରୀ ବ୍ୟବସ୍ଥା ଅନୁଯାୟୀ, ଏପର୍ଯ୍ୟନ୍ତ ଅମଳ ଧାନ ଅର୍ଥାତ୍ ? ଚୂନଧାନରେ କ୍ଷତିପୂରଣ ବ୍ୟବସ୍ଥା ହୋଇ ନାହିଁ । ସେହିପରି ଠିଆ ଧାନ ୩୩ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହେଲେ ଯାଇ କ୍ଷତିପୂରଣ ବ୍ୟବସ୍ଥା ରହିଛି । ମାତ୍ର ହେକ୍ଟର ପ୍ରତି ଅମଳ ଧାନ ପରିମାଣ ସରକାରୀ ଭାବେ ବୃଦ୍ଧି କରାଯାଉ ନଥିବାରୁ ତାହା ମଧ କ୍ଷତିପୂରଣ ପାଇଁ ବାଧକ ସାଜୁଛି ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ପାଇଁ ଫସଲକ୍ଷତି ହେବାର ୭୨ଘଣ୍ଟା ମଧରେ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିବା ନିର୍ଦ୍ଦେଶ ରହିଛି । ଏହାର ୧୦ଦିନ ମଧରେ ସର୍ଭେ ରିପୋର୍ଟ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ତେବେ ଏଭଳି କଟକଣା ଯୋଗୁ ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀମାନେ ବୀମା କ୍ଷତିପୂରଣ ପାଇବା ନେଇ ମଧ ଆଶଙ୍କା ଦେଖାଯାଇଛି । ଏହାସତ୍ତ୍ୱେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସଂଯୁକ୍ତ କୃଷକ ସଂଗଠନ ଦୃଢ଼ ଦାବି କରିବ ବୋଲି ମହାପାତ୍ର କହିଛନ୍ତି । ରବିବାର ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ରଙ୍କ ସମେତ ସଙ୍ଗଠନର ସଦସ୍ୟ ସୁରେଶ ନେକାଣ୍ଡି, ବରପାଲି କୃଷକ ସଙ୍ଗଠନର ଟେକରାଜ ପ୍ରଧାନ, କାରଣ ସାହୁ ତପନ ମିଶ୍ର ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ ।

## ଏକଟାଗୁଡ଼ା ଅଞ୍ଚଳରୁ ଚୋରି

ଜୟପୁର: ଜୟପୁର ସଦର ଥାନା ଅନ୍ତର୍ଗତ ଏକଟାଗୁଡା ଶିରିଡିସାଇ ନଗର ଦ୍ୱିତୀୟ ଲାଇନରେ ଥିବା ଅତ୍ୟୁଲ କୁମାର ମଲ୍ଲିକଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତ୍ରପ୍ରାୟ ସାଢେ ୧୨ଟା ସମୟରେ ଅତ୍ୟୁଲ ମଲ୍ଲିକ ଓ ତାଙ୍କ ପରିବାର ଲୋକେ ଝିଲିମିଲିଗୁଡା ନିକଟସ୍ଥ ତାଙ୍କ ଚାଷ ଗାଁକୁ ତାଙ୍କ ଭାଇଙ୍କ ମୃତ୍ୟୁ ଖବର ପାଇ ଯାଇଥିଲେ । ରାତି ଦାହ କରି ଚାଲିଆସିବୁ ବୋଲି ଭାବି ଘରେ ତାଲା ପକାଇ ଯାଇଥିଲେ । ସକାଳ ୫ଟା ବେଳକୁ ଘରକୁ ଫେରିବା ସମୟରେ ଘର ତାଲା ଭାଙ୍ଗି ଦୁର୍ବୃତମାନେ ଆଲମିରାରେ ଥିବା ସୁନା ଗହଣା ଓ ଟଙ୍କା ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ । ତୁରନ୍ତ ସଦରଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତିକରି ସଦରପୁଲିସ ଏକ ମାମଲା ରୁଜୁ କରିବା ପରେ ସନ୍ଧ୍ୟାରେ ଏକ ସାଇଂଟିଫିକ ଟିମକୁ ଡକାଇଥିଲା । ସାଇଂଟିଫିକ ଯାଂଚ କରିବା ପରେ ଆଲମିରାର ଲକରକୁ ଯାଂଚ କରିବା ସମୟରେ ସମସ୍ତ ସୁନା ରୁପା ମିଳିଯାଇଥିଲା । କିନ୍ତୁ ଚୋରଦଳ କେବଳ ୩୦ ହଜାର ଟଙ୍କା ଓ ଶାଢୀ ଓ ସାର୍ଟ ଫେଂଟ ଚୋରି କରିଥିବା ଦେଖିବାକୁ ମିଳିଥିଲା । ଆଲମିରା ଲକର ଭିତରେ ସୁନା ରୁପା ରହିଥିବା ଯୋଗୁଁ ତାହା ଚୋରି ହେବାରୁ ବଂଚିତେ ହୋଇଯାଇଛି ବୋଲି ଘରମାଲିକ ଅତ୍ୟୁଲ ମଲ୍ଲିକ ପ୍ରକାଶ କରିଛନ୍ତି । ଏନେଇ ସଦରପୁଲିସ ଏକ ମାମଲା ରୁଜୁ କରିବା ସହ କେବଳ ୩୦ ହଜାର ଟଙ୍କା ଚୋରି ହୋଇଛି ବୋଲି ସଦରଥାନା ଅଧିକାରୀ ସଞ୍ଜିବ ପ୍ରଧାନ ପ୍ରକାଶ କରିଛନ୍ତି ।

# ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ସନ୍ଦେହରେ ୪ ଅଟକ

ମାଲକାନଗିରି: ସାରା ଦେଶରେ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ବାଂଲା ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡିତ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଥିବା ବେଳେ ବର୍ତମାନ ବଙ୍ଗଳାଦେଶି ଅନୁପ୍ରବେଶକାରୀଙ୍କ ଚିହ୍ନଟ କରାଯାଉଛି । ମାଲକାନଗିରି ଜିଲ୍ଲାରେ ମଧ ଆରମ୍ଭ ହୋଇଛି ଏହି ପ୍ରକ୍ରିୟା । ସରକାରୀ ଆକଳନରେ ୬୦୦ ରହିଥିବା ବେଳେ ପ୍ରକୃତରେ ଏହା ଠୁ ଢେର ଅଧିକ ରହିଛନ୍ତି । ଖବର ଅନୁଯାୟୀ, ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଏମଭି ୪ ଗାଁର ଏକ ଘରେ କିଛି ଅଜଣା ଲୋକେ ବେଶ୍ କିଛି ମାସ ଧରି ରହିଥିବା ବେଳେ ଏମାନେ ଅନେକ ଅସାମାଜିକ କାମରେ ଲିପ୍ତ ରହିଥିବା ଏବଂ ଭାରତୀୟ ନାଗରିକ ହୋଇନଥିବା ଗାଁ ଲୋକେ ସନ୍ଦେହ କରିଥିଲେ । ଏହି ଯୁବକ ମାନଙ୍କ ଠାରୁ ଗାଁ ଲୋକେ ଅସଲ ପରିଚୟ ମାଗିବାରୁ ଏମାନେ ବାରମ୍ବାର ନିଜର ବୟାନ ବଦଳାଇବା ସହିତ ସଠିକ ତଥ୍ୟ ପ୍ରଦାନ କରି ପାରିନଥିଲେ । ଏମାନେ ବଙ୍ଗଳାଦେଶି ଅନୁପ୍ରବେଶକାରୀ ହୋଇଥିବା ଆଶଙ୍କା କରି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ମାଲକାନଗିରି ଆଦର୍ଶ ଥାନା ପୋଲିସ ଗତକାଲି ବିଳମ୍ବିତ ରାତିରେ ଏମଭି-୪ ଗାଁ ରେ ପହଂଚି ଏହି ଯୁବକଙ୍କୁ ପଚରା ଉଚୁରା କରିବା ପରେ ଥାନାରେ ଆଣି ଅଟକ ରଖିଛନ୍ତି । ତଦନ୍ତ ପରେ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ କହିଛନ୍ତି ।

# ତେଜିଲା ମଦବିରୋଧୀ ଆନ୍ଦୋଳନ ଭାଟିରେ ତାଲାମାରିଲେ ବିଧାୟକ

କୋରାପୁଟ: କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ଭାବେ ମଦ ବନ୍ଦ ନେଇ ସୋମବାର ଆନ୍ଦୋଳନ କରାଯାଇଛି । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ନେତୃତ୍ୱରେ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍‌ରେ ଆନ୍ଦୋଳନ ହୋଇଛି । ସୋମବାର ବିଧାୟକ ସାଉଁନ୍ତା ୩ ବ୍ଲକର ବହୁ ବିହାରି ମଦ ଭାଟି ଓ ଦୋକନକୁ ଯାଇଥିଲେ । ସେଠାରେ ମଦ ପ୍ରସ୍ତୁତି ପାଇଁ ଥିବା ମହୁଲ ଓ ପୋଚକୁ ଦେଖି ଅସନ୍ତୋଷ ପ୍ରକାଶ କରି ଭାଟି ଓ ଦୋକନରେ ତାଲା ପକାଇ ଦେଇଥିଲେ । ମଦ ଯୋଗୁ ଲୋକଙ୍କ ଆର୍ଥିକ ସଙ୍କଟ, ଗଣ୍ଡଗୋଳ ଆଦି ବିଭିନ୍ନ ସମସ୍ୟା ଦେଖା ଦେଉଛି । ଅସ୍ୱାସ୍ଥ୍ୟକର ପରିବେଶ ଓ ବେଆଇନ ଭାବେ ପ୍ରସ୍ତୁତ ମଦ ପିଇ କେତେକ ଲୋକେ ପ୍ରାଣହାନୀ ହେଉଥିବା ଅଭିଯୋଗ ହୋଇଛି । ଲୋକଙ୍କ ଜୀବନର ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନେଇଥିବା ବିଧାୟକ କହିଛନ୍ତି । ଅଞ୍ଚଳରେ ଥିବା ବିହାରି ଭାଟିରେ ବେଆଇନ ଭାବେ ପ୍ରସ୍ତୁତ ମଦକୁ ଗାଁଗୁଡ଼ିକରେ ବିକ୍ରି କରି ବ୍ୟବସାୟୀ ଲାଭ ପାଉଛନ୍ତି । ଏହି ମଦକୁ ପିଇବାକୁ ଲୋକେ ଜମି ବନ୍ଧା ପକାଇବାକୁ ପଛାଉ ନ ଥିବା ଅଭିଯୋଗ କରି ବିଧାୟକ ପୂର୍ବରୁ ୩ଥର ରାଜ୍ୟ ଅବକାରୀ ବିଭାଗକୁ ଚିଠି କରିଥିଲେ । କିନ୍ତୁ ଏଯାଏ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହି ପଦକ୍ଷେପ ଆରମ୍ଭ କରିଥିବା ସେ କହିଛନ୍ତି । ବିଧାୟକଙ୍କ ସମର୍ଥନ କରି ସ୍ଥାନୀୟ ଗ୍ରାମବାସୀ ଏହି ମଦ ବିରୋଧ ଅଭିଯାନରେ ସାମିଲ ହୋଇଥିଲେ । ଏ ସମ୍ପର୍କରେ ଜିଲା ଅବକାରୀ ବିଭାଗର ନିରୀକ୍ଷକ ସୁଧିର ସାହୁଙ୍କ ପଚାରିବାରୁ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍ ବହୁ ବିହାରି ମଦ ଦୋକାନ ଓ ଭାଟିରେ ତାଲା ପଡିଥିବା କହିଛନ୍ତି ।

# ସାମ୍ବାଦିକ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସୁବର୍ଣ୍ଣପୁର: ବଲାଙ୍ଗିର ପୁଇଁତଳା ବ୍ଲକର କୁଲଥିପାଲି ଗାଁରେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ କଙ୍ଗାରୁକୋର୍ଟରେ ମାଡ଼ ମାରିବା ଘଟଣା । ମରଣାନ୍ତକ ଆକ୍ରମଣ ଓ ଗଣମାଧ୍ୟମର କଣ୍ଠରୋଧ ଭଳି ଏକ ସ୍ପର୍ଶକାତର ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ସୁବର୍ଣ୍ଣପୁରର କାର୍ଯ୍ୟରତ ସାମ୍ବାଦିକ । ଅଭିଯୁକ୍ତ ଠିକାଦାର ଓ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୋମବାର ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ଗଣତନ୍ତ୍ର ଓ ଦେଶର ସୁରକ୍ଷା ପାଇଁ ସାମ୍ବାଦିକଙ୍କୁ ସାଧୀନ ଓ ନିର୍ଭୀକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ମନରଞ୍ଜନ ତ୍ରିପାଠୀ, ମୃତ୍ୟୁଞ୍ଜୟ ସତପଥୀ, ପିତାମ୍ବର ମହାପାତ୍ର, ରାଜକିଶୋର ତ୍ରିପାଠୀ, ସଞ୍ଜୟ ସାହୁ, ସତ୍ୟବ୍ରତ ପ୍ରଧାନ, ସହଦେ୍ୱ ମେହେର, ବିବେକାନନ୍ଦ ମିଶ୍ର, ସୁବାସ ପଣ୍ଡା, ମହାଦେବ ମଲ୍ଲିକ ପ୍ରମୁଖଙ୍କ ଅନ୍ୟାନ୍ୟ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ ଏହି ଦାବିପତ୍ର ଦେଇଛନ୍ତି ।

# କୁଚିଣ୍ଡାରେ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର, (ହି.ସ.) - ଅପରେସନ ସିନ୍ଦୂର ରେ ଭାରତୀୟ ସୈନିକଙ୍କ ଦକ୍ଷତା ଓ ସାହସର ପରାକାଷ୍ଠା ପ୍ରଦର୍ଶିତ ହେବା ପରେ, ଦେଶର ସର୍ବଭୌମତ୍ୱ ଓ ଅନ୍ତରୀଣ ସୁରକ୍ଷା ପ୍ରତି ତାଙ୍କର ଅଦମ୍ୟ ଯତ୍ନ ଉପଲକ୍ଷେ କୁଚିଣ୍ଡା ସହରରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ପ୍ରାୟ ୨୫ ଶହ ରୁ ଅଧିକ ଜନସାଧାରଣ ତଥା ଅନ୍ୟାନ୍ୟ ସାମାଜିକ ସଂଗଠନ ଏହି ଅଭିଯାନରେ ଯୋଗଦେଇଛନ୍ତି । ଏହି ଅବସରରେ ଜନମାନସ ତ୍ରିରଙ୍ଗା ଧ୍ୱଜ ହାତରେ ଧରି 'ଭାରତ ମାତା କି ଜୟ', 'ଜୟ ଯବାନ', 'ଜୟ କିସାନ' ଇତ୍ୟାଦି ନାରା ଦେଇ ସମଗ୍ର ସହରକୁ ପ୍ରକମ୍ପିତ କରିଥିଲେ । ଏହି ଶୋଭାଯାତ୍ରା ମାଧ୍ୟମରେ ସମସ୍ତେ ଭାରତୀୟ ସୈନିକଙ୍କ ସାହସ ଓ ତ୍ୟାଗକୁ ସମ୍ମାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ ଉନ୍ନୟନ, ପଂଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଅଗ୍ରଣୀ ଭୂମିକା ନିଭାଇଥିଲେ । ତାଙ୍କ ସହ ସୁଶିଲ କୁମାର କର, ବିଭୂତି କଲ୍ୟାଣ ପଟେଲ, ମନୋଜ ମାଝୀ, ନିରୋଜ ସାହୁ, ଚୂଡ଼ାମଣି ମାକର, ରାଜକୁମାର ରକ୍ସା, ପ୍ରମବନ୍ଧୁ ନାଥ, ସଇଲେନ୍ଦ୍ର ନାୟକ ଓ ଅନ୍ୟାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ମାଧ୍ୟମରେ କାଶ୍ମୀରର ପାହାଲଗାଁ ଠାରେ ଆତଙ୍କବାଦୀ ଦ୍ୱାରା ନାମ ଓ ଧର୍ମ ପଚାରି ହତ୍ୟା କରାଯାଇଥିବା ଦୁଃଖଦ ଘଟଣା ପ୍ରତି ଭାରତୀୟ ସୈନିକଙ୍କ ଦ୍ୱାରା ଦିଆଯାଇଥିବା ଉଚିତ ଶିକ୍ଷାକୁ ସମ୍ମାନ ଜଣାଇଛନ୍ତି । ଏହି ଅଭିଯାନ ଦେଶର ସାଭିମାନ, ସୁରକ୍ଷା ଓ ଏକତା ପ୍ରତି ଏକ ଦୃଢ଼ ସନ୍ଦେଶ ଦେଇଛି ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଧନକୌଡା ବ୍ଲକ କରଡୋଳା ପଂଚାୟତ ପୂର୍ବତନ ସରପଂଚ ରବିନାରାୟଣ ନାୟକଙ୍କ ୬୯ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବାପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି କ୍ଷ ସୂଚନା ଅନୁସାରେ ସେ କିଛିଦିନ ହେଲା ବିଭିନ୍ନ ରୋଗରେ ପୀଡିତ ହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ବରଣ କରିଥିଲେ । ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ପୁଅ, ବହୁ,ନାତି, ନାତୁଣୀ ତଥା ସମସ୍ତ ଭାଇ ସମେତ ପରିବାର ବର୍ଗ, ବନ୍ଧୁ ପରିଜନ ସହ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ନିକଟସ୍ଥ ମହାନଦୀ ଶ୍ମଶାନ ଘାଟରେ ହୋଇଥିବାବେଳେ, ବଡ଼ ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ । ପ୍ରକାଶ ଥାଉକି ସ୍ୱର୍ଗତ ନାୟକ ଜଣେ ସରଳ ମିଷ୍ଟଭାସି, ମେଳାପୀ ବ୍ୟକ୍ତି ଥିବାବେଳେ ତାଙ୍କରି ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

# ବାଉଁଶରା ଗ୍ରାମରେ ଶୈକ୍ଷିକ କର୍ମଶାଳା

ସମ୍ବଲପୁର: ବରଗାଁ ନିକଟସ୍ଥ ବଉଁଶରା ଗ୍ରାମର ଆଠ ଜଣ ବାପଛେଉଣ୍ଡ ଝିଅ ମାନଙ୍କ ଶିକ୍ଷା ତଥା ସାମଗ୍ରିକ ବିକାଶ ନିମନ୍ତେ ଏକ ପ୍ରୟାସ ଆରମ୍ଭ କରିବା ପାଇଁ ସ୍ଥାନୀୟ କଲ୍ୟାଣ ଆଶ୍ରମ ପ୍ରାଙ୍ଗଣରେ ଏକ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅସହାୟ ଶିଶୁ ଓ ସେମାନଙ୍କ ମା ମାନଙ୍କୁ ନେଇ ଅନୁଷ୍ଠିତ ଏହି କର୍ମଶାଳା ରେ ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ରକୁମାର ପଣ୍ଡା ଉକ୍ତ ଝିଅ ମାନଙ୍କୁ ତଥା ସେମାନଙ୍କ ମା ମାନଙ୍କୁ ନୈତିକ ମୂଲ୍ୟବୋଧ ର ବିକାଶ ଓ ଦୈନନ୍ଦିନୀ ଜୀବନ ଶୈଳୀ ଉପରେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ । ଏହି ସଭାରେ ଶିକ୍ଷାବିତ ପ୍ରୋ.ସଚିନ୍ଦ୍ର କୁମାର ମିଶ୍ର, ଇଂ ବିଭୁତି ନାରାୟଣ ମାଝୀ, ଇଂ ଅଭେଦ ପାଣିଗ୍ରାହୀ, ସୁଧୀର ପଣ୍ଡା, ସୂର୍ଯ୍ୟ ପଣ୍ଡା, ଅଶୋକ ପୋଢ଼ ତଥା ଗ୍ରାମର ଅନେକ ଗଣ୍ୟ ମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଅସହାୟ ପିଲାଙ୍କ ପାଠପଢା,ପାଠ୍ୟଉପକରଣ, ପୋଷାକ ଓ ସାସ୍ଥ୍ୟ ବିକାଶ ସହ ନୈତିକ,ଆଧ୍ୟାତ୍ମିକ ଓ ଗୁଣାତ୍ମକ ଶିକ୍ଷା ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେବ ବୋଲି ଉଦ୍ୟୋକ୍ତା ମାନେ ସୂଚନା ଦେଇଛନ୍ତି । ଉପସ୍ଥିତ ବ୍ୟକ୍ତି ମାନେ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଗାମୀ ଦିନରେ ଅଧିକ ଅନାଥ ଶିଶୁଙ୍କୁ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କୁ ସୁନାଗରିକ ଭାବେ ପ୍ରସ୍ତୁତ କରିବାର ଲକ୍ଷ୍ୟ ରହିଛି । ସମ୍ଭବତଃ ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଏହି ଶୈକ୍ଷିକ କର୍ମଶାଳା ନିୟମିତ ଭାବରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତି କରା ଯାଇଛି । ଶେଷରେ ପ୍ରାର୍ଥନା ଓ ପ୍ରସାଦ ସେବନ ପରେ ଆଜିର କର୍ମଶାଳା ଶେଷ ହୋଇଥିଲା ।

# ହାପି ମୋମେଣ୍ଟ୍ସ ଇଣ୍ଡିଆର ୧୩ତମ ପ୍ରତିଷ୍ଠା ଦିବସ ପାଳିତ




ରାଉରକେଲା(ପିପିଏସ୍) : ରାଉରକେଲା ର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ପକ୍ଷରୁ ୧୩ ତମ ପ୍ରତିଷ୍ଠା ଦିବସ, ଆଲୋଚନାଚକ୍ର ଓ ପ୍ରତିଭା ସମ୍ମାନ ସମାରୋହ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଙ୍କ ଆବାହକତ୍ୱ ଓ ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ସତନ୍ତ୍ର ଅତିଥି ଭାବେ ତାମିଲନାଡୁ ତିରୁବନ୍ତପୂରମ ବେଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ ହରିହର କାନୁନଗୋ, ରାଉରକେଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ଦାର୍ଶନିକ ପ୍ରଫେସର ନୀଳକଣ୍ଠ ରାଉତ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ରାଜ୍ୟ ସଭାପତି ଶଶଧର ପଣ୍ଡା ,ସମାଜସେବୀ ସକୀଲ ରହମାନ, ଡ଼ଃ ଅଭୟ ମହାରଣା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବର୍ଷ ତମାମ କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ହୋଇପାରିଛି ବୋଲି ମତ ରଖିଥିଲେ । ଡ କାନୁନଗୋ ତାଙ୍କ ବକ୍ତବ୍ୟରେ କହିଲେ ଯେ ସମ୍ପର୍କ, ସାହାଯ୍ୟ,ସେବା, ସଂସ୍କାର ଓ ସମର୍ପଣ ଅନୁଷ୍ଠାନରେ ପରିଲକ୍ଷିତ ହେଉଥିବାରୁ ହାପି ମୋମେଣ୍ଟସ କୁ ସତନ୍ତ୍ର ପରିଚୟ ଦେବାରେ ସମର୍ଥ ହୋଇଛି । ସେହିପରି ଭାଷା ହେଉଛି ଅନ୍ତରର କଥା । ଭାରତୀୟ ସଂସ୍କୃତି ହେଉଛି ଆଧ୍ୟାତ୍ମିକ ଚେତନାର ସଂସ୍କୃତି । ପ୍ରଫେସର ରାଉତ ଓ ଶ୍ରୀ ପଣ୍ଡା ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଭାଷା ହିଁ ସମାଜକୁ ପରିବର୍ତ୍ତନ କରିପାରିବ । ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା ହିଁ ମୂଳ ଶକ୍ତି । ଅତିଥି ଶ୍ରୀ ରାଉତ ହାପି ମୋମେଣ୍ଟସ ର ୧୩ ବର୍ଷର ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପ୍ରତିଶ୍ରୁତି ବଦ୍ଧତା କୁ ପ୍ରଶଂସା କରିଥିଲେ । ମୁଖ୍ୟଅତିଥି ଶ୍ରୀ ଜେନା ସେବା କରିବା ପାଇଁ ମାନସିକତା ଓ ଖୁସି ବାଣ୍ଟିବା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ୭ ଜଣଙ୍କୁ ପ୍ରତିଭା ସମ୍ମାନ, ୧୨ ଜଣଙ୍କୁ ବିବେକାନନ୍ଦ ସ୍ମୃତି ସମ୍ମାନ ଓ ଅନ୍ୟାନ୍ୟ ସମ୍ମାନ ରେ ସୁଚିତ୍ରା ଦର୍ଜି,ଡିମ୍ପଲ ସାହୁ ଙ୍କ ସମେତ ସମୁଦାୟ ୧୨୨ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସାଇରତ୍ନପର୍ଣ୍ଣା ପରିଡ଼ା ଏକ ସୁନ୍ଦର ସଂଗୀତ ପରିବେଷଣ କରିଥିବା ବେଳେ ପ୍ରାରମ୍ଭରେ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ ମନ୍ତ୍ରୋଚ୍ଚାରଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପରିଚାଳନାରେ ହୃଦାନନ୍ଦ ସାମ୍ଲ, କାଦମ୍ବିନୀ ମହାନ୍ତି ଓ ସ୍ୱର୍ଣ୍ଣମୟୀ ବେହେରା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଅଧକ୍ଷ ଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହଜରେ ଉପାର୍ଜନ ଲୋଭ, ଠକେଇ ଜାଲରେ ଯୁବପିଢ଼ି



**ଭୁବନେଶ୍ୱର (ପିପିଏସ୍):** ସହଜରେ ଉପାର୍ଜନର ଲୋଭ ଯୋଗୁଁ ଠକେଇର ଶିକାର ହେଉଛନ୍ତି ଆଜିର ଯୁବପିଢ଼ି। ଏଭଳି ଠକେଇ ବିଶେଷକରି ରାଜଧାନୀ ସମେତ ବଡ଼ ବଡ଼ ସହରରେ ଅଧିକାଂଶ ଦେଖିବାକୁ ମିଳୁଛି। ଟ୍ରେଡିଂ ଏବଂ ଅନଲାଇନ୍ କାରବାର କରୁଥିବା ଉଚ୍ଚଶିକ୍ଷିତଙ୍କୁ ନିଜ ଜାଲରେ ଫସାଉଛନ୍ତି ଠକ। କମ୍ ସମୟରେ ଅଧିକ ରିଟର୍ଣ୍ଣ ପାଇବାର ଲୋଭନୀୟ ପ୍ରତିଶ୍ରୁତି ଦେଇ ସେମାନେ କୋଟି କୋଟି ଟଙ୍କାର ଚୂନ ଲଗାଉଛନ୍ତି। ଏହିଭଳି ଗତ ୩ ବର୍ଷରେ ପ୍ରାୟ ୧୨୫ କୋଟି ଟଙ୍କା ଲୁଟି ନେଇଛନ୍ତି ସାଇବର୍ ଠକ। ଏଣେ ପୁଲିସ ସାଇବର୍ ଠକେଇ ନେଇ ୬ ହଜାରରୁ ଅଧିକ ମାମଲା ରୁଜୁ କରିବା ସହ ୧୩ ଶହ ୮ ଜଣଙ୍କୁ ଗିରଫ କରିଛି। ସାଇବର୍ ଠକ ଗତ ୩ ବର୍ଷରେ ୧୨୫ କୋଟି ଟଙ୍କା ଠକି ନେଇଥିବା ସରକାରୀ ଭାବେ ଜଣାପଡ଼ିଛି। ଏ ନେଇ ରାଜ୍ୟର ବିଭିନ୍ନ ଥାନାରେ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୮ ଜଣଙ୍କୁ ଗିରଫ କରିଛି ପୋଲିସ୍। କେବଳ ଶିକ୍ଷିତ ନୁହେଁ, ବ୍ୟବସାୟୀ, ଇଞ୍ଜିନିୟର, ସଫ୍ଟୱେର ଇଞ୍ଜିନିୟର ଆଦିଙ୍କୁ ସାଇବର ଠକ ଟାର୍ଗେଟ କରୁଛନ୍ତି। ରାଜେଶ ଦାସ, ପେସାରେ ଇଞ୍ଜିନିୟର। ଅନଲାଇନ୍ ପେମେଣ୍ଟ ଠାରୁ ଆରମ୍ଭ କରି ଡିଜାଇନ୍ ସବୁ କିଛି ଲାପଟପରେ ହିଁ କରନ୍ତି। ହେଲେ ଏତେ ଡିଜିଟାଲ ଜ୍ଞାନ ଥାଇ ବି ସେ ପଡ଼ିଗଲେ ସାଇବର ଲୁଟେରାଙ୍କ ଜାଲରେ। ଆଖି ପିଛୁଳାକେ ତାଙ୍କ ଆକାଉଣ୍ଟରୁ ଉଡ଼ିଗଲା ୩୦ ହଜାର ଟଙ୍କା। କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିଛନ୍ତି ବିଶ୍ୱଜିତ ମହନ୍ତ। ୨ ବର୍ଷ ତଳେ ସେ ଏକ ଡିଜିଟାଲ ସାଇଟରୁ ଋଣ ଆଣିଥିଲେ। ତାକୁ ସୁଝି ଦେଇଛନ୍ତି ମଧ୍ୟ। ହେଲେ ସାଇବର ଲୁଟେରା ତାଙ୍କୁ ଏବେ ପୁଣି ଟଙ୍କା ମାଗିବା ସହ ତାଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଦେବାର ଧମକ ଦେଉଛି। ଅକଲ ଗୁଡୁମ୍ ହେବା ପରେ ବିଶ୍ୱଜିତ ଏବେ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରତ୍ୟେକ ଦିନ ଏଭଳି ଶହ ଶହ ଉଚ୍ଚଶିକ୍ଷିତ ଆଉ ଡିଜିଟାଲ୍ ୱାର୍ଲଡ୍‌କୁ ବୁଝୁଥିବା ଲୋକ ବି ସାଇବର୍ ଲୁଟେରାଙ୍କ ଶିକାର ହେଉଛନ୍ତି। କିଛି ମାସ ତଳେ ଜଣେ ପୂର୍ବତନ ମନ୍ତ୍ରୀ ସେୟାର ମାର୍କେଟରେ ଇନଭେଷ୍ଟ ନାଁରେ ସାଇବର୍ ଲୁଟେରାଙ୍କ ଶିକାର ହୋଇଥିଲେ। କ୍ରାଇମବ୍ରାଞ୍ଚ ସାଇବର ସେଲର ସୂଚନା ଅନୁସାରେ ଏବେ ସାଇବର ଠକମାନେ ଟ୍ରେଡିଂ, ଟୁରିଜିମ୍ ଓ ଡିଜିଟାଲ୍ ମାର୍କେଟିଂ ଆଦି ସାଇଟ୍ ରେ ଜାଲ ବିଛାଇ ବସିଛନ୍ତି। ଯେଉଁମାନେ ସେୟାର ମାର୍କେଟରେ ଇନଭେଷ୍ଟ କରୁଛନ୍ତି ସେମାନଙ୍କୁ କରୁଛନ୍ତି ଟାର୍ଗେଟ୍। କମ୍ ସମୟରେ ଅଧିକ ଟଙ୍କା ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସବୁ ଅର୍ଥ ହଡପ କରି ନେଉଛନ୍ତି। ଗତ ୨୩ ତାରିଖରେ ଏହିଭଳି ଏକ ମାମଲାର ପର୍ଦ୍ଦାଫାସ କରିଥିଲେ କ୍ରାଇମବ୍ରାଞ୍ଚ ଡିଜି। ଭୁବନେଶ୍ୱରର ଜଣେ ବ୍ୟକ୍ତି ଅନଲାଇନ ଟ୍ରେଡିଂ କରୁଥିବା ବେଳେ ସାଇବର ଲୁଟେରାଙ୍କ ଜାଲରେ ପଡିଯାଇଥିଲେ। ଓଡଙ୍ଗ ଓ ଙଞଉରେ ଅଧିକ ରିଟର୍ଣ୍ଣ ଦେବାକୁ କହି ଏକ କୋଟି ୫୫ ଲକ୍ଷ ଟଙ୍କା ଲୁଟି ନେଇଯାଇଥିଲେ। ଏହି ମାମଲାରେ ପୁଲିସ ଭୋପାଳରୁ ଦୁଇ ଜଣଙ୍କୁ ଗିରଫ କରିଛି। ଅନଲାଇନ ଟ୍ରେଡିଂ ନାଁରେ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାମବ୍ରାଞ୍ଚ ୩୩ ଜଣଙ୍କୁ ରାଜ୍ୟ ବାହାରୁ ଗିରଫ କରି କୋର୍ଟ ଚାଲାଣ କରିସାରିଲାଣି। ଆଇଓସିଏଲ୍ ନାଁ ରେ ମଧ୍ୟ ମାତିଛନ୍ତି ସାଇବର ଠକ। ପେଟ୍ରୋଲ ପମ୍ପ କରାଇ ଦେବା ନାଁରେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ବିହାରର ସତୀଶ କୁମାର ନାମକ ଜଣେ ଠକକୁ ଗିରଫ କରିଛି କମିଶନରେଟ୍ ପୁଲିସ।

## ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟନ ଘଟଣା ନେଇ ମାମଲା ରୁଜୁ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ଟିଟିଏସ୍‌ର ଅଳିଆ ତାତି ଉଷ୍ମ ହେବାରେ ଲାଗିଛି। ଭୁବନେଶ୍ୱର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ ନେତୃବୃନ୍ଦ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଏହିକ୍ରମରେ ରବିବାର ୫ଶହରୁ ଊର୍ଦ୍ଧ୍ୱ ଲୋକ ଏକାଠି ହେଇ ପଳାଶୁଣିସ୍ଥିତ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଦେଲେ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ସରକାରଙ୍କୁ ଦାବିକଲେ। ଏହାର ଗୋଟିଏ ଦିନ ପରେ ବିଏମ୍‌ସି ପକ୍ଷରୁ ମଞ୍ଚେଶ୍ୱର ଥାନରେ ସେମାନଙ୍କ ବିରୋଧରେ ଏତଲା ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ ପରିଷଦ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଲୋକେ ଅନଧିକାର ପ୍ରବେଶ, କାର୍ଯ୍ୟକୁ ବାଧା ପହଞ୍ଚାଇବା, ମୂଲ୍ୟବାନ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ କରି ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ଲାଣ୍ଟ ଚାଲୁ ନ କଲେ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର କର୍ମକର୍ତ୍ତାଙ୍କ ପକ୍ଷରୁ ବୁଧବାର ଠାରୁ ଅଳିଆ ବନ୍ଦ କରାଯିବ। ବିଏମ୍‌ସିର ସମସ୍ତ କାର୍ଯ୍ୟର ସୋସିଆଲ ଅଡ଼ିଟ୍ ଆରମ୍ଭ ହେବ ବୋଲି ଅଭିଯାନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ବିଏମ୍‌ସି ସୂଚନା ମୁତାବକ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ପଳାଶୁଣିସ୍ଥିତ ନବ ନିର୍ମିତ ସମନ୍ୱିତ ବର୍ଜ୍ୟ ପରିଚାଳନା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଆସୁଥିବା ବେଳେ ଏଠାରେ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ କିଛି ଅଜଣା ବ୍ୟକ୍ତି ବେଆଇନ ଭାବେ ଜୋର ଜବରଦସ୍ତ ଅନୁପ୍ରବେଶ କରି ହିଂସାତ୍ମକ କାର୍ଯ୍ୟକଳାପ ପ୍ରଦର୍ଶନ କରିଛନ୍ତି। ବିନା ଅନୁମତିରେ ପ୍ରବେଶ, ପୂର୍ବକ ସେଠାରେ ଚାଲୁ ରହିଥିବା କାର୍ଯ୍ୟକୁ ବାଧା ପହଞ୍ଚାଇବା, ମୂଲ୍ୟବାନ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ କରାଯାଇଛି। ଏଭଳି କାର୍ଯ୍ୟକଳାପ କୁଆଡେ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଘଟଣା ସମୟର ଭିଡିଓ ଚିତ୍ର ଓ ଗଣମାଧ୍ୟରେ ପ୍ରକାଶ ପାଇଥିବା ଖବରର ନକଲ ପୁଲିସକୁ ପ୍ରଦାନ କରାଯାଇଅଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ୧୦ ଗୀତିକାରଙ୍କୁ 'ଭିକାରୀ ବଳ ସମ୍ମାନ' ପ୍ରଦାନ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ତଥା ଭିକାରୀ ବଳ ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷ ପାଇଁ ୧୦ ଜଣ ଗୀତିକାରଙ୍କୁ 'ଭିକାରୀ ବଳ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ଗୀତିକାର ଶୀର୍ଷାନନ୍ଦ ଦାସ କାନୁନଗୋ, ଡ. ପ୍ରସନ୍ନ ସାମଲ, ରାଧାନାଥ ଦାସ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀକାନ୍ତ ଗୌତମ, ଲେଖକ ଗୌର ପଟ୍ଟନାୟକ, ମାଳତୀଲତା ପ୍ରଧାନ, ଓଡ଼ିଶୀ ସଙ୍ଗୀତ ଗୁରୁ ଓ ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ବୈଦ୍ୟନାଥ ଖୁଲାରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ବାବୁ ସିଂ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡା. ଚନ୍ଦ୍ରଶେଖର ହୋତା, ମର୍ଦ୍ଦଳ ବାଦକ ଅଧ୍ୟାପକ ନିରଞ୍ଜନ ପାତ୍ର, ତବଲା ବାଦକ ଶରତଚନ୍ଦ୍ର ପାଣି ଏବଂ ମର୍ଦ୍ଦଳ ବାଦକ ତଥା ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ। ପରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଅନୁଷ୍ଠାନର ନୃତ୍ୟ ଓ ସଂଗୀତ ଶୀଳ୍ପିମାନେ ଭିକାରୀ ବଳଙ୍କ ଗୀତରେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେସନର ସଭାପତି ଅଶୋକ ବଳ ଧନ୍ୟବାଦ ଦେଇଥିଲେ।

## ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ



**ଭୁବନେଶ୍ୱର (ପିପିଏସ୍):** ଯୁବପିଢ଼ି ସଡ଼କ ସୁରକ୍ଷା ନେଇ ସଚେତନ ହୁଅନ୍ତୁ। ନିୟମ ମାନି ଚଳିଲେ ଦୁର୍ଘଟଣା ରୋକି ହେବ ବୋଲି ରୋଟାରୀ ଭବନରେ ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ ଅବସରରେ ଦ୍ରବ୍ୟ ଓ ସେବା କର ଅତିରିକ୍ତ ଆୟୁକ୍ତ କାନନବାଳା ନାୟକ ଏହା କହିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଅମିୟବାଳା ପରିଡ଼ାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ କୁମାର ବେହେରା, ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୁର ଭାଇବ୍ରେସନ ପ୍ରତିଷ୍ଠାତା ଡ. ଜୟଶ୍ରୀ ଧଳ ସଙ୍ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଦଶମ ପାସ କରିଥିବା ୨୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଗିରିଜା ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅଭିନେତ୍ରୀ ଶ୍ୱେତା ସାହୁ, ଅଭିନେତା ତୁଫାନ ସ୍ୱାଇଁ ଛାତ୍ର, ଛାତ୍ରୀଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ। ବର ହୋଇଥିଲେ ବି ବିବାହ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସକୁ ବାଟ କଢ଼ାଇ ଦେଇଥିବା ସାମ୍ବାଦିକ ସମ୍ବିତ କୁମାର ବେହେରାଙ୍କୁ 'ଗିରିଜା ଦେବଦୂତ ସମ୍ମାନ', ପ୍ରେମାନନ୍ଦ ମଲ୍ଲିକଙ୍କୁ 'ପ୍ରେରଣା ସମ୍ମାନ', ସାମ୍ବାଦିକ କପିଳେନ୍ଦ୍ର ପ୍ରଧାନ, ସୁମନ୍ତ ସୁନ୍ଦରାୟ, ଅନୀଲ ବୈଶାଖ, ଅନୁରାଧା ମହାରଣା ପ୍ରଦାନ କରାଯାଇଥିଲା।

## ରୋବୋଟ ୱାଟର ସ୍ପ୍ରେ'ରେ ଆୟତ୍ତ ହେଲା ଗଦି ଫ୍ୟାକ୍ଟ୍ରି ନିଆଁ



**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଟି.କେ ଫୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ରେ ଅଗ୍ନିକାଣ୍ଡରେ ବ୍ୟବହାର ହୋଇଛି ରୋବୋଟ୍ ୱାଟର୍ ସ୍ପ୍ରେ। ନିଆଁ ଲାଗିବା ପରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପ୍ରଥମେ ମଞ୍ଚେଶ୍ୱର ଅଗ୍ନିଶମ ବାହିନୀ ପହଞ୍ଚି ଥିଲେ କିନ୍ତୁ ନିଆଁର ଭୟାବହତା ଦେଖି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ସେକ୍ରେଟାରିଏଟ, କଟକ, ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଓ ଷ୍ଟ୍ରାଇକିଂ ଫୋର୍ସ ମଧ୍ୟ ପହଞ୍ଚିଥିଲା। ତଥାପି ନିଆଁ ଲିଭାଇବା ଅଗ୍ନିଶମ ବାହିନୀକୁ କାଠିକର ପାଠ ହୋଇଥିଲା। ଶେଷରେ ସ୍ଥିତି ନିୟନ୍ତ୍ରଣ ପାଇଁ ଷ୍ଟ୍ରାଇକିଂ ଫୋର୍ସ ରୋବୋଟିକ୍ ମନିଟର୍ ଭିତରକୁ ପଠା ଯାଇଥିଲା। ରୋବୋଟ ଦ୍ୱାରା ୱାଟର ସ୍ପ୍ରେ ପରେ ନିଆଁକୁ ସମ୍ପୂର୍ଣ୍ଣ ଲିଭା ଯାଇପାରିଥିଲା। ଆଉ ରାତି ୧୨ରୁ ସକାଳ ୬ଟା ପର୍ଯ୍ୟନ୍ତ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ସେପଟେ ସୁରକ୍ଷା ଦୃଷ୍ଟିରୁ ମଞ୍ଚେଶ୍ୱର ଥାନାର ଚାରୋଟି ପୁଲିସ ଗାଡ଼ି ଓ ଫୋର୍ସ ସହ ପୁଲିସ କର୍ମଚାରୀ ଇଣ୍ଡଷ୍ଟ୍ରି ଚାରିପଟକୁ ଜଗି ରହିଥିଲେ। ଏ ନେଇ କାରଖାନା ମାଲିକଙ୍କ କହିବା ଅନୁଯାୟୀ ଏହା ସର୍ଟସର୍କିଟ ଯୋଗୁଁ ହୋଇଛି ଏବଂ ଏଥିରେ ପାଖାପାଖି ୧୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରାତିରେ ନିଆଁ ଲାଗିବାବେଳେ କମ୍ପାନୀ ଆଉଟ୍ ହାଉସରେ ଥିବା କର୍ମଚାରୀ ଶୋଇ ପଡ଼ିଥିଲେ ଯାହା ପାଇଁ ନିଆଁ ସମଗ୍ର ୟୁନିଟକୁ ବ୍ୟାପିଯାଇଥିଲା। ନିଆଁର ପ୍ରକୋପରେ କାରଖାନାର ଚାରିପଟ କାନ୍ଥ ଫାଟି ଯାଇଛି। ଗଦି ଓ ଗଦି ତିଆରି ସରଞ୍ଜାମ ସହ ମେସିନ ମଧ୍ୟ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସେପଟେ ଏହି ଘଟଣାର ତଦନ୍ତ କରାଯାଉଥିବାବେଳେ କାରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଜଣାପଡ଼ିଛି।

## ଶିଶୁ ଶ୍ରମିକ ଉଦ୍ଧାର ଘଟଣାରେ ମାମଲା ରୁଜୁ

**ଭୁବନେଶ୍ୱର (ପିପିଏସ୍):** ନିର୍ମାଣାଧୀନ ସାଇଡରୁ ଶିଶୁ ଶ୍ରମିକ ଉଦ୍ଧାର ଘଟଣା ଆଉ ପାଦେ ଆଗେଇଛି। ଶ୍ରମିକ ଚ଼ାଲାଣରେ ସଂପୃକ୍ତ ଜଣେ କର୍ମଚ଼ାରୀ ଓ ଦୁଇ ଠିକାଦାରଙ୍କ ନାମରେ ଏତଲା ଦିଆଯାଇଛି। ରୁଚ଼ିକା ସମାଜ ମଙ୍ଗଳ ସଂଗଠନର ହରପ୍ରିୟା ପତିଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଫର୍ଚୁନ ଟାୱାର ନିକଟସ୍ଥ ଭିଜନ୍ ଗ୍ରୁପ ଅଫ୍ କନଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଏକ ପ୍ରକଳ୍ପ କାମ ଚ଼ାଲିଛି। ସେଠାରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବରପାଇ ଦିନ ରୁଚ଼ିକା ସମାଜ ମଙ୍ଗଳ ସଂଗଠନ ଓ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ନିର୍ମାଣ କାମ କରୁଥିବା ଜଣେ ନାବାଳିକା ଓ ୨ ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲା। କମ୍ପାନୀର କର୍ମଚ଼ାରୀ ସମୀମ୍ ଚ଼ାଟାର୍ଜୀ ଢେଙ୍କାନାଳ ଅଞ୍ଚଳରୁ ନାବାଳିକାଙ୍କୁ ଆଣି ଏଠାରେ କାମ କରାଉଥିବା ଜଣାପଡ଼ିଥିଲା। ସେହିପରି ଠିକାଦାର ଗୁଡ୍ଡୁ ଅନସାରୀ ୧୬ ବର୍ଷର ନାବାଳକଙ୍କୁ ଉତ୍ତରପ୍ରଦେଶରୁ ଆଣିଥିବା ବେଳେ ଠିକାଦାର ଶେଖ୍ ରବି ମୁର୍ଶିଦାବାଦ ଅଞ୍ଚଳରୁ ୧୪ ବର୍ଷୀୟ ନାବାଳକକୁ ଆଣି ନିର୍ମାଣ କାମରେ ନିୟୋଜିତ କରିଥିଲା। ସମସ୍ତ ଶିଶୁ ଶ୍ରମିକଙ୍କୁ ପ୍ରତିଦିନ ୧୦ ଘଣ୍ଟା ଲେଖାଏଁ କାମ କରୁଥିଲେ। ରୁଚ଼ିକା ଚ଼ାଇଲ୍ଡ ଲାଇନର ସଦସ୍ୟା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଭୁବନେଶ୍ୱରସ୍ଥିତ ଅତିରିକ୍ତ ଶିଶୁ ମଙ୍ଗଳ ସମିତିଙ୍କ ନିକଟରେ ହାଜର କରାଇଥିଲା। ଅତିରିକ୍ତ ସିଡବ୍ଲୁସିଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ବିଶ୍ୱ ଜୀବନ ସେବା ସଙ୍ଘ ଓ ଦୁଇ ନାବାଳକଙ୍କୁ ରୁଚ଼ିକା ଚ଼ାଇଲ୍ଡ ଲାଇନରେ ରଖାଯାଇଛି। ବେଆଇନ ଶ୍ରମିକ ଚ଼ାଲାଣରେ ସଂପୃକ୍ତ ଥିବା ଜଣାପଡ଼ିବା ପରେ ହରପ୍ରିୟା ପତି ମୈତ୍ରୀ ବିହାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଭିଜନ୍ ଗ୍ରୁପର କର୍ମଚ଼ାରୀ ସମୀମ୍ ଚ଼ାଟାର୍ଜୀ, ଠିକାଦାର ଗୁଡ୍ଡୁ ଅନସାରୀ ଓ ଶେଖ୍ ରବିଙ୍କ ନାମରେ ଏତଲା ଦେଇଛନ୍ତି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



**ଭୁବନେଶ୍ୱର (ପିପିଏସ୍):** ରାଜ୍ୟର ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ନୂଆ ଅଭିଷେକ ହଲ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ), କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଓ ଆଇସିଏସ୍‌ଇ ବୋର୍ଡର ମୋଟ ୨୫ ଜଣ ଟପ୍ପର ପିଲାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମାରୋହରେ ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ସାମିଲ ହୋଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ଦେଇଥିଲେ।

## 'ଶ୍ୱେତ ସଂକେତ'ର ମାସିକ ଆଲୋଚନାଚକ୍ର

**ଭୁବନେଶ୍ୱର (ପିପିଏସ୍):** ସାହିତ୍ୟପ୍ରତିକା 'ଶ୍ୱେତ ସଂକେତ'ର ସଭାପତି ଅମୂଲ୍ୟ ଦାଶଙ୍କ ଅଧ୍ୟକ୍ଷତାରେ କଳାସଂସଦ ପ୍ରେକ୍ଷାଳୟରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଦିବଙ୍ଗତ ଦେବେନ୍ଦ୍ର ନାଥ ଦାଶଙ୍କ ଆମର ଆତ୍ମା ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ପରେ ସାରସ୍ୱତ ସାଧକ ଡ଼. ବ୍ରହ୍ମାନନ୍ଦ ଖୁଣ୍ଟିଆଙ୍କୁ ଜନ୍ମଦିନର ଶୁଭେଚ୍ଛା ଦିଆଯାଇଥିଲା। ଡ଼. ସୁଚେତା ରାଉତ ଓ ଗୀତାଞ୍ଜଳି ନନ୍ଦଙ୍କ ପରିଚାଳନାରେ ଆଶାଲତା ଦାଶ, ସବିତା ରାଣି ବେହେରା, ବଂଶୀଧର ସେଠୀ, ସୁଷମା ଲେଙ୍କା ପ୍ରମୁଖ ୩୦ ରୁ ଅଧିକ କବି କବିତା ପାଠ କରିଥିଲେ। ସଂପାଦିକା ଗାୟତ୍ରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉର୍ମିମାଳା ଆଚାର୍ଯ୍ୟ, ମଞ୍ଜୁଳା କର, ନିର୍ମଳା ମହାପାତ୍ର ଉପସ୍ଥିତ ରହିଥିଲେ।

## କୁକୁରର ଏକାଦଶାହ ପାଳିଲେ ମାଲିକ



**ଭୁବନେଶ୍ୱର (ପିପିଏସ୍):** ଘରକୁ ବ୍ରାହ୍ମଣ ଆସିଲେ। ପୂଜା ଆଉ ହୋମ ବି କଲେ। ଶାନ୍ତିଉଦକ ପାଣି ପକାଇବା ପରେ ଶୁଦ୍ଧି ବି ହେଲେ। ଏଭଳି ଏକାଦଶାହ ପାଳନ କୌଣସି ମଣିଷକୁ ହରାଇବା ଦୁଃଖରେ ନ ଥିଲା। ବରଂ ନିଜ ପ୍ରିୟ କୁକୁରକୁ ହରାଇବା ପରେ ମାଲିକ ଜଣଙ୍କ କୁକୁର ପାଇଁ ଏଭଳି ଏକାଦଶାହ ପାଳନ କରିଥିଲେ। ଯାହା ପ୍ରମାଣ କରୁଥିଲା ମଣିଷ ଆଉ କୁକୁର ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଆଉ ଭଲପାଇବାକୁ। ନିମାପଡ଼ା ସୁଇଟ୍ସ ମାଲିକ ବିମ୍ବାଧର ବେହେରା ତାଙ୍କ କୁକୁର ଟାଇଗର ପାଇଁ ଏକାଦଶାହ ପାଳିଲେ କାରଣ ଟାଇଗରକୁ ସେ ନିଜ ପରିବାର ସଦସ୍ୟଙ୍କ ଠାରୁ କୌଣସି ଦୃଷ୍ଟିରୁ କମ୍ ବୋଲି ଭାବୁ ନଥିଲେ। ଟାଇଗର ଯେତେବେଳେ ଅତି ଛୋଟ ଥିଲା ସେ ତାକୁ ଘରକୁ ଆଣିଥିଲେ। ସେହି ଦିନ ଠାରୁ ବିମ୍ବାଧର ଟାଇଗରକୁ ନିଜ ପରିବାର ସଦସ୍ୟ ବୋଲି ଭାବି ନେଇଥିଲେ। ସେ ଘରେ ରହୁଥିଲା। ଆଉ ପରିବାର ଲୋକଙ୍କ ସହ ଖେଳୁଥିଲା। ପରିବାର ଲୋକଙ୍କ ପ୍ରତି ସାମାନ୍ୟତମ ଆଞ୍ଚ ଆସିଲେ ସେ ବରଦାସ୍ତ କରିପାରୁ ନଥିଲା। ଏଭଳି ୧୪ ପରିବାର ସହ ବିତାଇବା ପରେ ଟାଇଗର ମୃତ୍ୟୁ ଘଟିଥିଲା। ଏହାପରେ ମାଲିକ ଜଣଙ୍କ ନିଷ୍ପତ୍ତି ନେଇଥିଲେ ମଣିଷଙ୍କ ଭଳି କୁକୁରକୁ ବି ଅନ୍ତିମ ବିଦାୟ ଦେବେ।

## ୱାର୍ଡ ଅଫିସରୁ ଚୋରି କରି ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସି ୱାର୍ଡ ଅଫିସରୁ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଶୈଳଶ୍ରୀ ବିହାରର ମିଞ୍ଚା ନାୟକ (୩୪) ଓ ହାଉସିଂ ବୋର୍ଡ କଲୋନୀର ଶରତ କୁମାର ମାଣିକ (୫୩)। ପୁଲିସ ସୂଚନା ଅନୁସାରେ, ଶୈଳଶ୍ରୀ ବିହାର ସାଇ ମନ୍ଦିର ବିପରୀତ ପାର୍ଶ୍ୱରେ ଏକ ନବ ନିର୍ମିତ ୱାର୍ଡ ଅଫିସକୁ ଗତମାସ ୨୨ ତାରିଖ ଠାରୁ ତାଲା ପକାଇ ଉଦଘାଟନ ପାଇଁ ରଖାଯାଇଥିଲା। ଗତ ୨୧ ତାରିଖରେ କୋଠାର ଯାଞ୍ଚ ବେଳେ ସେଠାରୁ ତାଲା ଭଙ୍ଗା ଯାଇ ସାନିଟାରୀ/ପ୍ଲମ୍ବିଂ ସାମଗ୍ରୀ ଓ ଆସବାବପତ୍ର ଚୋରି ହୋଇଥିବା ଜଣାପଡ଼ିଥିଲା। ବିଏମସି ଜୋନାଲ ଡେପୁଟି କମିସନର ଶ୍ରୀକାନ୍ତ କୁମାର ଆଚ଼ାର୍ଯ୍ୟ ଏନେଇ ଚ଼ନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମିଞ୍ଚା ୱାର୍ଡ ଅଫିସରୁ ସାନିଟାରି ସାମଗ୍ରୀ ଚୋରି କରି କବାଡ଼ିଆ ଦୋକାନୀ ଶରତକୁ ବିକ୍ରି କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ପ୍ରଥମେ ମିଞ୍ଚା ଓ ପରେ ଶରତକୁ ଗିରଫ କରିଥିଲା। ଶରତର କବାଡ଼ି ଗୋଦାମରୁ ଷ୍ଟିଲ୍ ଟ୍ୟାପ୍, ବେସିନ୍ ଟ୍ୟାପ୍ ଓ ବାଥ ସାୱାର ସମେତ ଚୋରି ହୋଇଥିବା ସାନିଟାରୀ ସାମଗ୍ରୀ ଜବତ କରିଥିଲା।

## ଗୁଳିକାଣ୍ଡ ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ପିତାପଲ୍ଲୀ ଗୁଳିକାଣ୍ଡ ଓ ଖଣ୍ଡାରେ ଆକ୍ରମଣ ଘଟଣାରେ ଇନଫୋସିଟି ଥାନା ପୁଲିସ ଅଭିଯୁକ୍ତର ସାନଭାଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଚ଼ନ୍ଦକା ଥାନା ପାଣିଓରା ଗ୍ରାମର ବାସୁଦେବ ପରିଡା ଓରଫ ଦୀପୁ। ଲିପୁ ପରିଡ଼ା ଫେରାର ଥିବା ଜଣାପଡିଛି। ପୁଲିସ ଅପରାଧରେ ବ୍ୟବହୃତ ଖଣ୍ଡା ଓ କାର ଜବତ କରିଛି। ପାଣିଓରା ଗ୍ରାମର ଲିପୁ ଓ ଦୀପୁଙ୍କ ଗାଡ଼ି ଆଣି ତାଙ୍କ ଡ୍ରାଇଭର ପିତାପଲ୍ଲୀ ଛକକୁ ଆସୁଥିଲେ। ଏହି ସମୟରେ ଇନଫୋସିଟି ଥାନା ପିତାପଲ୍ଲୀ ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ମୋଟରସାଇକଲ ଯୋଗେ ପିତାପଲ୍ଲୀ ବଜାରକୁ ଖାଇବା ପାଇଁ ଆସୁଥିଲେ। ସାଇଡମରାକୁ କେନ୍ଦ୍ରକରି ପ୍ରଶାନ୍ତ ଗାଡି ଚ଼ାଳକ ମନୋଜକୁ ଆକ୍ରମଣ କରିଥିଲେ। ରାତି ୧୧ଟା ବେଳେ ସେମାନେ ପୁଣି ମୁହାଁମୁହିଁ ହୋଇଥିଲେ। ଦୁଇ ଭାଇ ଲିପୁ ଓ ଦୀପୁ ଏକ କାର ଯୋଗେ ବନ୍ଧୁକ ଓ ଖଣ୍ଡା ଆଣି ଆସିଥିବା ବେଳେ ପ୍ରଶାନ୍ତ ମଧ୍ୟ ତାଙ୍କ ଭାଇ ପ୍ରତାପକୁ ଡାକି ପିତାପଲ୍ଲୀ ଓଭରବ୍ରିଜ ତଳକୁ ଆସିଥିଲେ। ଲିପୁ, ଦୀପୁ ଦୁଇ ଭାଇଙ୍କ ସହ ପ୍ରଶାନ୍ତ ଓ ପ୍ରତାପ ଦୁଇ ଭାଇଙ୍କ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୀପୁ ବନ୍ଧୁକ ବାହାର କରି ପ୍ରତାପଙ୍କ ବାମ ଜଂଘକୁ ଗୋଟିଏ ରାଉଣ୍ଡ ଗୁଳି ଚ଼ଳାଇ ଥିଲା।


## ସତ୍ୟବାନ ନଆସିବାରୁ ସାବିତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର (ପିପିଏସ୍):** ସତ୍ୟବାନକୁ ଚାହିଁ ଚାହିଁ ସମୟ ବିତିଲା, ହେଲେ ସତ୍ୟବାନ ଆସିଲା ନାହିଁ। ବାଧ ହୋଇ ତାଙ୍କ ଘରକୁ ଆସିଲେ ସାବିତ୍ରୀ। ମାତ୍ର ସେଠାରେ ଯାହା ଦେଖିଲେ ସେଥିରେ ହୋସ୍ ଉଡ଼ିଗଲା। ଘର କାନ୍ଥରେ ପୁଅ ବାହାଘର ପ୍ରତିଛବି ଦେଖିବାକୁ ପାଇଲେ। ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଶଙ୍କା ସହ ହାତରେ ଏବେ ଲାଗିଛି ସାଲାଇନ୍ ଛୁଞ୍ଚି। ଫଳରେ ଏବେ ସାବିତ୍ରୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ। ଏଭଳି ଘଟଣା ଘଟିଛି ଏୟାରପୋର୍ଟ ଥାନା ଝରଣାସାହି ବସ୍ତିରେ। ସୂଚନା ଅନୁଯାୟୀ କନ୍ଧମାଳର ଚିଲିକା ବେହେରା ନାମ୍ନୀ ଯୁବତୀଙ୍କ ସହ ଝରଣା ସାହି ବାଲାଜୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ମନ୍ଦିର ଓ କୋର୍ଟରେ ବିବାହ କଲେ। ସାତ ଜନ୍ମର ସାଥୀ ହେବାକୁ ପ୍ରତିଶ୍ରୁତି ଦେଇ ଦୁଇଟି ମନ୍ଦିରରେ ଦୁଇ ଦୁଇ ଥର ବାହାଘର ଓ କୋର୍ଟ ମ୍ୟାରେଜ କରିବା ପରେ ମହିଳାଙ୍କ ଦାବି ମୋତେ ବୋହୂ କରି ନେଇଯାଅ। ମାତ୍ର ସେଥିରୁ ବଞ୍ଚିତ ହୋଇଛନ୍ତି। ୨୦୨୩ ଏପ୍ରିଲ ମାସରୁ ଫେସ୍‌ବୁକ୍ ମାଧ୍ୟମରେ କନ୍ଧମାଳର ଚିଲିକା ନାମକ ଯୁବତୀଙ୍କ ସହ ଝରଣାସାହିର ଏନ୍.ବାଲାଜି ରାଓ ପରିଚୟ ହୋଇଥିଲେ। ଉଭୟ କିଛି ଦିନ କଥା ବାର୍ତ୍ତା ହେବା ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୨୩ ମେ ୫ତାରିଖରେ ବାଲିଜିଙ୍କ ସହ ପ୍ରଥମ ଭେଟ ହୋଇଥିଲା। ଯୁବତୀ ଜଣଙ୍କ ଭୁବନେଶ୍ୱର ଆସି ତାଙ୍କ ସହ ଭେଟ କରିବା ପରେ ପୁଣି ଗାଁକୁ ଫେରି ଯାଇଥିଲେ। ଏହାର ୫ ଦିନ ପରେ ଭୁବନେଶ୍ୱରରେ ବସ୍‌ରେ ବସି କନ୍ଧମାଳ ଯାଇଥିବା ବାଲାଜି ରାଓ। ସେଠାରେ ଯୁବତୀ ତାଙ୍କୁ ରହିବା ପାଇଁ ଲଜ୍ ବୁଝି ଦେଇଥିଲେ। ସକାଳୁ ଉଭୟ ପୁଣି ଗାଁ ନିକଟରେ ଥିବା ଏକ ୱାଟରଫଲ୍‌କୁ ବୁଲିବାକୁ ଯାଇଥିଲେ। ଫେରିବା ପରେ ପୁଣି ଏକ ନାରୟଣୀ ମନ୍ଦିରରେ ବିବାହ କରିଥିଲେ। ହେଲେ କେହି ସେଠାରେ ସାକ୍ଷୀ ନଥିଲେ। ପରେ ଗତ ୧୨ ତାରିଖରେ ମଧ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଛନ୍ତି। ଏହା ପରେ ତାଙ୍କୁ ସ୍ତ୍ରୀର ଅଧିକାର ଦେଇ ଭୁବନେଶ୍ୱର ଆଣି ସତ୍ୟନଗରରେ ଘର ଭଡ଼ା ନେଇ ରହୁଥିଲେ। ଚିଲିକା ତାଙ୍କୁ ଘରକୁ ନେବା କଥା କହିବାରୁ ଆସନ୍ତା ଅଗଷ୍ଟ ମାସରେ ନେବେ ବୋଲି କହିଥିଲେ। ହେଲେ ଏହା ପରେ ସେ ଆଉ ଫୋନ୍ ଉଠାଇ ନଥିଲେ କି ତାଙ୍କ ମା' ନମ୍ବର ଦେଇନଥିଲେ। ଯୁବତୀଙ୍କ ସନ୍ଦେହ ହେବାରୁ ସେ ପଚାରିପଚାରି ବାଲାଜି ରାଓଙ୍କ ଘରକୁ ଯାଇଥିଲେ। ସେଠାରେ ଦେଖିବା ପରେ ଘର କାନ୍ଥରେ ବାଜାଲିଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆଉ ସେଠାରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଗ୍ରୀନ୍ ପାର୍କବାସୀଙ୍କ ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର (ପିପିଏସ୍):** ଜଗମୋହନ ନଗରସ୍ଥିତ ଗ୍ରୀନ୍ ପାର୍କ ଅଧିବାସୀ ସମିତିର ୨୨ତମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଗୋଷ୍ଠୀକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ସୁଜାତା ଛୋଟରାୟ ଯୋଗଦେଇ ଗ୍ରୀନ୍ ପାର୍କରୁ ଖଣ୍ଡଗିରି ମୁଖ୍ୟ ରାସ୍ତାକୁ ସଂଯୋଗକାରୀ ବିକଳ୍ପ ରାସ୍ତା, ଗୋଷ୍ଠୀ କେନ୍ଦ୍ରର ନିର୍ମାଣ ସମ୍ପୂର୍ଣ୍ଣ କରିବା, ସ୍ଥାନୀୟ ମନ୍ଦିରର ଉନ୍ନତି, ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ଇତ୍ୟାଦି ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସମିତିର ସଭାପତି ପ୍ରଦୀପ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲାବେଳେ ସମାଜସେବୀ ହିମାଂଶୁ ଛୋଟରାୟ, ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପ୍ରତାପ କେଶରୀ ପଟ୍ଟନାୟକ, ସୁଧାକର ମହାପାତ୍ର, ଚିତ୍ତ ମହାନ୍ତି, ଅମୂଲ୍ୟ କୁମାର ଜେନା, ସରଳ କୁମାର ଗନ୍ଧ, ଗୋକୁଳେଶ ପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଣ୍ଡରପାସ୍ ରାସ୍ତାରେ ଜମୁଛି ପାଣି, ଯାତାୟାତ ବାଧାପ୍ରାପ୍ତ



**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସି ଅଧିନସ୍ଥ ୪ନମ୍ବର ୱାର୍ଡର ପାହାଳସ୍ଥିତ ମିଲେନିୟମ୍ ସିଟି ନିକଟ ଅଣ୍ଡରପାସ୍ ରାସ୍ତାରେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି ଜମୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଦୁଇ ଚକିଆ ହେଉ ବା ଚାରି ଚକିଆ ଗାଡ଼ିର ଚକ ବୁଡ଼ିଯିବା ଫଳରେ କାହାର ଇଞ୍ଜିନରେ ପାଣି ପଶିଲାଣି ତ କାହାର ସାଇଲେନସର୍‌ରେ ପାଣି ପଶି ଷ୍ଟାର୍ଟ ବନ୍ଦ ହେଲାଣି। ସ୍ଥାନୀୟ ଲୋକେ ୨ରୁ ଅଢ଼େଇ କିଲୋମିଟର ବୁଲି ଯିବାଆସିବା କରୁଥିବା ବେଳେ ଅଧିକାଂଶ ଲୋକେ ରଙ୍ଗ୍ ରୁଟରେ ଯିବାକୁ ବାଧ ହେଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଭଡ଼ାରେ ଆସୁଥିବା ଗାଡ଼ି ଚାଳକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅଧିକ ଭଡ଼ା ଦାବି କରୁଛନ୍ତି। ପ୍ରତିବର୍ଷ ବର୍ଷା ଋତୁରେ ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ ଏଠାରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଥିଲା। ହେଲେ ରାସ୍ତାର ଉଚ୍ଚତା ଠାରୁ ଡ୍ରେନର ଉଚ୍ଚତା ଅଧିକ ହୋଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅସରାଏ ବର୍ଷାରେ ଅଣ୍ଡରପାସ୍ ରାସ୍ତାରେ ୩ ଦିନ ପର୍ଯ୍ୟନ୍ତ ଜମି ରହୁଛି ପାଣି। ଏହାଦ୍ୱାରା ସ୍କୁଲ ବସ୍ ଠାରୁ ଆରମ୍ଭ କରି ବଡ଼ ବଡ଼ ଯାନବାହାନ ବାଧ ହୋଇ ରଙ୍ଗ୍ ରୁଟରେ ଯାଉଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷାଦିନ ଥିବାରୁ ଏହାର ପ୍ରତିକାର ପାଇଁ ଲୋକେ ବାରମ୍ବାର ଦାବି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର-୪ ଅଧୀନରେ ରହିଛି ଏହି ଅଞ୍ଚଳ। କିନ୍ତୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଅଣ୍ଡରପାସ୍ ଗୁଡ଼ିକର ଉଚ୍ଚତା କମ୍ ରଖାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳଟି ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ବର୍ଷା ଜଳ ନିକଟସ୍ଥ ଜମି ମଧ୍ୟକୁ ଯାଇଥାଏ। ରାସ୍ତା କଡ଼ରେ ରହିଥିବା ଡ୍ରେନେଜ୍ ଉଚ୍ଛୁଳି ପାଣି ସବୁ ଜମି ମଧ୍ୟରୁ ଯାଉଥିବା ବେଳେ ବର୍ତ୍ତମାନ ଜମି ଗୁଡ଼ିକରେ ଘର ତିଆରି ଆରମ୍ଭ ହୋଇଛି। ଫଳରେ ଜମି ମାଲିକମାନେ ଜମିକୁ ପାଣି ଛାଡ଼ିବାକୁ ବାରଣ କରିବା ସହ ବାଟ ବନ୍ଦ କରିଦେଇଥିବାରୁ ବର୍ଷା ପାଣି ରାସ୍ତା ଉପରେ ଜମି ରହୁଛି। ତେବେ ଗତ ବର୍ଷ ଏଠାରେ ବର୍ଷାଜଳ ପାଇଁ ଉତ୍କଳ ହାଇଟସ୍(୨୨ତାଲା), ଉତ୍କଳ ସିଗ୍‌ନେଚର କର୍ମଚାରୀମାନେ ମଧ୍ୟ ଯିବା ଆସିବା କରିବାକୁ ନାକେଦମ୍ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ଏନଏଚ୍‌ଏଆଇ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏହି ଅଣ୍ଡର୍‌ପାସ୍ ତଳେ ପୂର୍ବରୁ ପିଚୁ ରାସ୍ତା ରହିଥିଲା। ଫଳରେ ବର୍ଷା ହେଲେ ଖାଲଖମାରେ ପାଣି ଭର୍ତ୍ତି ହୋଇ ଅନେକ ଦୁର୍ଘଟଣା ଘଟୁଥିଲା। ତେଣୁ ଏହାକୁ କଂକ୍ରିଟ ବା ଢ଼ଲେଇ କରାଯାଇଥିଲେ ବି ଅବସ୍ଥାରେ କୌଣସି ସୁଧାର ଆସି ନାହିଁ। ରାସ୍ତା ଉପରେ ପୂର୍ବଭଳି ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଏଠାରେ ରହିଥିବା ଆପର୍ଟମେଣ୍ଟରେ କାମ(ମେଡ୍) କରୁଥିବା ଲୋକମାନେ ଏହି ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି। ତେବେ ଗାଡ଼ି ଚାଳକମାନେ ପାହାଳ ମାର୍କେଟ ଦେଇ ବୁଲି ଆସୁଥିବା ଅଧିକାଂଶ ଚାଳକ ରଙ୍ଗ ରୁଟ୍‌ରେ ଯାଉଥିବା ସହ ଅନଲାଇନ୍‌ରେ ବୁକ୍ କରାଯାଉଥିବା ଗାଡ଼ି ଚାଳକମାନେ ପାଣି ଭୟରେ ଫେରିଯାଉଥିବା ଦେଖିବାକୁ ମିଳୁଛି।

# ଭାରତରେ କରୋନାର ନୂଆ ଲହର !

ନୂଆଦିଲ୍ଲୀ : କିଛି ବର୍ଷର ବ୍ୟବଧାନ ପରେ ପୁଣି ଭାରତରେ ମୁଣ୍ଡ ଟେକିବା ଆରମ୍ଭ କରିଛିରୋନା। ମୁମ୍ବାଇ, ଦିଲ୍ଲୀ ଓ କେରଳରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହା ମଧ୍ୟରେ ଆଜି ଦେଶରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୦୪୭ ଛୁଇଁଛି। ଏହାଛଡା ବର୍ତ୍ତମାନ ସୁଦ୍ଧା ଦେଶରେ ୧୧ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। କେବଳ ମହାରାଷ୍ଟ୍ରରୁ ୫ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି। ଏହାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି। ମାତ୍ର ଏକ ସପ୍ତାହ ଭିତରେ ୯ ଜଣଙ୍କର ମୃତ୍ୟୁ ହୋଇଛି।ଧିରେ ଧିରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଦେଶରେ କୋଭିଡକୁ ନେଇ ଏଯାଏ କୌଣସି ଆଡଭାଇଜରି ଜାରି କରିନାହନ୍ତି କେନ୍ଦ୍ର ସରକାର। ଏପର୍ଯ୍ୟନ୍ତ ଦେଶରେ ୧୧ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ଓଉଗଜ ର ତାଜା ରିପୋର୍ଟ ଅନୁସାରେ ଔଘ.୧ ଭାରିଆଣ୍ଟ ସବୁଠାରୁ ଅଧିକ ବ୍ୟାପୁଛି। ଦେଶରେ ୪ଟି ଭାରିଆଣ୍ଟ ମିଳିଛି। ସେ ସବୁହେଲା ଖର.୭, ଡରଏ, ଔଘ.୧ ଏଂବ ଘଇ.୧.୮.୧ ଭାରିଆଣ୍ଟ। ଏହା ଭିତରେ ଔଘ.୧ କୁ ନେଇ ଚିନ୍ତା ରହିଛି। ଏହା ଓମିକ୍ରନ୍ ଈଇ.୨.୮୬ ର ଷ୍ଟ୍ରେନ୍ ।ଦିଲ୍ଲୀ, ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ କୋଭିଡ୍-୧୯ ମାମଲା ହଠାତ୍ ବୃଦ୍ଧି ପାଇଛି । ତେବେ ଭଲ କଥା ଏହା ଯେ ଏଥିରେ କେ ?ଣସି ଅଧିକ ଗମ୍ଭୀର ଲହରୀ ଦେଖିବାକୁ ମିଳିନି। ଏହି ସମସ୍ତ ରାଜ୍ୟରେ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି । ଭାରତରେ କୋଭିଡ-୧୯ ଦୁଇଟି ନୂତନ ଭାରିଆଣ୍ଟ୍ ଘଇ.୧.୮.୧ ଏବଂ ଖର.୭ ଚିହ୍ନଟ ହୋଇଛି । ମେ ମାସରେ, କେରଳରେ ସର୍ବାଧିକ ୨୭୩ ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେରଳର ଡାକ୍ତରଖାନାଗୁଡ଼ିକରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ଏବଂ ଥଣ୍ଡା ଓ କାଶ ଲକ୍ଷଣ ଥିବା ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି ।

# କଣ୍ଟାକୁ କାଢ଼ିକି ହିଁ ରହିବୁ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଆମେ କଣ୍ଟାକୁ କାଢିକି ହିଁ ରହିବୁ । ଇଟାର ଜବାବ୍ ପଥରରେ ଦେବୁ । ଭାରତ ବୀର ଯବାନଙ୍କ ମାଟି। ସେମାନେ (ପାକିସ୍ତାନ) ଜାଣିଛନ୍ତି ଯୁଦ୍ଧରେ ଜିତିବେ ନାହିଁ । ଆମେ କାହା ସହିତ ଶତ୍ରୁତା କରିବାକୁ ଚାହୁଁନା । ଦେଶର ବିକାଶ ଓ ପ୍ରଗତି ଚାହୁଁ। ବିପଦରେ ଅନ୍ୟକୁ ସାହାଯ୍ୟ କରୁ । ପ୍ରତିଟି ଆକ୍ରମଣର ଜବାବ ମିଳିବ । ଅପରେସନ୍ ସିନ୍ଦୂର ପରେ ପ୍ରଥମ ଥର ଗୁଜରାଟ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ । ଗାନ୍ଧୀ ନଗରରୁ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । 'କଣ୍ଟାକୁ କାଢିକି ହିଁ ରହିବୁ'- ଗାନ୍ଧୀ ନଗରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପାକିସ୍ତାନ ଉପରେ ପର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆତଙ୍କବାଦ ଦମନ ନେଇ ସର୍ଦ୍ଦାର ପଟେଲଙ୍କୁ ମନେ ପକାଇଛନ୍ତି । ୧୯୪୭ରେ ଦେଶ ୩ ଖଣ୍ଡ ହେଲା ବେଳେ ପ୍ରଥମ ଆତଙ୍କୀ ହମଲା ହୋଇଥିଲା । ପାକିସ୍ତାନ ମୁଜାହିଦ୍ଦିନ ଆତଙ୍କବାଦୀଙ୍କୁ ବ୍ୟବହାର କରି ମା' ଭାରତୀର ଏକ ଅଂଶକୁ କବଜା କରିଥିଲା । ସର୍ଦ୍ଦାର ପଟେଲଙ୍କ ଇଚ୍ଛା ଥିଲା ଯେ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ପିଓକେ ପାଇନାହୁଁ ଆମ ସଶସ୍ତ୍ର ବାହିନୀ ଆଗକୁ ବଢିବା ବନ୍ଦ ନ କରନ୍ତୁ । କିନ୍ତୁ ତାଙ୍କ କଥା କେହି ଶୁଣି ନଥିଲେ। ଗତ ୭୫ ବର୍ଷ ହେଲା ଆମେ ଭୋଗୁଛୁ । ପହଲଗାମ ମଧ୍ୟ ଏହି ଆତଙ୍କୀ କାର୍ଯ୍ୟର ଉଦାହରଣ ବୋଲି କହିଛନ୍ତି ପିଏମ୍ ମୋଦି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି,''ପାକିସ୍ତାନକୁ ଆମେ ଯୁଦ୍ଧରେ ୩ ଥର ହରାଇଛୁ । ଶରୀର ଯେତେ ସୁସ୍ଥ ଥାଉ ଗୋଟିଏ କଣ୍ଟା ଫୁଟିଗଲେ ଶରୀରକୁ କଷ୍ଟ ହୁଏ। ତେଣୁ ଆମେ କଣ୍ଟାକୁ କାଢିକି ହିଁ ରହିବୁ । ଇଟାର ଜବାବ୍ ପଥରରେ ଦେବୁ । ଭାରତ ବୀର ଯବାନଙ୍କ ମାଟି । ସେମାନେ (ପାକିସ୍ତାନ) ଜାଣିଛନ୍ତି ଯୁଦ୍ଧରେ ଜିତିବେ ନାହିଁ । ୧୯୬୦ ସିନ୍ଧୁ ଜଳ ଚୁକ୍ତି ପଢିଲେ ଆଶ୍ଚର୍ଯ୍ୟ ହେବେ । ତଳ ଡ୍ୟାମ ଗୁଡିକ ବନ୍ଦ କରିଦିଆଯାଇଥିଲା । ଜମ୍ମୁ ନଦୀ ଉପରେ ନିର୍ମିତ ଡ୍ୟାମ ସଫା କରାଯିବନି ବୋଲି ନିଷ୍ପତ୍ତି ହୋଇଥିଲା । ୬୦ ବର୍ଷ ହେବ ଗେଟ୍ ଗୁଡିକ ଖୋଲା ଯାଇନଥିଲା। ଡ୍ୟାମ ସଫା ପାଇଁ ଛୋଟ ଡ୍ୟାମ ଖୋଲିଛୁ ଫଳରେ ପାକିସ୍ତାନରେ ବନ୍ୟା ଆସିଛି । ବିଦେଶୀ ସାମଗ୍ରୀ ବ୍ୟବହାର ବନ୍ଦ କଲେ ହିଁ ଅପରେସନ୍ ସିନ୍ଦୂର ସଫଳ ହେବ ।''

## ଚୀନ ରାସାୟନିକ କାରଖାନାରେ ବିସ୍ଫୋରଣ



ବେଜିଂ: ମଙ୍ଗଳବାର ଦିନ ଚୀନର ପୂର୍ବ ଶାଣ୍ଡୋଙ୍ଗ ପ୍ରଦେଶରେ ଥିବା ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟିଛି। ବିସ୍ଫୋରଣଟି ଏତେ ପ୍ରଚଣ୍ଡ ଥିଲା ଯେ ତାହାର ଶବ୍ଦ ଓ ନିଆଁ ବହୁଦୂରକୁ ଦେଖାଯାଇଥିଲା । ତେବେ ଏପର୍ଯ୍ୟନ୍ତ କୌଣସି ମୃତାହତର ଖବର ମିଳିନାହିଁ। ଚୀନର ସରକାରୀ ସମାଚାର ଏଜେନ୍ସି ସିନହୁଆ ରିପୋର୍ଟ କରିଛି ଯେ ବିସ୍ଫୋରଣ ପରେ ଗାଓମି ସହରର ପ୍ଲାଣ୍ଟକୁ ଉଦ୍ଧାର କର୍ମୀଙ୍କ ଦଳ ପଠାଯାଇଥିଲା। ବିସ୍ଫୋରଣ ଖବର ମିଳିବା ପରଠାରୁ ଜରୁରୀକାଳୀନ ପରିଚାଳନା ମନ୍ତ୍ରଣାଳୟ ସ୍ଥିତିର ତଦାରଖ କରୁଛି । ଅଧିକାରୀଙ୍କ କହିବା ଅନୁଯାୟୀ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ମୃତାହତର ଖବର ମିଳିନାହିଁ। ବିସ୍ଫୋରଣ ପରେ, ସ୍ଥାନୀୟ ଅଗ୍ନିଶମ ଏବଂ ଉଦ୍ଧାର ସେବା ଘଟଣାସ୍ଥଳକୁ ୫୫ଟି ଗାଡ଼ି ଏବଂ ୨୩୨ ଜଣ କର୍ମଚାରୀଙ୍କୁ ପଠାଇଥିଲା। ବିସ୍ଫୋରଣ ସ୍ଥାନରୁ ପ୍ରାୟ ୩.୫ କିଲୋମିଟର (୨.୨ ମାଇଲ) ଦୂରରେ ଥିବା ଜଣେ ହୋଟେଲ କର୍ମଚାରୀ କହିଛନ୍ତି ଯେ ସେ ଏକ ଜୋରରେ ବିସ୍ଫୋରଣ ଶୁଣିଥିଲେ।

## ଛାଡ଼ପତ୍ର ପ୍ରକ୍ରିୟା ଦେଇ ଯାଉଥିବା ଦମ୍ପତିଙ୍କୁ କୋର୍ଟଙ୍କ ହୃଦୟସ୍ପର୍ଶୀ ପରାମର୍ଶ



ନୂଆଦିଲ୍ଲୀ : ଦିନକୁ ଦିନ ଛାଡପତ୍ର ମାମଲା ବଢିବାରେ ଲାଗିଛି। ନିକଟରେ ସୁପ୍ରିମକୋର୍ଟ ଛାଡପତ୍ର ପ୍ରକ୍ରିୟା ଦେଇ ଯାଉଥିବା ଦମ୍ପତିମାନଙ୍କୁ ଏପରି ପରାମର୍ଶ ଦେଇଛନ୍ତି, ଯାହା ସମସ୍ତଙ୍କ ହୃଦୟକୁ ଛୁଇଁବ। କୋର୍ଟ ଦମ୍ପତିଙ୍କୁ ସେମାନଙ୍କ ମତଭେଦ ବିଷୟରେ ଆଲୋଚନା କରିବାକୁ ଏବଂ କୋର୍ଟରୁମ ବାହାରେ ଏକ ଶାନ୍ତ ପରିବେଶରେ ସମାଧାନ କରିବାକୁ ଚେଷ୍ଟା କରିବାକୁ କହିଥିଲେ। ଏହି ମାମଲା ବିଚାରପତି ବିଭି ନାଗାରତନା ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସମ୍ମୁଖରେ ଥିଲା। ପତ୍ନୀ ଜଣେ ଫ୍ୟାଶନ ଉଦ୍ୟୋଗୀ, ତାଙ୍କ ତିନି ବର୍ଷର ପୁଅକୁ ବିଦେଶ ଯାତ୍ରାରେ ନେବା ପାଇଁ ଅନୁମତି ମାଗିଥିଲେ। ସେମାନଙ୍କର ଛାଡପତ୍ର ମାମଲା ପୂର୍ବରୁ ଚାଲିଛି ଏବଂ ଦୁହେଁ ସେମାନଙ୍କ ପୁଅର ହେପାଜତ ପାଇଁ ଆଇନଗତ ଲଢ଼େଇ ମଧ୍ୟ ଲଢୁଛନ୍ତି। ଦମ୍ପତିଙ୍କ ମଧ୍ୟରେ ଚାଲିଥିବା ବିବାଦ ପିଲା ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ଏହା ପିଲାର ଭବିଷ୍ୟତ ପାଇଁ ଭଲ ନୁହେଁ, ତେଣୁ କୋର୍ଟ ଦମ୍ପତିଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ କହିଛନ୍ତି। ଖଣ୍ଡପୀଠ ଦମ୍ପତିଙ୍କୁ କହିଥିଲେ, ତୁମର ଏକ ତିନି ବର୍ଷର ପିଲା ଅଛି। ଉଭୟ ପକ୍ଷ ମଧ୍ୟରେ ଅହଂକାର କ'ଣ? ଆମର କ୍ୟାଣ୍ଟିନ ଏଥିପାଇଁ ଯଥେଷ୍ଟ ନ ହୋଇପାରେ, କିନ୍ତୁ ଆମେ ଆପଣଙ୍କୁ ଆଉ ଏକ ଡ୍ରଇଂ ରୁମ ଯୋଗାଇ ଦେବୁ। ଆଜି ରାତିରେ ଡିନର ପାଇଁ ଯାଆନ୍ତୁ। କଫି ପିଇ ବହୁତ କିଛି ଆଲୋଚନା କରାଯାଇପାରିବ। କୋର୍ଟ ଦମ୍ପତିଙ୍କୁ କହିଥିଲେ, ଅତୀତକୁ ଏକ ତିକ୍ତ ବଟିକା ପରି ଗିଳିଦିଅ ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କର। ସୁପ୍ରିମକୋର୍ଟ ସକାରାତ୍ମକ ଫଳାଫଳ ପାଇଁ ଆଶା ପ୍ରକାଶ କରି ମାମଲାର ଶୁଣାଣି ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ଉଭୟ ପକ୍ଷଙ୍କୁ ପରସ୍ପର ସହିତ କଥାବାର୍ତ୍ତା କରିବାକୁ ଏବଂ ଆସନ୍ତାକାଲି କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛୁ।

## ସରକାର ଆଣିବେ ବର୍ଷକିଆ ଫାସଟାଗ୍ ପେମେଣ୍ଟ ବ୍ୟବସ୍ଥା




ନୂଆଦିଲ୍ଲୀ : ଫାସଟାଗ୍ ନେଇ ଏକ ନୂଆ ପ୍ରସ୍ତାବ ଏବେ ସରକାରଙ୍କ ବିଚାରାଧୀନ ଅଛି । ଜଣେ ବ୍ୟକ୍ତି ଲାଇଫଟାଇମ୍ ଫାସଟାଗ କରିବା ନେଇ ଆଗରୁ ଥିବା ପ୍ରସ୍ତାବକୁ ସରକାର ସ୍ଥଗିତ ରଖିଛନ୍ତି । ଜଣେ ୩୦ ହଜାର ଟଙ୍କା ଦେଲେ ୧୫ ବର୍ଷ ପାଇଁ ଫ୍ରାସଟାଗ୍ ଟେନସନ ରହିବ ନାହିଁ ବୋଲି ଆଗରୁ ପ୍ରସ୍ତାବ ଥିଲା । ଏହାକୁ ଲାଗୁ କରିବା ସପକ୍ଷରେ ସରକାର ନାହାନ୍ତି । କେନ୍ଦ୍ର ସରକାର ଏକ ନୂଆ ଟୋଲ୍ ନୀତି ଆଣିବାକୁ ଯାଉଛନ୍ତି । ହାଇୱେରେ ଯାତ୍ରାକୁ ଅଧିକ ସୁଗମ ଓ ସହଜ କରିବା ପାଇଁ ଏହି ନୂଆ ନୀତି ଉପରେ ସରକାର କାମ କରୁଛନ୍ତି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗାଡି ମାଲିକମାନଙ୍କୁ ଦୁଇଟି ଅପସନ୍ ଦିଆଯିବ । ପ୍ରଥମ ଅପସନ୍ ହେଉଛି, ବର୍ଷକୁ ଥରେ ୩ ହଜାର ଟଙ୍କା ଦେଲେ ଜଣେ ନ୍ୟାସନାଲ୍ ହାଇୱେ ଓ ଏକ୍ସପ୍ରେସୱେଜରେ ଅନଲିମିଟେଡ୍ ଟ୍ରାଭେଲ୍ କରିପାରିବେ । ଦ୍ୱିତୀୟ ଅପସନ୍ ହେଉଛି, ଯେଉଁମାନେ ବାର୍ଷିକ ଟୋଲ୍ ଦେବେ ନାହିଁ, ସେମାନେ ଫ୍ଲାଟ ଟୋଲ୍ ଦେବେ । ୧୦୦ କିଲୋମିଟର ଯାତ୍ରା ପାଇଁ ୫୦ ଟଙ୍କା ଦେବାକୁ ପଡିବ । କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ହାଇୱେଜ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନୂଆ ବ୍ୟବସ୍ଥା ଲାଗୁ ହେଲେ ଅଧିକ କିଛି ଖର୍ଚ୍ଚ କରିବାକୁ ପଡିବ ନାହିଁ । ବର୍ତ୍ତମାନ ଥିବା ଆନୁଷଙ୍ଗୀକ ଭିତ୍ତିଭୂମିରେ ହିଁ ଏହା କରାଯାଇପାରିବ । ଆଗରୁ ଲାଇଫଟାଇମ୍ ଫାସଟାଗ ବ୍ୟବସ୍ଥା ସରକାରଙ୍କ ବିଚାରାଧୀନ ଥିଲା । କିନ୍ତୁ ସରକାର ଲାଇଫଟାଇମ୍ ଫାସ-ଟାଗ୍ ନକରି ବର୍ଷକିଆ ଅନଲିମିଟେଡ୍ ଅଫର୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସରକାର ଯେଉଁ ନୂଆ ବ୍ୟବସ୍ଥା କଥା ଚିନ୍ତା କରୁଛନ୍ତି, ସେଥିରେ ଟୋଲ୍ ପ୍ଲାଜାର ଆବଶ୍ୟକତା ପଡିବନି । ସେନସର ଭିତ୍ତିକ ଡିଜିଟାଲ୍ ଟୋଲ୍ କଲେକସନ୍ ହେବ । ଗାଡିକୁ ଆଉ କୌଣସି ଜାଗାରେ ରାସ୍ତାରେ ଅଟକିବାକୁ ପଡିବନି । ଜିପିଏସ୍ (ଏଚଝ) ଓ ଅଟୋମେଟେଡ୍ ଭେଇକିଲ୍ ଟ୍ରାକିଂ ସିଷ୍ଟମ ଦ୍ୱାରା ଟୋଲ୍ କଟିଯିବ । ଏହି ନୂଆ ବ୍ୟବସ୍ଥାରେ ଯେଉଁ କଣ୍ଟ୍ରାକ୍ଟର ଓ ଅପରେଟରମାନେ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ଡିଜିଟାଲ୍ ଟୋଲ୍ ଡାଟା ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଫର୍ମୁଲାରେ କ୍ଷତିପୂରଣ ଦିଆଯିବ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ, ରାସ୍ତାରେ ଟ୍ରାଫିକ ଜାମ୍ କମିବ, ଯାତ୍ରା ସମୟ ବି କମିବ । ତେବେ ଫାସଟାଗ୍ ଲିଙ୍କ ଥିବା ବ୍ୟାଙ୍କ ଆକାଉଣ୍ଟରେ ମିନିମମ୍ ବାଲାନ୍ସ ରଖିବାକୁ କୁହାଯିବ । ଯେମିତି କେହି ଟୋଲ୍ ବା ଫି ଫାଙ୍କି ପାରିବେନି ସେଥିପାଇଁ ବ୍ୟାଙ୍କ ଗୁଡିକୁ ମଧ୍ୟ ଅଧିକ କ୍ଷମତା ଦିଆଯିବ । ନିୟମିତ ଦୂରସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଖର୍ଚ୍ଚ ମଧ୍ୟ କମିବ ବୋଲି ସରକାରୀ ଅଧିକାରୀ ଜଣକ କହିଛନ୍ତି ।

## ଟ୍ରମ୍ପଙ୍କ ନାଁକୁ ବ୍ୟବହାର କରି କୋଟି କୋଟି ଠଙ୍କା ଠକେଇ




ବେଙ୍ଗାଲୁର: କର୍ଣ୍ଣାଟକର ହାଭେରୀରୁ ସାଇବର ଠକେଇର ଏକ ବଡ ମାମଲା ସାମ୍ନାକୁ ଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁକୁ ବ୍ୟବହାର କରି ଠକିନେଇଛି ଠକ । ନିବେଶ କରିବା ଯୋଜନାରେ ଲୋଭ ଦେଖାଇ ସାଧାରଣ ଲୋକଙ୍କୁ ଠକିନେଇଛି ଠକ । ହଜାର ନୁହେଁ କି ଲକ୍ଷେ ନୁହେଁ କୋଟି କୋଟି ଟଙ୍କା ଲୋକଙ୍କ ଆକାଉଣ୍ଟରୁ ଗାୟବ ହୋଇଯାଇଛି । ପୁଲିସ ରିପୋର୍ଟ ଅନୁଯାୟୀ, ଠକମାନେ 'ଟ୍ରମ୍ପ ଆପ୍' ନାମକ ଏକ ମୋବାଇଲ୍ ଆପ୍ଲିକେସନ୍ ତିଆରି କରିଥିଲେ, ଯେଉଁଥିରେ ସେମାନେ ଟ୍ରମ୍ପ ହୋଟେଲ ଭଡ଼ା ଏବଂ ନିବେଶ ପ୍ଲାଟଫର୍ମ ସହିତ ଜଡିତ ଥିବା ଦାବି କରିଥିଲେ । ଏହି ଆପ୍ ସୋସିଆଲ ମିଡିଆରେ ଟାର୍ଗେଟେଡ୍ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରିଥିଲା, ଯାହା ବ୍ୟବହାରକାରୀମାନଙ୍କୁ କମ ସମୟ ମଧ୍ୟରେ ଅଧିକ ଲାଭର ପ୍ରତିଶ୍ରୁତି ଦେଇଥିଲା । ପ୍ରଥମେ, ଲୋକଙ୍କ ପଞ୍ଜୀକରଣ ପାଇଁ ୧୫୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା, ତା'ପରେ ସେମାନେ ୫୦୦ ଟଙ୍କା ଫେରସ୍ତ ପାଇଥିଲେ । ଲୋକଙ୍କ ମନରେ ବିଶ୍ୱାସ ଯାତ କରିବା ପାଇଁ ଠକ ଏହିପରି ଏକ ରଣନୀତି ପ୍ରସ୍ତୁତ କରିଥିଲା । ଅଧିକ ରିଟର୍ଣ୍ଣ ଲୋଭରେ ପ୍ରଲୋଭିତ ହୋଇ ଲୋକେ ବିପୁଳ ପରିମାଣର ଟଙ୍କା ନିବେଶ କରିବା ଆରମ୍ଭ କଲେ । ଶେଷରେ, ଠକମାନେ କୌଣସି ପ୍ରମାଣ ନ ଛାଡି ଅଚାନକ୍ ଗାୟବ ହୋଇଗଲେ । ଦେଶର ବିଭିନ୍ନ ରାଜ୍ୟର ଲୋକଙ୍କୁ ଠକି ଫେରାର ହୋଇଯାଇଛି ଏହି ଠକ । ୧୫ ରୁ ଅଧିକ ଲୋକ ଠକାମୀର ଶିକାର ହୋଇ ଥାନାରେ ମାମଲା ରୁଜୁ କରିବା ପରେ ଘଟଣାଟି ସାମ୍ନାକୁ ଆସିଛି । ତେବେ ଏହି ଠକେଇରେ ଜଣେ ବ୍ୟକ୍ତି ୬ଲକ୍ଷ ଟଙ୍କା ହରାଇଛନ୍ତି । ବ୍ୟବସାୟୀ ଏବଂ ଓକିଲଙ୍କଠାରୁ ଆରମ୍ଭ କରି ଛାତ୍ର ଓ ସରକାରୀ କର୍ମଚାରୀ ପର୍ଯ୍ୟନ୍ତ ବିଭିନ୍ନ ବୃତ୍ତିର ଲୋକଙ୍କୁ ଟାର୍ଗେଟ୍ କରି ଠକିନେଇଛି ଠକ । ପୋଲିସ କହିବ ଅନୁସାରେ, 'ଠକମାନେ 'ଟ୍ରମ୍ପ୍ ଆପ୍' ନାମକ ଏକ ଆପ୍ ବ୍ୟବହାର କରି ଅନଲାଇନ୍ ଠକେଇ କରୁଛନ୍ତି, ଯାହା ଟ୍ରମ୍ପ୍ ହୋଟେଲ ରେଣ୍ଟାଲ୍ ସ୍କିମ୍ ଭାବେ କାମ କରେ ।' ପ୍ରାରମ୍ଭିକ ଭାବରେ, ଉପଭୋକ୍ତାମାନଙ୍କୁ ପଞ୍ଜୀକରଣ ପାଇଁ ୧୫୦୦ଟଙ୍କା ଜମା କରିବାକୁ କୁହାଯାଏ, ଏବଂ ବିଶ୍ୱାସ ସୃଷ୍ଟି କରିବା ପାଇଁ ଆପ୍ ତୁରନ୍ତ ୫୦୦ଟଙ୍କା ଫେରାଇଥାଏ । ଛୋଟ ରିଟର୍ଣ୍ଣ ଦେଇ, ସେମାନେ ଉପଭୋକ୍ତାଙ୍କ ବିଶ୍ୱାସ ଜିତିପାରନ୍ତି । ତା'ପରେ ସେମାନେ ପରବର୍ତ୍ତୀ ସ୍ତରରେ ଅଧିକ ରିଟର୍ଣ୍ଣର ପ୍ରତିଶ୍ରୁତି ଦିଅନ୍ତି ଏବଂ ବ୍ୟବହାରକାରୀମାନଙ୍କୁ ଅଧିକ ନିବେଶ କରିବାକୁ ପ୍ରଲୋଭିତ କରନ୍ତି ଏବଂ ତା'ପରେ ଗାୟବ ହୋଇଯାଆନ୍ତି ।

## ଭାରତ ତିଆରି କରିବ ୫ମ ପିଢ଼ିର ଯୁଦ୍ଧବିମାନ, ମିଳିଲା ମଞ୍ଜୁରୀ



ନୂଆଦିଲ୍ଲୀ : ଅପରେସନ 'ସିନ୍ଦୂର'ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ପାକିସ୍ତାନକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ବ୍ରହ୍ମୋସ କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି 'ଆକାଶ' ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପାକିସ୍ତାନକୁ ଧୂଳି ଚଟାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲା। ଏସବୁ ଯୁଦ୍ଧାସ୍ତ୍ର ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ)ର ବୈଜ୍ଞାନିକମାନଙ୍କ ମନୋବଳକୁ ଅତ୍ୟନ୍ତ ସୁଦୃଢ଼ କରିଛି। ଯେଉଁଥିପାଇଁ ଏବେ ଡିଆରଡିଓ ବୈଜ୍ଞାନିକମାନେ ଭାରତୀୟ ସେନା ପାଇଁ ୫ମ ପିଢ଼ିର ଏଏମସିଏ(ଉନ୍ନତ ମଧ୍ୟମ ଯୁଦ୍ଧବିମାନ) ଷ୍ଟିଲ୍ଥ ଯୁଦ୍ଧ ବିମାନ ତିଆରି କରିବାକୁ ଯାଉଛନ୍ତି। ଏହି ଯୋଜନାକୁ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଥିବାବେଳେ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ।ଅପରେସନ ସିନ୍ଦୂରରେ ଛାନିଆ ହୋଇପଡ଼ିଥିବା ପାକିସ୍ତାନ ଚୀନଠାରୁ ୫ମ ପିଢ଼ିର ଯୁଦ୍ଧ ବିମାନ କିଣିବାକୁ ଯୋଜନା କରିଛି। କିନ୍ତୁ ଭାରତ ପାଖରେ ବର୍ତ୍ତମାନ ସୁଦ୍ଧା ୫ମ ପିଢ଼ି ଯୁଦ୍ଧ ବିମାନ ନାହିଁ। ତେଣୁ ଭାରତ ରୁଷ କିମ୍ବା ଆମେରିକାଠାରୁ ଏହାକୁ କିଣିବାକୁ ଯୋଜନା କରିଛି। ଏହା ଭିତରେ ଡିଆରଡିଓର ପଦକ୍ଷେପ ଭାରତୀୟ ସେନାର ଶକ୍ତିକୁ ବହୁଗୁଣିତ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ଏଏମସିଏ ପ୍ରୋଗ୍ରାମ କାର୍ଯ୍ୟକାରୀ କରିବା ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଛି। ଡିଆରଡିଓର ଏରୋନଟିକାଲ ଉନ୍ନୟନ ସଂସ୍ଥା(ଏଡିଏ) ଅଧୀନରେ ଏହି କାର୍ଯ୍ୟକ୍ରମ କରାଯିବ। ୫ମ ପିଢ଼ିର ଏହି ଯୁଦ୍ଧ ବିମାନରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ। ଏହି ଯୁଦ୍ଧ ବିମାନ ରାଡ଼ାର ନଜରରେ ଆସିବ ନାହିଁ।

## ସୀମାରେ ଭାରତ-ବାଂଲାଦେଶ ସେନା ମୁହାଁମୁହିଁ



ଢାକା : ଭାରତ-ବାଂଲାଦେଶ ସୀମାରେ ପରିସ୍ଥିତି ପୁଣି ଥରେ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ସଦ୍ୟତମ ଘଟଣାଟି ମଙ୍ଗଳବାର ସକାଳର ଯେତେବେଳେ ଆସାମ-ବାଂଲାଦେଶ ସୀମାର ଦୁଇଟି ଭିନ୍ନ ଭିନ୍ନ ଅଞ୍ଚଳ – କୁରିଗ୍ରାମର ବୋରାଇବାରି ଏବଂ ଆସାମର ମାନକାଚରରେ ଭାରତୀୟ ସୀମା ସୁରକ୍ଷା ବାହିନୀ (ଈଝଋ) ଏବଂ ବାଂଲାଦେଶ ସୀମା ସୁରକ୍ଷା ବାହିନୀ (ଈଏଈ) ମୁହାଁମୁହିଁ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଭୋର ସମୟରେ ବାଂଲାଦେଶର କୁରିଗ୍ରାମ ଜିଲାର ରୌମାରି ଉପଜିଲ୍ଲାର ବୋରାଇବାରି ସୀମାରେ ଉତ୍ତେଜନା ବୃଦ୍ଧି ପାଇଥିଲା ଯେତେବେଳେ ବିଏସଏଫ ୧୪ ଜଣଙ୍କୁ ନୋ-ମ୍ୟାନ୍ସ ଲ୍ୟାଣ୍ଡ ଭିତରକୁ ଠେଲି ଦେବାକୁ ଚେଷ୍ଟା କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଘଟଣା ସୀମା ପିଲର ନମ୍ବର ୧୦୬୭ ନିକଟରେ ଘଟିଛି। କିଛି ପ୍ରତ୍ୟକ୍ଷଦର୍ଶୀ ଦାବି କରିଛନ୍ତି ଯେ ଏହି ସମୟରେ ବିଏସଏଫ ପକ୍ଷରୁ ଚାରି ରାଉଣ୍ଡ ଗୁଳିଚାଳନା ମଧ୍ୟ କରାଯାଇଥିଲା। ତଥାପି, ବିଜିବି ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି ଏବଂ କହିଛି ଯେ ସେମାନେ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବରେ ପରିସ୍ଥିତିକୁ ପରିଚାଳନା କରିଛନ୍ତି। ସୀମା ପାର କରିବାକୁ ଚେଷ୍ଟା କରୁଥିବା ବେଳେ ଧରାପଡ଼ିଥିବା ଲୋକମାନେ ଏବେ ବି ନୋ-ମ୍ୟାନ୍ସ-ଲ୍ୟାଣ୍ଡରେ ଫସି ରହିଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ସେମାନେ ସମସ୍ତେ ଭାରତର ବନ୍ଦରବାନ ଜିଲ୍ଲାର ବାସିନ୍ଦା ହୋଇପାରନ୍ତି, କିନ୍ତୁ ବାଂଲାଦେଶ ଏପର୍ଯ୍ୟନ୍ତ ସେମାନଙ୍କର ନାଗରିକତା ନିଶ୍ଚିତ କରିନାହିଁ। ବିଜିବିର ଜମାଲପୁର ବାଟାଲିୟନ-୩୫ର ସହକାରୀ ନିର୍ଦ୍ଦେଶକ ଶାମସୁଲ ହକ କହିଛନ୍ତି ଯେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ଗୁଳିଚାଳନା ଖବର କେବଳ ଗୁଜବ। ସେ କହିଛନ୍ତି ଯେ ଶାନ୍ତି ବଜାୟ ରଖିବା ପାଇଁ ବିଜିବି ପତାକା ବୈଠକର ପ୍ରସ୍ତାବ ଦେଇଛି, କିନ୍ତୁ ଖବର ଲେଖାଯିବା ପର୍ଯ୍ୟନ୍ତ ବିଏସଏଫ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ।

# ବାଟ ନପାଇ ନଇଁଲା ପାକିସ୍ତାନ



ନୂଆଦିଲ୍ଲୀ : ଅପରେସନ୍ ସିନ୍ଦୂର ପ୍ରହାରରେ ପକିସ୍ତାନ ଅଣ୍ଟା ଭାଙ୍ଗିଯାଇଛି । ଆଉ କିଛି ବାଟ ନପାଇ ଶେଷରେ ମୁହଁଫୁଟାଣି ଛାଡ଼ି ଭାରତ ଆଗରେ ନଇଁଛି ବିଚରା ପାକିସ୍ତାନ । ଚାପରେ ଭାରତ ସହ ଆଲୋଚନା ପାଇଁ ମନ ବଳାଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ସରିଫ୍ । ଇରାନ୍ ଗସ୍ତ ଅବସରରେ କଶ୍ମୀର, ଆତଙ୍କବାଦ ଓ ଜଳ ସମସ୍ୟା ନେଇ ଆଲୋଚନା ପାଇଁ ପ୍ରସ୍ତାବ ରଖିବା ସହିତ ଶାନ୍ତି ଆଲୋଚନା ଚାହୁଁ ବୋଲି କହିଛନ୍ତି ଶହବାଜ । ବିଚରା ପାକିସ୍ତାନ ପାଖରେ ଆଉ କିଛି ଚାରା ନାହିଁ । ଯେତେ ମୁହଁ ଫୁଟାଣି ଦେଖାଇଲେ ବି ସତ କଣ ସେ ଜାଣିଛି । ଭାରତର ଅପରେସନ୍ ସିନ୍ଦୂର ପ୍ରହାର ତାର ଅଣ୍ଟା ଭାଙ୍ଗି ଦେଇଛି । ଭାରତୀୟ ସେନାର ପ୍ରଚଣ୍ଡ ମଜାଇ ମାଡ଼ରେ ଥରହର ପାକିସ୍ତାନ ଏବେ ଶାନ୍ତି ଆଲେଚନା ପାଇଁ କାନ୍ଦୁଛି । ପୁଣି ଭାରତ ଆଗରେ ମୁଣ୍ଡ ନୁଆଁଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ । ବାଣିଜ୍ୟ, ସୀମା ପ୍ରସଙ୍ଗରେ ବି ଆଲୋଚନା ଚାହୁଁଛୁ । କଶ୍ମୀର, ଆତଙ୍କବାଦ ଓ ସିନ୍ଧୁ ଜଳ ଶାନ୍ତି ସମେତ ସମସ୍ତ ମୁଦ୍ଦାରେ ଭାରତ ସହିତ ସିଧା ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ଇରାନ୍ରେ କହିଛନ୍ତି ପାକ୍ ପିଏମ୍ ଶହବାଜ ।

ଗୋଟିଏ ପଟେ ଭାରତକୁ ପାକିସ୍ତାନ ଧମକ ଦେଉଥିବା ନଜର ଆସୁଛି । ଆଉ ଗୋଟିଏ ପଟେ ଶାନ୍ତି ପାଇଁ କାନ୍ଦୁଥିବା ଦେଖିବାକୁ ମିଳିଛି । ବୁଦ୍ଧି ଶିଖିବା ପରେ ଏବେ ବାଟକୁ ଆସିଛି । ଏବେ ଇରାନ୍ରେ ପାକିସ୍ତାନ ପିଏମ୍ ଶହବାଜ ସରିଫ୍ ଭାରତ ସହ ଆଲୋଚନା କରିବାକୁ ଚାହୁଁଥିବା କହିଛନ୍ତି । ଇରାନ୍ ରାଷ୍ଟ୍ରପତି ମସୂଦ ପଜଶକିୟଙ୍କ ସହିତ ସଂଯୁକ୍ତ ପ୍ରେସ୍ କନଫରେନ୍ସରେ ଶହବାଜ କଶ୍ମୀର ମୁଦ୍ଦା ଏବଂ ଜଳ ସମେତ ସବୁ ବିବାଦକୁ ନେଇ କଥାବାର୍ତ୍ତା ପାଇଁ ପ୍ରସ୍ତାବ ଦେଇଛନ୍ତି । ପଡ଼ୋଶୀ ସହ ବାଣିଜ୍ୟ ଓ ଆତଙ୍କବାଦ ମୁଦ୍ଦା ଉପରେ କଥାବାର୍ତ୍ତା କରିବାକୁ ଚାହୁଁଛି ପାକିସ୍ତାନ । ହେଲେ ଯଦି ସେମାନେ (ଭାରତ) ଆକ୍ରାମକ ରହିବେ ତେବେ ଆମେ ଆମର କ୍ଷେତ୍ରକୁ ସୁରକ୍ଷା ଦେବୁ । ଯେପରି ଆମେ ପୂର୍ବରୁ କରିଥିଲୁ ସେମିତି କରିବୁ । ଯଦି ଭାରତ ଆମ ଶାନ୍ତି ପ୍ରସ୍ତାବରେ ରାଜି ହୁଏ ତେବେ ଆମେ ଦେଖାଇଦେବୁ କି ଗମ୍ଭୀରତା ଓ ଆନ୍ତରିକତାର ସହ ବାସ୍ତବରେ ଆମେ ଶାନ୍ତି ଚାହୁଁ । ଭାରତ ସ୍ପଷ୍ଟ ଭାବରେ କହିଛି କି, ପାକିସ୍ତାନ କେବଳ ପାକ୍ କବଜା କଶ୍ମୀରକୁ ଫେରି ପାଇବାକୁ ଏବଂ ଆତଙ୍କବାଦ ମୁଦ୍ଦା ଉପରେ ହିଁ କଥାବର୍ତ୍ତା କରିବ । ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ପାକିସ୍ତାନକୁ ମହଙ୍ଗା ପଡିଛି । ଏପ୍ରିଲ୍ ୨୨ରେ ହୋଇଥିବା ଭୟଙ୍କର ପହଲଗାମ ଆତଙ୍କୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା । ଆତଙ୍କୀସ୍ଥାନ ଉପରେ ପ୍ରତିଶୋଧ ନେବାକୁ ଭାରତ 'ଅପରେସନ୍ ସିନ୍ଦୂର' ଲଞ୍ଚ କରିଥିଲା । ଯେଉଁଥିରେ ୧୦୦ ଆତଙ୍କୀ ନିପାତ ହୋଇଥିଲେ । ପାକ୍ ଓ ପିଓକେରେ ୯ ଆତଙ୍କୀ ଆଡ୍ଡା ମାଟିରେ ମିଶିଥିଲା ।

cmyk cmyk cmyk

# ମୌସୁମୀ ପୂର୍ବରୁ ନାଳ ସଫେଇ ନେଇ ବୈଠକ



ବ୍ରହ୍ମପୁର: ମୌସୁମୀ ପୂର୍ବରୁ ନାଳ ସଫେଇ ନେଇ ବିଏମ୍‌ସି ଓ ଡ୍ରେନେଜ୍ ଡିଭିଜନ୍‌ର ଜରୁରୀ ବୈଠକ ହୋଇଛି । ବୈଠକର ନିଷ୍ପତ୍ତି ଅନୁସାରେ ଦୁଇ ବିଭାଗର ଯନ୍ତ୍ରୀଙ୍କୁ ନେଇ ଗଠିତ ଜଏଣ୍ଟ୍ କମିଟି ଗଠନ ହୋଇଛି । କମିଟି ଦୁଇ ଦିନ ଭିତରେ ପ୍ରାକୃତିକ ନାଳ ଅନୁଧ୍ୟାନ କରିବେ । ଆଜି ବିଏମ୍‌ସି ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର ଏବଂ ଡ୍ରେନେଜ୍ ଡିଭିଜନ୍ ଅଧୀକ୍ଷଣ ଯନ୍ତ୍ରୀ ବିଷ୍ଣୁପ୍ରସାଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୁଗ୍ମ ଟିମ୍ ଖୋଡ଼ାସିଙ୍ଗି, ସରଧାବାଲି, ରାଜୀବନଗର, ଅଲେଖନଗର, ଅଳକାପୁରୀ ଆଦି ଅଞ୍ଚଳ ଗସ୍ତ କରିଛନ୍ତି । ବୁଧବାର ଅବଶିଷ୍ଟ ଅଞ୍ଚଳ ବୁଲି ପ୍ରାକୃତିକ ନାଳ ସଫେଇ ତଦାରଖ କରିବେ । ତେବେ ଆଜି ବାହାନା ନାଳ ଅନୁଧ୍ୟାନ ସମୟରେ ଅନେକ ସ୍ଥାନରେ ଜବରଦଖଲ, ନାଳ ହୁଡ଼ାରେ ବୃହତ ଗଛ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ଥିବା ଚିହ୍ନଟ କରାଯାଇଛି । ଦୁଇ ଦିନ ଭିତରେ ଜବରଦଖଲ ସ୍ଥାନ ଚିହ୍ନଟ ଏବଂ ତାର ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ । ଏହା ପରେ ଜବରଦଖଲ ହଟାଇବା କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଆଜିର ବୈଠକରେ ମେୟର ସଂଘମିତ୍ରା ଦଳେଇ, କମିଶନର ଭବାନୀ ଶଙ୍କର ମିଶ୍ର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଓ ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ୍ କମିଶନର୍ ବିକ୍ରମ ଷୁଣ୍ଢି, ବିଏମ୍‌ସି ନିର୍ବାହ ଯନ୍ତ୍ରୀ ଏମ୍ ନାଗେଶ୍ୱର ରାଓ ସୁବୁଦ୍ଧି ଓ ସୁଶାନ୍ତ ଡୁଡୁଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପାରାଦ୍ୱୀପ ଦ୍ୱାରା ଅସହାୟ ମହିଳାଙ୍କୁ ଜରିପାଲ ପ୍ରଦାନ



ପାରାଦୀପ, (ପିପିଏସ୍): ପାରାଦୀପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପାରାଦ୍ୱୀପ ଦ୍ୱାରା ୧୯ ନମ୍ବର ୱାର୍ଡ ରେ ରହୁଥିବା ଜଣେ ଅସହାୟ ମହିଳା ବାସନ୍ତୀ ମାନ୍ନା ଙ୍କୁ ଜରି ପାଲ ପ୍ରଦାନ କରାଯାଇଛି । ବର୍ଷା ଦିନରେ ଘରେ ପାଣି ପଶି ଯାଉଥିବାରୁ ମହିଳା ଜଣଙ୍କ ଚଳିବା କଷ୍ଟକର ହୋଇପଡୁଥିଲା । ଖବର ପାଇ ଅସହାୟ କଲ୍ୟାଣ ସମିତି ର ସମସ୍ତ ସଦସ୍ୟ ଓ ସଦସ୍ୟା ସମ୍ପୃକ୍ତ ମହିଳା ଙ୍କ ପାଖରେ ପହଞ୍ଚି ତାଙ୍କ ଘର ପାଇଁ ଜରି ପାଲ ପ୍ରଦାନ କରିଥିଲେ । ଏଥିରେ ସହଯୋଗ କରିଥିବା ସମିତି ର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର, ସଭାପତି ପଞ୍ଚାନନ ବେହେରା,ଉପ ସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହସମ୍ପାଦକ କୈଳାଶ ଗୋଛାୟତ, ରଶ୍ମିତା ସାହୁ, ସୂର୍ଯ୍ୟ ଶିଖା ପଟ୍ଟନାୟକ,ରୀନା ମଲ୍ଲିକ, ମମତା ବିଶ୍ୱାଳ, ରୁନିଆ ଜେନା, ରାଜକିଶୋର ପଲାଉରୀ, ପ୍ରେମଲତା ବାରିକ ପ୍ରମୁଖ ଉପସ୍ଥିତ ରହି ଅସହାୟ ମହିଳାଙ୍କୁ ଜରି ପାଲ ପ୍ରଦାନ କରିଥିଲେ । ତେବେ ଆଗାମୀ ଦିନରେ କଲ୍ୟାଣ ସମିତି ପକ୍ଷରୁ ଅସହାୟ ଙ୍କୁ ଏହିପରି ସହଯୋଗ କରାଯିବ ବୋଲି ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି ।

# ସିଏମ୍ ଟ୍ରଫିରେ ଅଂଶ ଗ୍ରହଣ ପାଇଁ କେନ୍ଦ୍ରାପଡ଼ାରୁ ଗଲେ ୨୨ ଖେଳାଳି

କେନ୍ଦ୍ରାପଡ଼ା,(ପିପିଏସ୍): ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସିଏମ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ଆଜି କେନ୍ଦ୍ରାପଡ଼ାରୁ ୨୨ ଜଣିଆ ଦଳ ସହିତ କୋଚ୍ ଶରତ କୁମାର ଜେନା, ସହକାରୀ କୋଚ୍ ଏସ୍‌କେ ଅଜିମୁଦ୍ଦିନ ଏବଂ ମ୍ୟାନେଜର ମନୋଜ କୁମାର ଦାସ ଭୁବନେଶ୍ୱର ଗସ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ତାଙ୍କ ବାସଭବନରେ ଖେଳାଳିମାନଙ୍କ ସହିତ ମିଶିବା ସହିତ ତାଙ୍କୁ ଉତ୍ସାହିତ କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ସହିତ ଟ୍ରଫି ବିଜେତା ହେବାପାଇଁ ଜିଲ୍ଲାପାଳ ସଫଳ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ଆଥଲେଟିକ୍ ସଂଘର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସମେତ ଜିଲ୍ଲା ଆଥଲେଟିକ୍ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ପଣ୍ତୁଲା-ଖଣ୍ଡୁଆଳି ରାସ୍ତା ନିର୍ମାଣରେ ଅନିୟମିତତା



**ଯାଜପୁର /ରଗଡି(ପିପିଏସ ):** କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ପଣ୍ତୁଲା ଓ ତାହାରପୁର ପଞ୍ଚାୟତ ଖଣ୍ଡୁଆଳି ଛକ କୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ରେ ଅନିୟମିତତା ଦେଖିବାକୁ ମିଳିଛି ।ରାସ୍ତା ନିର୍ମାଣ ଆରମ୍ଭ ରେ ଯଦି ଏଭଳି ହୁଏ ତାହେଲେ ଆଗକୁ ରାସ୍ତା ନିର୍ମାଣ କିଭଳି ରହିବ ତାକୁ ନେଇ ପ୍ରଶ୍ନ ଉଠିଛି ।କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏହି କାମକୁ ନକରି ଜଣେ ପେଟି ଠିକାଦାର ଙ୍କ ହାତରେ ଟେକି ଦେଇଛନ୍ତି ।ଯାହା ଫଳରେ ସେ ନିଜ ଇଚ୍ଛା ମତେ କାମ କରୁଥିବା ଅଭିଯୋଗ ହୋଇଛି ।ରାସ୍ତା କଡ଼ରୁ ଏକାଧିକ ମେସିନ ବ୍ୟବହାର କରାଯାଇ ମାଟି ଉଠି ରାସ୍ତା ରେ ପଡୁଛି ।ଯାହା ଦ୍ୱାରା ଅଗାମି ଦିନରେବର୍ଷା ପାଣିରେ ମାଟି ଧୋଇଯାଇ ଖାଲ କୁ ଚାଲିଯିବାର ସମ୍ଭାବନା ରହିଛି ।ମାଟି ବାହାରୁ ଆଣି ରାସ୍ତା ରେ ପକାଯିବାର ନିୟମ ଥିଲେ ମଧ୍ୟ ଏହା ହେଉନାହିଁ ।ଏହା ଦ୍ୱାରା ସରକାରଙ୍କୁ ରାଜସ୍ୱ ହରାଇବାକୁ ପଡୁଛି ।ଏହି ଅର୍ଥ ସିଧାସଳଖ ଠିକାଦାର ଙ୍କ ପକେଟ କୁ ଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।ବିଭାଗୀୟ ଅଧିକାରୀ ମଧ୍ୟ କାମ ତଦାରଖ କରୁନଥିବା ଅଭିଯୋଗ ହୋଇଛି ।ରାସ୍ତା ନିର୍ମାଣ ପାଇଁ ୩କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବା ବେଳେ କାର୍ଯ୍ୟ ଆରମ୍ଭ ହେଲେ ରାସ୍ତା ନିର୍ମାଣ ର ସମସ୍ତ ବିବରଣୀ ଥାଇ ସୂଚନା ଫଳକ ଲାଗିବାର ନିୟମ ଥିଲା ବେଳେ ଏହା କରାଯାଇ ନାହିଁ ।ରାସ୍ତା ନିର୍ମାଣ ଆରମ୍ଭ ରୁ ଯଦି ଏଭଳି ଅବ୍ୟବସ୍ଥା ଦେଖାଦିଏ ତାହେଲେ କାମରେ କିଭଳି ସ୍ୱଚ୍ଛତା ରହିବ ତାହା ବାରି ହୁଏ । ଅନ୍ୟପକ୍ଷେ ରାସ୍ତା ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଖଣ୍ଡୁଆଳି ଛକ ନିକଟରେ ଥିବାଏକାଧିକ ଆଦିବାସୀ ପରିବାରକୁ ଥଇଥାନକରାଯିବା ର ଆବଶ୍ୟକତା ରହିଛି ।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ସବୁ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# କେନ୍ଦ୍ରାପଡ଼ା ରେସିଡେନସିଆଲ କଲେଜର ବିପୁଳ ସଫଳତା

କେନ୍ଦ୍ରାପଡ଼ା,(ପିପିଏସ):ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କେନ୍ଦ୍ରାପଡ଼ା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିପୁଳ ସଫଳତା ହାସଲ କରିଛି ।କଲେଜରେ ପଢୁଥିବା ୧୪୫ ପିଲାଙ୍କ ମଧ୍ୟରୁ ୯୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।୨୦ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ରଖି ରେକର୍ଡ ସୃଷ୍ଟି କରିଛନ୍ତି ।୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କଲେଜ ପାଇଁ ଗୌରବ ଅର୍ଜନ କରିଛନ୍ତି ।ଅମରନାଥ ଶତପଥୀ ସର୍ବାଧିକ ୫୬୪ ନମ୍ବର ରଖି ବିଜ୍ଞାନ ବିଭାଗରେ ଜିଲ୍ଲାର ଦ୍ୱିତୀୟ ସ୍ଥାନ ଓ କେନ୍ଦ୍ରାପଡ଼ା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ବର୍ଷା ପ୍ରୀୟଦର୍ଶିନୀ ପତ୍ରୀ(୫୬୧),ଅନିଶା ସୁଆର(୫୫୯),ଇଶ୍ରିତା ପ୍ରିୟଦର୍ଶିନୀ(୫୪୮), ସୋନାଲିକା ପାଢ଼ୀ (୫୪୬),ବଳରାମ ମଲ୍ଲିକ(୫୪୫), ଏସ.କେ ଆସିବୁଦ୍ଦିନ(୫୪୨) ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ଭାସ୍କର ଚନ୍ଦ୍ର ଦାସ,ଅଧ୍ୟକ୍ଷ ଡକ୍ଟର ବିନାୟକ ଦାସ,ଅଧ୍ୟାପକ ନିତ୍ୟାନନ୍ଦ ଦାସ,ନିରଞ୍ଜନ ପତି ପ୍ରମୁଖ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ପଣ୍ଡିତ ଜବାହରଲାଲ ନେହରୁଙ୍କ ମହାପ୍ରୟାଣ ଦିବସ ପାଳିତ



ପାରାଦ୍ୱୀପ - ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଙ୍କ ମହାପ୍ରୟାଣ ଦିବସ ପାରାଦ୍ୱୀପ ସ୍ଥିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ମଇ ୨୭ ତାରିଖ ମଙ୍ଗଳବାର ସକାଳେ ଟ୍ରଷ୍ଟ ପକ୍ଷରୁ କୁମ୍ଭୀର ପାର୍କ ଠାରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏଥି ସହିତ ପାରାଦ୍ୱୀପ ନଗର କଂଗ୍ରେସ କାର୍ଯ୍ୟାଳୟ ରେ ଆୟୋଜିତ ସ୍ମୃତି ସଭାରେ ନେହେରୁ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଧୂପ ଦୀପ ପ୍ରଜ୍ୱଳନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସରୋଜ କୁମାର ପ୍ରଧାନ ଓ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜଗନ୍ନାଥ ଶତପଥୀ, ତ୍ରିନାଥ ମହାନ୍ତି, କୃପାସିନ୍ଧୁ ଦାସ, ସୁଶାନ୍ତ କୁମାର ବାରିକ, ବିଜୟ କୁମାର ସେଠୀ, ସୁନାକର ସେଠୀ ପ୍ରମୁଖ ଯୋଗ ଦେଇ ପଣ୍ଡିତ ନେହେରୁଙ୍କ ଦେଶଭକ୍ତି, ତ୍ୟାଗ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ ।

# ବାଇକ୍ ଓ ସ୍କୁଟି ଧକ୍କାରେ ଜଣେ ଆରୋହୀ ମୃତ

ଯାଜପୁର /ବ୍ୟାସନଗର (ପିପିଏସ ) ବ୍ୟାସନଗର ସହରର ଚାନ୍ଦମା ଛକ ନିକଟରେ ମଙ୍ଗଳବାର ଅପରାହ୍ନ ରେ ଏକ କେ.ଟି.ଏମ ମଟର ସାଇକଲ ଧକ୍କା ଦେବାରୁ ଜଣେ ସ୍କୁଟି ଆରୋହୀ ଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି କୋରେଇ ଥାନା କହ୍ନେଇପୁର ଅଞ୍ଚଳର ଅମୂଲ୍ୟ ପାଣ ।

ସୂଚନା ମୁତାବକ ଅମୂଲ୍ୟ ଏକ ସ୍କୁଟି ରେ ଚାନ୍ଦମା ରୁ ଘରକୁ ଫେରୁଥିବା ବେଳେ ମୁଖ୍ୟ ରାସ୍ତା କୁ ବାହାରୁଥିବା ସମୟରେ ସହର ଭିତରୁ ରଗଡି ପଟକୁ ଦ୍ରୁତ ଗତିରେ ଆସୁଥିବା କେ.ଟି.ଏମ ଚାଳକ ଯୁବକ ମୟୁରଭଞ୍ଜ ସାତକୋଶିଆ ଅଞ୍ଚଳର ଗଣେଶ ନାୟକ ତାଙ୍କୁ ସମ୍ମୁଖ ପଟରୁ ଜୋର୍ ରେ ଧକ୍କା ଦେଇଥିଲେ । ଫଳରେ ଅମୂଲ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ଘଟଣା ସ୍ଥଳରେ ଯାଜପୁର ରୋଡ ଅଗ୍ନିଶମ ଆମ୍ବୁଲାନ୍ସ ପହଞ୍ଚି ଆହତ ଦ୍ୱୟ ଙ୍କୁ ତୁରନ୍ତ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ କ୍ଷ ମାତ୍ର ସେଠାରେ ଡାକ୍ତର ଅମୂଲ୍ୟ ଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ କୋରେଇ ପୁଲିସ ଦୁର୍ଘଟଣା ସ୍ଥଳରେ ଅନୁସନ୍ଧାନ ଆରମ୍ଭ କରିଛି ।

# ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ନେଇ ପାଣି ନମୁନା ସଂଗ୍ରହ

## ସଚେତନତା ସଭା କଲା ସ୍ୱାସ୍ଥ୍ୟ ଟିମ୍



ବ୍ରହ୍ମପୁର(ପିପିଏସ୍): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ ଆର୍ଯ୍ୟପଲ୍ଲୀ ଗ୍ରାମରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି । ଜଣେ ନାବାଳକଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ସୋମବାର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ.ସ୍ୱାଧୀନ କୁମାର ରଥ ସୂଚନା ଦେଇଥିଲେ । ତେବେ ଡେଙ୍ଗୁରେ ନୁହେଁ ଅନ୍ୟ କାରଣରୁ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ମୃତ୍ୟୁ ହୋଇଥିବା ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି । ଏବେ ୩ଜଣ ଡେଙ୍ଗୁ ରୋଗରେ ପୀଡିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଉ ଅନ୍ୟ ୫ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏନେଇ ମଙ୍ଗଳବାର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ.ସ୍ୱାଧୀନ କୁମାର ରଥଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ପହଞ୍ଚି ଗ୍ରାମର ବିଭିନ୍ନ ସ୍ଥାନରେ ଜମି ରହିଥିବା ୫ଟି ସ୍ଥାନରୁ ପାଣି ଗୁଡିକର ନମୁନା ସଂଗ୍ରହ କରିଛନ୍ତି । ଏହି ନମୁନା ଗୁଡିକୁ ଲ୍ୟାବ୍‌କୁ ପଠାଯିବ ବୋଲି ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ୱାଧୀନ ରଥ ସୂଚନା ଦେଇଛନ୍ତି । ପରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସରପଞ୍ଚ ଏମ୍.ଗୁମାଲି, ଅଗସ୍ତି ନୂଆଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବେନ୍ଦ୍ର ମିଶ୍ର, ସମ ହସ୍ପିଟାଲର ଡାକ୍ତର ଦେବ ପ୍ରସାଦ ଦାଶ, ଲାବ୍ ଟେକନିସିଆନ ଡ଼ଃ.ନିତିନ ମୋହନ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ଆଶା କର୍ମୀ ମାନେ ପହଞ୍ଚି ଏହି ରୋଗ ଯେପରି ଆଗକୁ ଅଧିକ ନ ବ୍ୟାପିବ ସେନେଇ ଲୋକଙ୍କୁ ସଚେତନ କରିବା ସହିତ ଏହାର ମୂଳ ଉତ୍ପାଟନ ପାଇଁ ପରିବେଶ ସଫେଇ ରଖିବା ସହିତ ହଠାତ୍ ଏହାର କିଛି ଲକ୍ଷଣ ଦେଖାଗଲେ ସରକାରୀ ଚିକିତ୍ସାଳୟରେ ଚିକିତ୍ସା କରିବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ ।

# ବିଜ୍ଞାନରେ ବ୍ଲକର ଟପ୍ପରଙ୍କ ପାଇଁ ସମ୍ବର୍ଦ୍ଧନା

କଳିଙ୍ଗନଗର(ପିପିଏସ ): ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି । ଦାନଗଦି ସ୍ଥିତ ଷ୍ଟିଲ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବ୍ଲକ ସ୍ତରରେ ଛଜଣ ଟପର ହୋଇଛନ୍ତି । ସ୍କୁଲ ପରିସରରେ ଏହି ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି ।ଚଳିତ ବର୍ଷ ଷ୍ଟିଲ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର କଳ୍ପତରୁ ନାୟକ ୫୩୬ (୮୯.୩) ପ୍ରତିଶତ ମାର୍କ ରଖି ବ୍ଲକ ଟପ୍ପର ସାଜିଥିବା ବେଳେ ସୋମନାଥ ମହାନ୍ତ (୫୧୯), ସିଦ୍ଧିତା ସର୍ବପୂଜ୍ୟ ବ୍ରହ୍ମ (୫୧୧),ବିଶ୍ୱେଶ୍ୱର ସାହୁ(୪୯୨),ଶୁଭଶ୍ରୀ ସାହୁ (୪୮୬),ଅମିତ୍ କୁମାର ମହାନ୍ତ (୪୬୬) ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି ।ଏହିପରି ସମସ୍ତ ଛାତ୍ରଛାତ୍ରୀ ପାସ୍ କରି ଶତପ୍ରତିଶତ ସଫଳତା ହାସଲ କରିଛନ୍ତି ।ଏହି ଷ୍ଟିଲ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉନ୍ନତମାନର ତଥା ଆଧୁନିକ ଶୈଳୀରେ ଶିକ୍ଷାଦାନ ପାଇଁ ଚର୍ଚ୍ଚା ରେ ଥିବା ଏହି ଅନୁଷ୍ଠାନ ଦୀର୍ଘ ୧୩ ବର୍ଷ ଧରି ସଫଳତାର ପାହାଚ ଚଢ଼ି ଚାଲିଛି । ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ସୁବୋଧ କୁମାର ବେହେରା ଓ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା ମାୟାଧର ଜେନା,ମନୋରମା ସେନାପତି, ଚିତ୍ତରଞ୍ଜନ ମଲ୍ଲିକ ଏବଂ ଅଭିଭାବକ ସେମାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରିଛନ୍ତି ।

# ବିଜ୍ଞାନ ଯୁକ୍ତ ଦୁଇ ଓଡ଼ିଶା ଟପ୍ପର ବିନିତଙ୍କୁ ବିଧାୟକଙ୍କ ଶୁଭେଚ୍ଛା

**ରଘୁନାଥପୁର,(ପିପିଏସ୍):** ଚଳିତ ଯୁକ୍ତ ଦୁଇ ବିଜ୍ଞାନ ଫଳ ପ୍ରକାଶ ହେବାପରେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ଗ୍ରାମର ବିଜୟାନନ୍ଦ ମହାନ୍ତିଙ୍କ ପୁତ୍ର ବିନିତ ମହାନ୍ତି ଯୁକ୍ତ ଦୁଇ ବିଜ୍ଞାନରେ ଓଡିଶା ଟପର ହୋଇ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି । ଏହି ପରିପେକ୍ଷିରେ ବିନିତଙ୍କ ସଫଳତା ପାଇଁ ପ୍ରତିଦିନ ତାଙ୍କ ବାସଭବନକୁ ବିଭିନ୍ନ ଅନୁଷ୍ଠାନ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କଶୁଭେଚ୍ଛାର ସ୍ରୋତ ଛୁଟୁଥିବାବେଳେ ରବିବାର ସ୍ଥାନୀୟ ବିଦାୟକ ଡା ରମାକାନ୍ତ ଭୋଇଙ୍କ ସହିତ ସଂଜୀବି କୁମାର ଦାସ, ଚିତରଞ୍ଜନ ଦାସ ଓ ସୁବୋଧ କୁମାର ଜେନା ପ୍ରମୁଖ ବିଜୟାନନ୍ଦଙ୍କ ବାସଭବନରେ ପହଞ୍ଚି ପୁତ୍ର ବିନିତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଶୁଭେଚ୍ଛା ଜଣାଇବା ସହିତ ଜଗନ୍ନାଥଙ୍କ ନିକଟରେ ବିନିତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଗ୍ରୀଷ୍ମ କାଳୀନ ଶିବିର ଉଦ୍‌ଯାପିତ



**ବ୍ରହ୍ମପୁର(ପିପିଏସ୍):** ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିର ଚଳିତ ମାସ ୭ତାରିଖରୁ ଆରମ୍ଭ ହୋଇଥିଲା । ଦୀର୍ଘ ୨୧ଦିନ ଧରି ଏଥଲେଟିକ, ଫୁଟବଲ୍ ଓ ବାସ୍କେଟବଲ ଖେଳର ପ୍ରଶିକ୍ଷଣ ଖେଳାଳି ମାନଙ୍କୁ ଦିଆଯାଉଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡ.ଶ୍ରାବଣ ବିବେକ ଏମ୍ ଏବଂ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ । ଏଥିସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ମାନେ ଯୋଗ ଦେଇଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବାରିପଦା, (ପିପିଏସ୍) : ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ଭ୍ରଷ୍ଟାଚାରୀ ଦୁର୍ନୀତିଖୋର ଙ୍କ ଦୌରାତ୍ମ୍ୟା ବଢ଼ିବାରେ ଲାଗିଛି । ପୂର୍ବରୁ ଅନେକ ଥର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅମାନୁଷିକ ଭାବେ ମାଡ ମାରିବା ଘଟଣା ନଜିର ରହିଥିବା ବେଳେ ପୁଣି ଆଉ ଏକ ଘଟଣା ସାରା ଓଡ଼ିଶାରେ ଚହଳ ଖେଳାଇଦେଇଛି । ପୁଣି ଥରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥୋପାଲ୍ଲୀରେ ବଡ଼ ଖବର ଗଣମାଧ୍ୟମର ପ୍ରତିନିଧି ବିଜୟ ପ୍ରଧାନଙ୍କୁ ଗୋଡ଼ ହାତ ବାନ୍ଧି ବର୍ବରଚିତ ଆକ୍ରମଣ କରିବା ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ଉତ୍ତେଜନା ଦେଖା ଦେଇଛି । ଜଣେ ବରିଷ୍ଠ ସାମ୍ବାଦିକ ଙ୍କୁ ହାତ ଗୋଡ ବାନ୍ଧି ଅମାନୁଷିକ ଭାବେ ମୁହଁକୁ ଗୋଇଁଠା ମାରିବ ଦୃଶ୍ୟ ଅତି ନିନ୍ଦନୀୟ ଏନେଇ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଘଟଣାର ତିନି ଦିନ ବିତିଯିବା ପରେ ମଧ୍ୟ ମୂଖ୍ୟ ଅଭିଯୁକ୍ତ ଠିକାଦାର ଲଜେନ୍ଦ୍ର ବଜେଇକୁ ବଲାଙ୍ଗୀର ପୁଲିସ ଧରିବାରେ ସକ୍ଷମ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ଆଜି ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତଥା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଗଲାଥିଲା । ଏହି ଦାବିପତ୍ରରେ ବିଶେଷ କରି ମୂଖ୍ୟ ଆସାମୀକୁ ଗିରଫ କରାଯିବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ତଥା ମୁକ୍ତ ସାମ୍ବାଦିକତାକୁ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ ନେଇ ଦାବି କରିଥିଲେ କାର୍ଯ୍ୟରତ ମୟୂରଭଞ୍ଜ ସାମ୍ବାଦିକ । ଏହି କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୋନଜ ପଣ୍ଡା, ଅକ୍ଷୟ ଅଗ୍ରୱାଲ, ସୁକାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ଲକି ଜେନା, ସୁକାନ୍ତ ଜିୟୁ, କବି ବିଷ୍ଣୁ ଶତପଥୀ, ରାଧାଶ୍ୟାମ ପ୍ରଧାନ ବିଶ୍ୱଜିତ୍ ମହାନ୍ତି, ରୁପମ ସ୍ୱାଇଁ, ଅବିନାଶ ମହାନ୍ତି, ତପନ ଦଣ୍ଡପାଟ, ଚିତ୍ତରଂଜନ ବେହେରା, ଦଳଗୋବିନ୍ଦ ନାଏକ, ସଞ୍ଜୟ କୁମାର ବାରିକ, ଦୀପକ ମୁଦୁଲି, ଭକ୍ତିରଂଜନ ପଣ୍ଡା ସମେତ ଜିଲ୍ଲାର କୋଣ ଅନୁକୋଣରେ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।


## ଓଡ଼ିଶା ସରକାର
### ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
### ଜାରକା ଜଳସେଚନ ବିଭାଗ

ଇମେଲ – eeidjaraka@yahoo.com


**"e" Procurement Notice**
**Bid Identification No – JKID-01/2025-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : Irrigation Project Works as per DTCN |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୨୯ (ଅଂଟିରିଶ ଗୋଟି କାର୍ଯ୍ୟ) |
| 3 | ଅଟକଳ ମୂଲ୍ୟ | : ୧୨.୭୭ଲକ୍ଷ ରୁ ୫୨.୧୨ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : କ୍ର.ନଂ. ୧ ରୁ ୨୯ ୯୦ ଦିନ । |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା |
| | II. ଅନଲାଇନ Bidding ର ସମୟସୀମା | : ତା ୩୦.୦୫.୨୦୨୫ ଦିବା ୧୧ ଘଟିକା ରୁ ତା ୧୦.୦୬. ୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ । |
| | III. Technical ଏବଂ Financial bid ଖୋଲାଯିବା ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୧୧.୦୬. ୨୦୨୫ ଦିବା ୧୧.୦୦ ଘଟିକା |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ , ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା ୧୮.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ। |

Further details can be seen from the Govt. web site www.tendersorissa.gov.in.

Sd/-
ଅଧିକ୍ଷଣ ଯନ୍ତ୍ରୀ
ଜାରକା ଜଳସେଚନ ବିଭାଜନ,ଜାରକା

A-224 OIPR-32098/11/0008/2526




# ଆଇପିଏଲ୍ ମହାସମର: ଇତିହାସ ରଚିଲେ ସୂର୍ଯ୍ୟକୁମାର




ମୁମ୍ବାଇ: ସୂର୍ଯ୍ୟକୁମାର ଯାଦବ ଆଇପିଏଲରେ ଇତିହାସ ସୃଷ୍ଟି କରିଛନ୍ତି। ସେ ପଞ୍ଜାବ କିଙ୍ଗସ୍ ବିପକ୍ଷ ମ୍ୟାଚ୍‌ରେ ୧୭ ରନ୍ କରି ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ପ୍ରକୃତରେ, ପଞ୍ଜାବ ବିପକ୍ଷ ମ୍ୟାଚ୍ ପୂର୍ବରୁ, ସୂର୍ଯ୍ୟ ଏହି ସିଜିନରେ ୫୮୩ ରନ କରିଥିଲେ ଏବଂ ୧୭ ରନ କରିବା ପରେ, ସେ ଆଇପିଏଲ ୨୦୨୫ରେ ୬୦୦ ରନ ଛୁଇଁବାରେ ତୃତୀୟ ଖେଳାଳି ହୋଇଥିଲେ। ସେହି ସମୟରେ, ସେ ସର୍ବାଧିକ ଥର ପାଇଁ ଗୋଟିଏ ସିଜିନରେ ୬୦୦ରୁ ଅଧିକ ରନ କରିବାରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ସୂର୍ଯ୍ୟକୁମାର ଆଇପିଏଲ ଇତିହାସରେ ପ୍ରଥମ ଖେଳାଳି ହୋଇଛନ୍ତି ଯିଏ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି ଗୋଟିଏରୁ ଅଧିକ ସିଜିନରେ ୬୦୦ରୁ ଅଧିକ ରନ କରିଛନ୍ତି। ପ୍ରକୃତରେ, ଏପର୍ଯ୍ୟନ୍ତ ସୂର୍ଯ୍ୟ ଏବଂ ସଚିନ ତେନ୍ଦୁଲକର ଏମଆଇ ପାଇଁ ଖେଳି ଗୋଟିଏ ଆଇପିଏଲ ସିଜିନରେ ଥରେ ୬୦୦ରୁ ଅଧିକ ରନ କରିଛନ୍ତି। ଏବେ ସୂର୍ଯ୍ୟ ଏମଆଇ ପାଇଁ ଖେଳି ୨ଟି ଭିନ୍ନ ସିଜନରେ ୬୦୦ରୁ ଅଧିକ ରନ କରିବାର ସଫଳତା ହାସଲ କରିଛନ୍ତି। ସୂର୍ଯ୍ୟକୁମାର ଯାଦବ ସଚିନ ତେନ୍ଦୁଲକରଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି କାରଣ ସଚିନ ୨୦୧୦ ଆଇପିଏଲରେ ୬୧୮ ରନ କରିଥିଲେ। ଏହା ପରେ, ସେ ତାଙ୍କ ଆଇପିଏଲ ଅବସର ପର୍ଯ୍ୟନ୍ତ କୌଣସି ସିଜିନରେ ୬୦୦ ରନ ଛୁଇଁପାରି ନଥିଲେ। ଅନ୍ୟପକ୍ଷରେ, ସୂର୍ଯ୍ୟଙ୍କ ବିଷୟରେ କହିବାକୁ ଗଲେ, ସେ ଆଇପିଏଲ ୨୦୨୩ରେ ୬୦୫ ରନ କରିଥିଲେ। ଏବଂ ଆଇପିଏଲ ୨୦୨୫ରେ, ସେ ପୁଣି ଥରେ ଏହି କୃତିତ୍ୱ ହାସଲ କରିଛନ୍ତି।

# ରାଗିଲେ କ୍ୟାପଟେନ କୁଲ୍



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ ଚେନ୍ନାଇ ସୁପର କିଙ୍ଗ୍ସର ଯାତ୍ରା ଶେଷ ହୋଇଛି। ଚଳିତ ସିଜନ ଚେନ୍ନାଇ ସୁପର କିଙ୍ଗ୍ସର ପାଇଁ ନଥିଲା କହିଲେ ଚଳେ। ଲିଗ୍ ପର୍ଯ୍ୟାୟରେ ଖେଳାଯାଇଥିବା ୧୪ଟି ମ୍ୟାଚ୍ ମଧ୍ୟରୁ ସିଏସକେ ୧୦ଟିରେ ପରାସ୍ତ ହୋଇଥିଲା। ଫଳରେ ଦଳ ଆଇପିଏଲ ପ୍ଲେଅଫ୍ ଦୌଡ଼ରୁ ବାଦ ପଡ଼ି ଯାଇଥିଲା। ମ୍ୟାଚ ସମୟରେ ଋତୁରାଜ ଗାୟକୱାଡ ଆଘାତ ଯୋଗୁଁ ଖେଳି ପାରି ନଥିବା ବେଳେ ଏମଏସ ଧୋନି ଦଳର ଦାୟିତ୍ୱ ନେଇଥିଲେ। କିନ୍ତୁ ଚଳିତ ଆଇପିଏଲ ସିଜନରେ ସେ ତାଙ୍କ ଜଲୱା ଦେଖାଇ ପାରି ନଥିଲେ। ଶେଷ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସର ଏକ ଭିନ୍ନ ଫର୍ମ ଦେଖିବାକୁ ମିଳିଥିଲା। ଶୀର୍ଷ ସ୍ଥାନରେ ଥିବା ଦଳ ଗୁଜରାଟ ଟାଇଟାନ୍ସକୁ ୮୩ ରନରେ ପରାସ୍ତ କରି ଟିମ ଏକ ବିଶାଳ ବିଜୟ ହାସଲ କରିଥିଲା। ଡେଭନ୍ କନୱେ (୫୨) ଏବଂ ଡେୱାଲ୍ଡ ବ୍ରୁଇସ୍ (୫୭)ଙ୍କ ବିସ୍ଫୋରକ ଇନିଂସ ବଳରେ ସିଏସକେ ୨୩୦ ରନର ବିଶାଳ ସ୍କୋର କରିଥିଲା ଏବଂ ଚମତ୍କାର ବୋଲିଂ କରି ଗୁଜରାଟକୁ ୧୪୭ ରନରେ ଅଲଆଉଟ୍ କରିଥିଲା।ଏହି ମ୍ୟାଚରେ ଏମିତି ଏକ ମୁହୂର୍ତ୍ତ ଆସିଥିଲା ଯେତେବେଳେ 'କ୍ୟାପଟେନ୍ କୁଲ୍' ଏମଏସ ଧୋନି ନିଜ ଖେଳାଳିଙ୍କ ଉପରେ ରାଗି ଯାଇଥିଲେ। ଧୋନି ଗୁଜୁରାଟ ବିପକ୍ଷରେ ଖେଳ ସମୟରେ କ୍ଲାନ୍ତ ଏବଂ କ୍ରୋଧିତ ଦେଖାଯାଉଥିଲେ। ପଡ଼ିଆ ମଝିରେ ଧୋନି ଅଲରାଉଣ୍ଡର ଶିବମ ଦୁବେ ଏବଂ ଶ୍ରୀଲଙ୍କାର ବୋଲର ମଥିଶା ପାଥିରାନାଙ୍କ ଉପରେ ରାଗି ଯାଇଥିବା ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି। କାରଣ ଯେତେବେଳେ ଧୋନି ରବିନ୍ଦ୍ର ଜାଡେଜାଙ୍କ ଓଭର ପୂର୍ବରୁ ଫିଲ୍ଡିଂ କରୁଥିଲେ, ଏହି ଦୁଇଜଣ ଖେଳାଳି ତାଙ୍କ କଥା ଶୁଣୁ ନଥିଲେ।

# ସୁଟିଂ ବିଶ୍ୱକପ୍: ତେଜସ୍ୱିନୀ ସାୱନ୍ତଙ୍କୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ: ଜର୍ମାନୀର ସୁଲ୍‌ଠାରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍ ସୁଟିଂରେ ଭାରତୀୟ ସୁଟର ତେଜସ୍ୱିନୀ ୨୫ ମିଟର ମହିଳା ପିସ୍ତଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୮ପ୍ରତିଯୋଗୀ ବିଶିଷ୍ଟ ଫାଇନାଲ୍ ?ରେ ୫୦ ସଟ୍‌ରୁ ୩୧ ପଏଣ୍ଟ୍ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିଲେ ସେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ସ୍ଥାନରେ ରହି ଫାଇନାଲ୍‌କୁ ଯାଇଥିଲେ ତେଜସ୍ୱିନୀ। ମହିଳା ୨୫ ମିଟର ପିସ୍ତଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟ ତିନି ଭାରତୀୟ ରିୟା ଶିରିଶ ଥାଟେ, ନମ୍ୟା କାପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫, ୧୮ ଓ ୨୪ତମ ସ୍ଥାନରେ ରହି ନିରାଶ କରିଥିଲେ। କନିଷ୍ଠ ସୁଟରଙ୍କର ଏହି ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ୧୧ ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି।

# ଆଇପିଏଲ୍ ଫାଇନାଲ: ତିନି ସେନା ମୁଖ୍ୟଙ୍କୁ ନିମନ୍ତ୍ରଣ



ନୂଆଦିଲ୍ଲୀ : ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଉତ୍ସବ ଜୁନ ୩ରେ ଅହମଦାବାଦରେ ହେବ। ଏଥିରେ ଯୋଗଦାନ କରିବା ଲାଗି ଦେଶର ୩ ସେନାମୁଖ୍ୟଙ୍କୁ ନିମନ୍ତ୍ରଣ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ନିକଟରେ ଅପରେଶନ ସିନ୍ଦୂରରେ ବୀରତ୍ୱର ପରାକାଷ୍ଠା ଦେଖାଇଥିବାରୁ ସେମାନଙ୍କୁ ସମ୍ମାନିତ କରାଯିବ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏକ ଗଣମାଧ୍ୟରେ ଏହି ବିଷୟ ଘୋଷଣା କରିଛନ୍ତି। କେବଳ ୩ ସେନା ମୁଖ୍ୟଙ୍କୁ ନୁହେଁ ବିଭାଗର କେତେଜଣ ଉଚ୍ଚ ପଦସ୍ଥ ଅଧିକାରୀ ଓ ସୈନିକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି।

# କ୍ୱାଲିଫାୟର-୧ରେ ଖେଳିବ ପଞ୍ଜାବ



ଜୟପୁର: ୫ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ୭ ୱିକେଟ୍‌ରେ ପରାସ୍ତ କରି ପଞ୍ଜାବ କିଙ୍ଗ୍ସ ପଏଣ୍ଟ୍ ଟେବୁଲ୍ ଶୀର୍ଷକୁ ଉଠିବା ସହ ୧/୨ ସ୍ଥାନରେ ରହିବା ନିଶ୍ଚିତ କରିଛି। ଏଥିସହ ଗୁରୁବାର କ୍ୱାଲିଫାୟାର-୧ରେ ଖେଳିବା ମଧ୍ୟ ସ୍ପଷ୍ଟ ହୋଇଛି। ପରାଜୟ ସହ ମୁମ୍ବାଇ ଚତୁର୍ଥ ସ୍ଥାନରେ ରହିବା ବି ନିଶ୍ଚିତ ହୋଇଛି। ଯୋଜନାହୀନ ଭାବେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୧୮୪ ରନ୍‌ରେ ସୀମିତ ରହିଯାଇଥିଲା। ୧୮୫ ରନ୍‌ର ଲକ୍ଷ୍ୟକୁ ହାସଲ କରିବା ପଞ୍ଜାବ କିଙ୍ଗ୍ସ ପାଇଁ ଆଦୌ କଷ୍ଟକର ହୋଇନଥିଲା। ଯୁବ ତାରକା ପ୍ରିୟାଂଶ ଆର୍ଯ୍ୟ (୩୫ ବଲ୍‌ରୁ ୬୨ ରନ୍) ଏବଂ ଜୋସ୍ ଇଙ୍ଗଲିସ୍ (୪୨ ବଲ୍‌ରୁ ୭୩ ରନ୍)ଙ୍କ ଅର୍ଦ୍ଧଶତକ ପାଳି ପଞ୍ଜାବ ପାଇଁ ଯଥେଷ୍ଟ ହୋଇଥିଲା। ମଙ୍ଗଳବାର ଶେଷ ଲିଗ୍‌ରେ ଆରସିବି-ଏଲ୍‌ଏସ୍‌ଜି ମୁହାଁମୁହିଁ ହେବେ। ଆରସିବି ବିଜୟୀ ହେଲେ ପଞ୍ଜାବକୁ କ୍ୱାଲିଫାୟାର-୧ରେ ଭେଟିବ। ହାରିଗଲେ ମୁମ୍ବାଇ ଇଣ୍ଡିଆନ୍ସ ସହ ଶୁକ୍ରବାର ଏଲିମିନେଟ୍‌ର ଖେଳିବ। ଦ୍ୱିତୀୟ କ୍ୱାଲିଫାୟାର ରବିବାର ଖେଳାଯିବା ପରେ ଜୁନ୍ ୩ ତାରିଖରେ ଫାଇନାଲ୍ ଖେଳାଯିବ।

ଗତକାଲି ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଡାକିଥିଲେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର। ରିୟାନ ରିକେଲଟନ୍ (୨୦ ବଲ୍‌ରୁ ୨୭ ରନ୍) ଓ ରୋହିତ ଶର୍ମା (୨୧ ବଲ୍‌ରୁ ୨୪ ରନ୍) ସତର୍କତାର ସହ ବ୍ୟାଟିଂ କରିବାରୁ ମୁମ୍ବାଇ ପାୱାର ପ୍ଲେ ୬ ଓଭର ଭିତରେ ୧ ୱିକେଟ୍ ହରାଇ ୫୨ ରନ୍ କରିଥିଲା। ଉଭୟ କିନ୍ତୁ ଲମ୍ବା ଖେଳିପାରିନଥିଲେ। ତିଳକ ବର୍ମା (୧) ବିଫଳ ହେବା ମୁମ୍ବାଇକୁ ଚାପରେ ପକାଇଥିଲେ ମଧ୍ୟ ସୂର୍ଯ୍ୟକୁମାର ଯାଦବ (୩୯ ବଲ୍‌ରୁ ୫୭ ରନ୍) ଶେଷ ବଲ୍‌ରେ ଆଉଟ୍ ହେବା ପୂର୍ବରୁ ପାଳିକୁ ଏକପ୍ରକାର ସଜାଡ଼ି ନେଇଥିଲେ। ଶେଷ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା (୧୫ ବଲ୍‌ରୁ ୨୬ ରନ୍) ଏବଂ ନମନ ଧୀର (୧୨ ବଲ୍ ?ରୁ ୨୦ ରନ୍) ଭଲ ଅବଦାନ ରଖିଥିଲେ। ୩ ଦ୍ରୁତ ବୋଲର ଅର୍ଶଦୀପ ସିଂହ, ମାର୍କୋ ୟାନସେନ୍, ବିଜୟ କୁମାର ବୈଶାକ ପ୍ରତ୍ୟେକ ୨ ଲେଖାଏଁ ୱିକେଟ୍ ନେଇଥିଲେ।

ସଂକ୍ଷିପ୍ତ ସ୍କୋର: ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୪/୭ (ସୂର୍ଯ୍ୟକୁମାର ଯାଦବ-୫୭, ରିୟାନ ରିକେଲଟନ୍-୨୭, ହାର୍ଦ୍ଦିକ ପାଣ୍ଡ୍ୟା-୨୬, ରୋହିତ ଶର୍ମା-୨୪, ନମନ ଧୀର-୨୦, ଅର୍ଶଦୀପ ସିଂହ-୨/୨୮, ମାର୍କୋ ୟାନସେନ୍-୨/୩୪, ବିଜୟ କୁମାର ବୈଶାକ-୨/୪୪, ହରପ୍ରୀତ୍ ବ୍ରାର-୧/୩୬)। ପଞ୍ଜାବ କିଙ୍ଗ୍ସ ୧୮.୨ ଓଭରରେ ୧୮୭/୩ (ଜୋସ୍ ଇଙ୍ଗଲିସ୍-୭୩, ପ୍ରିୟାଂଶ ଆର୍ଯ୍ୟ-୬୨, ଶ୍ରେୟସ ଆୟର-୨୦ଅ, ମିଚେଲ୍ ସାଣ୍ଟନର-୨/୪୧, ଯଶପ୍ରୀତ୍ ବୁମରା-୧/୨୩)।

# ଭାରତୀୟ ସେନାକୁ ସମ୍ମାନିତ କରିବ ବିସିସିଆଇ


ନୂଆଦିଲ୍ଲୀ: ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାକୁ ସମ୍ମାନିତ କରିବ ବିସିସିଆଇ । ଆଇପିଏଲ ସମାପନୀ ଉତ୍ସବରେ ହେବ ବିଶେଷ କାର୍ଯ୍ୟକ୍ରମ ହେବ । ସେହି କାର୍ଯ୍ୟକ୍ରମରେ ସାମିଲ ହେବେ ୩ ସେନା ପ୍ରମୁଖ ।

ଜୁନ ୩ ଆଇପିଏଲ ଫାଇନାଲ ମ୍ୟାଚ୍ ପୂର୍ବରୁ ବିଶେଷ ଆୟୋଜନ କରିବ ବିସିସିଆଇ । ପହଲଗାଓଁ ଆକ୍ରମଣର ପ୍ରତିଶୋଧ ନେବାକୁ ଭାରତୀୟ ସେନା ଦ୍ୱାରା ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନରେ ଆତଙ୍କୀଙ୍କ ଆଡ୍ଡାକୁ ଧୂଳିସାତ କରିଥିଲେ । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ । ଭାରତୀୟ ସେନାର ପରାକ୍ରମକୁ ନେଇ ସବୁଠି ପ୍ରଶଂସା କରାଯାଉଥିବା ବେଳେ ସେନାକୁ ସବୁଠି ସମ୍ମାନିତ କରାଯାଉଛି ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୫ ମଇ - ୩୧ ମଇ ୨୦୨୫ ସିନ୍ଧୁ ନଦୀଜଳ ସନ୍ଧି ରଦ୍ଦ !





ହାତରେ ମାରିବ, ଭାତରେ ବି ମାରିବ ଭାରତ। କଲବଲ ହୋଇ, ଛଟଛଟ ହୋଇ ଜୀବନ ଜିଇଁବେ ପାକିସ୍ତାନବାସୀ। ଉପରେ ପାକିସ୍ତାନ ନାଁ ଦେଇ ଆତଙ୍କୀସ୍ତାନ ଭାବେ ଦେଶ ଛିଡ଼ା କରିଥିବା ଏ ପଡ଼ୋଶୀକୁ ଖୁବ୍‌ଶୀଘ୍ର ଭାରତ ଚଖାଇବ ପାନେ। ଉଭୟ ଭାରତ ଓ ପାକିସ୍ତାନ ଦେଇ ବହୁଥିବା ୬ଟି ନଦୀର ଜଳ ଭାଗବଣ୍ଟା ପାଇଁ ୧୯୬୦ରେ ସିନ୍ଧୁ ଜଳଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

**ଜାତୀୟ:** ଏବେ ବାଂଲାଦେଶୀ
**ଅନ୍ତର୍ଜାତୀୟ:** ପାକିସ୍ତାନ କ'ଣ ବିଶ୍ୱସ୍ତ ?
**ବିଶେଷ ପ୍ରସଙ୍ଗ:** ସିନ୍ଦୂର ଅଭିଯାନ
**ନାରୀ:** ବାରମ୍ବାର କେଶରେ ମେହେନ୍ଦି ବ୍ୟବହାର କରୁଛନ୍ତି କି ?
**କ୍ଷୁଦ୍ରଗଳ୍ପ:** ମନୁଭାଇଙ୍କ ବାପା
**ଚଳଚ୍ଚିତ୍ର:** ଧନୀ ଶାହରୁଖ୍, ଚଳଚ୍ଚିତ୍ର: ହସ୍ପିଟାଲ୍ ବେଡ୍‌ରେ ଗାଇଲେ ଗୀତ
**ଖେଳ:** ନୀରଜ୍‌ଙ୍କ ପ୍ରମୋଶନ୍, ଚମକିଲେ ଓଡ଼ିଆ ଝିଅ।
**ମୀନାବଜାର:** ପକ୍ଷୀ ଶିକାରା, ଚର୍ଚ୍ଚାରେ: ୨୭ ଜଣରେ ଦେଶ, ବ୍ୟଙ୍ଗ: ତାଳିସେବା, ପର୍ଯ୍ୟଟନ: ମା' ବାଳକୁମାରୀ, ଧର୍ମ: ପେଚା କେମିତି ହେଲା ମାତା ଲକ୍ଷ୍ମୀଙ୍କ ବାହନ ?, କବିତା: ଦିବ୍ୟପୁଷ୍ପ, ଜାଣନ୍ତି କି ? : ଶିବକନ୍ୟା ନର୍ମଦା, ସାସ୍ଥ୍ୟ: ଓଜନ କମାଇବାକୁ ଆପଣାନ୍ତୁ ଏହି ଟିପ୍ସ, ବାସ୍ତୁ: ଘରେ ଲଗାନ୍ତୁ ଏହି ଦିବ୍ୟ ଗଛ, ସ୍ୱତନ୍ତ୍ର ପ୍ରସଙ୍ଗ: କେବେ ସରିବ ଦାସତ୍ୱର ଅନ୍ତ ?, ଆଞ୍ଚଳିକ: ରାଜ୍ୟରେ ଆସିବ ନୂଆ ଇଭି ନୀତି ଏହା ବ୍ୟତୀତ ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ୱାର୍ଲ୍ଡ ଟ୍ରାନ୍ସପ୍ଲାଣ୍ଟ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଲେ ବଲବୀର



ଲକ୍ଷ୍ନୌ : ଉତ୍ତରପ୍ରଦେଶର ବାରବାଙ୍କୀ ବାସିନ୍ଦା ବଲବୀର ସିଂହ ୱାର୍ଲ୍ଡ ଟ୍ରାନ୍ସପ୍ଲାଣ୍ଟ୍ ଗେମ୍ସରେ ବ୍ୟାଡମିଣ୍ଟନ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ଟାଇଟଲ ଜିତିଛନ୍ତି। ୨୦୧୧ରେ କିଡନୀ ଫେଲ୍ୟୁଅରର ଶିକାର ହୋଇଥିବା ବଲବୀର ସିଂହ ୨୦୧୫ରେ ସୋସିଆଲ ମିଡିଆ ମାଧ୍ୟମରେ ୱାର୍ଲ୍ଡ ଟ୍ରାନ୍ସପ୍ଲାଣ୍ଟ୍ ଗେମ୍ସ ବିଷୟରେ ଜାଣିବାକୁ ପାଇଥିଲେ। କିଡନୀ ପ୍ରତିରୋପଣ ପରେ, ସେ କ୍ରୀଡ଼ାକୁ ଫେରି ଆସିଥିଲେ ଏବଂ କଠିନ ପରିଶ୍ରମ କରି ଏହି ସ୍ଥାନରେ ପହଞ୍ଚିଥିଲେ। ଏହି ଯାତ୍ରା ସମୟରେ ତାଙ୍କୁ ଆର୍ଥିକ ଅସୁବିଧାର ମଧ୍ୟ ସମ୍ମୁଖୀନ ହେବାକୁ ପଡିଥିଲା।

ସ୍ପୋର୍ଟସ୍-୯କୁ ଦିଆଯାଇଥିବା ଏକ ସାକ୍ଷାତକାରରେ ବଲବୀର ସିଂହ କହିଛନ୍ତି, ପରିବାର ଏବଂ ବନ୍ଧୁମାନଙ୍କ ସମର୍ଥନରେ ସେ ଏହି ଚ୍ୟାଲେଞ୍ଜକୁ ପରାସ୍ତ କରିଛନ୍ତି। ବଲବୀର ସିଂହ ୭୮ଟି ଦେଶର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ନିଜର ପ୍ରତିଭା ପ୍ରମାଣିତ କରିଥିଲେ ଏବଂ ଦେଶ ପାଇଁ ଗୌରବ ଆଣିଥିଲେ। ସେ ସରକାରଙ୍କୁ ଏହି କ୍ରୀଡାକୁ ପ୍ରୋତ୍ସାହିତ କରିବାକୁ ନିବେଦନ କରିଥିଲେ ଯାହା ଦ୍ୱାରା ଅଧିକ ଖେଳାଳି ଏହି କ୍ରୀଡାରେ ଯୋଗ ଦେଇପାରିବେ। ବଲବୀର କୁହନ୍ତି, କିଡନୀ ଫେଲ୍ୟୁଅର ଭଳି ଗମ୍ଭୀର ରୋଗ ସହିତ ଲଢୁଥିବା ସମୟରେ ମଧ୍ୟ ସେ ବ୍ୟାଡମିଣ୍ଟନ ପ୍ରତି ତାଙ୍କର ଆଗ୍ରହକୁ ଛାଡି ନଥିଲେ ଏବଂ ବିଶ୍ୱ ଟ୍ରାନ୍ସପ୍ଲାଣ୍ଟ ଗେମ୍ସରେ ଚାମ୍ପିଅନ ହୋଇ ଦେଶ ପାଇଁ ଗୌରବ ଆଣିଥିଲେ। ୨୦୧୧ରେ, ଯେତେବେଳେ ତାଙ୍କର କିଡନୀ ଫେଲ୍ୟୁଅର ଚିହ୍ନଟ ହେଲା, ସେ ତାଙ୍କ ଜୀବନରେ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେଲେ। ପରିବାରର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିଲା। ତାଙ୍କ ମାଆ ତାଙ୍କୁ ଏକ କିଡନୀ ଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, କିନ୍ତୁ କୌଣସି ମେଳ ମିଳିଲା ନାହିଁ। ଏହି ସମୟଟି ତାଙ୍କ ଆଶା ଭାଙ୍ଗି ଯାଇଥିବା ପରି ମନେ ହେଉଥିଲା। କିନ୍ତୁ ବଲବୀର ସିଂହ ହାର ମାନି ନଥିଲେ।

୨୦୧୫ରେ, ସୋସିଆଲ ମିଡିଆ ମାଧ୍ୟମରେ, ସେ ବିଶ୍ୱ ପ୍ରତିରୋପଣ ଖେଳ ବିଷୟରେ ଜାଣିବାକୁ ପାଇଲେ, ଯେଉଁଠାରେ ଅଙ୍ଗ ପ୍ରତିରୋପଣ ଗ୍ରହଣକାରୀଙ୍କ ପାଇଁ ଖେଳ ଆୟୋଜନ କରାଯାଏ। ସେ କ୍ରୀଡ଼ାକୁ ଫେରିବାକୁ ସଂକଳ୍ପ ନେଇଥିଲେ। କିଡନୀ ପ୍ରତିରୋପଣ ପରେ, ମୁଁ ଧୀରେ ଧୀରେ ବ୍ୟାୟାମ କରିବା ଆରମ୍ଭ କଲି। ସେ କହିଥିଲେ ଯେ, ପ୍ରାରମ୍ଭରେ ସେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ କିନ୍ତୁ ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ସମର୍ଥନରେ ସେ ଏହି ଚ୍ୟାଲେଞ୍ଜକୁ ପରାସ୍ତ କରିଥିଲେ। ୨୦୧୫ରେ ଆର୍ଜେଣ୍ଟିନା ଏବଂ ୨୦୧୭ରେ ସ୍ପେନରେ ଅନୁଷ୍ଠିତ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ୨୦୧୯ରେ, ରୀନା ରାଜୁ ଫାଉଣ୍ଡେସନ୍ ତାଙ୍କୁ ଆର୍ଥିକ ସହାୟତା ଦେଇଥିଲା। ଅର୍ଗାନ୍ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆର ଅନୁଷ୍ଠାନଗୁଡ଼ିକ ମଧ୍ୟ ତାଙ୍କୁ ସହାୟତା ପ୍ରଦାନ କରିଥିଲେ। ୱାର୍ଲ୍ଡ ଟ୍ରାନ୍ସପ୍ଲାଣ୍ଟ୍ ଗେମ୍ସରେ ପ୍ରାୟ ୭୮ଟି ଦେଶ ଅଂଶଗ୍ରହଣ କରନ୍ତି। ଅନେକ କଠିନ ମ୍ୟାଚ୍ ପରେ ବଲବୀର ସିଂହ ଚାମ୍ପିଅନସିପ ଜିତିଥିଲେ। ସେ କହିଥିଲେ ଯେ, ଏହି ଖେଳରେ ସରକାରଙ୍କ ପକ୍ଷରୁ କୌଣସି ସମର୍ଥନ ନାହିଁ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583